Split by PDF Splitter

ଦ୍ରୁସନ୍ତ ବ୍ୟଞ୍ଜନବର୍ଣ୍ଣର ବ୍ୟାବୃତ୍ତି ଏ ପ୍ରଶଂସାର ବିଷୟ ଏଥିପାଇଁ ବହୁ ସମାଲୋଚକ ମହାଶୟ ଅନ୍ୟାନ୍ୟ ଭାଷାବ୍ୟାକରଣ ସ୍ୱରା ଦେଖି ଜାହାନ୍ତି । ଅତ୍ର ** ସଂଖ୍ୟକ ଉତ୍କଳଦୀପିକାରେ ଦେଖିଲୁଁ ଯେ ସର୍ବବିଷୟରେ ସମାଲୋଚକ ମହାଶୟ ଯେ ଦୋଷମାନ ଧରିଅଛନ୍ତି ତାହାର କେତେକ ଗୁଡ଼ିଏ ଉତ୍ତର ତାଙ୍କିର ପଣ୍ଡିତ ମହାଶୟମାନେ ଦେଇଅଛନ୍ତି ମଧ୍ୟ ତାହା ପାଠ କରି ଜାଣିଲୁଁ ଯେ ସେମାନଙ୍କର ଏହାଙ୍କଠାରୁ ବ୍ୟାକରଣ ଶାସ୍ତ୍ରରେ ବଳ ବ୍ୟୁତ୍ପତ୍ତି ଅଛି । ତାହାର ବିଶେଷ ଉତ୍ତର ଏବଂ ଅବଶିଷ୍ଟ ଜାଗର ଉତ୍ତର ତାହାନ୍ତରେ ଲେଖିଅଛୁଁ ଇତି । କ୍ରମଶଃ

ତା ୪ ରଖ ସେପ୍ଟେମ୍ବର ସନ ୧୮୮୭ ମସିହା ।

ଶ୍ରୀ ଶ୍ରୀନାଥ ତର୍କବାଗୀଶ ଦେଉ ପଣ୍ଡିତ
ଯୁଗାଙ୍ଗ ସ୍କୁଲ ।
ଶ୍ରୀ ଜୟଗୋବିନ୍ଦ ତର୍କସିଦ୍ଧାନ୍ତ
ବାହାର ପଣ୍ଡିତ ।

ମୂଲ୍ୟପ୍ରାପ୍ତି ।

ବାବୁ ଦେବେଶ୍ୱର ପାଣିଗ୍ରହୀ		ଅଗ୍ରିମ	ଟ ୩୮
" ଗୋବିନ୍ଦନାଥ ରାୟ	ବେଣ୍ଡାପଡ଼ା	ବକ୍ସୀ	ଟ ୨୮
" ଅଚ୍ୟୁତ ବିଦ୍ୟାଭୂଷଣ	ଦେବାଗାଁ	ଅଗ୍ରିମ	ଟ ୩୮
" ରାଧାରମଣ ସାମନ୍ତ ରିଫାର ଡାକ୍ତରେ		"	ଟ ୩୮
" ଗୋପବନ୍ଧୁ ଚାଟାର୍ଜ୍ଜି	ବଟକ	"	ଟ ୧୮
ମୁନସି ସେଖ୍ ଜାଫର	ବଣିପଡ଼ା	ବକ୍ସୀ	ଟ ୩୮
ବାବୁ ବଳରାମ ଭଞ୍ଜ	ବଟକ	ଅଗ୍ରିମ	ଟ ୩୮
" ଜଗଦୀଶ ଘୋଷ		"	ଟ ୨୮
" ଦାମୋଦରଙ୍କ ପାଣ ଜାନୁଗୋଇ	ବାରପାଟଣା	"	ଟ ୩୮
" ମାଧୁମିଶ୍ର	ବଟକ	"	ଟ ୧୮
" ପଲବୁଧନ ମୁଣ୍ଡିର	ସମ୍ବଲପୁର	"	ଟ ୨୮

ବିଜ୍ଞାପନ ।

PUBLIC WORKS DEPARTMENT
SOUTH WESTERN CIRCLE.

NOTICE.

The Orissa Coast Canal Range IV B between Soolputta on the Panchpara River and Nulcool on the Burrabolong River measuring 6½ miles was opened to traffic on the 1st Instant.

A. HAYES
Executive Engineer
Balasore Division

ବଙ୍ଗଦେଶର ପୂର୍ତ୍ତକାର୍ଯ୍ୟ ବିଭାଗ ।
ବିଜ୍ଞାପନ ।

ଏହିଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ପଞ୍ଚପଡ଼ା ନଦୀ ଉପରସ୍ଥିତ ସୁଲପଟ୍ଟା ଓ ବୁଢ଼ାବଳଙ୍ଗ ନଦୀ ଉପରସ୍ଥିତ ନଲକୁଲି ମଧ୍ୟସ୍ଥିତ ୬½ ମାଇଲ ପରିମିତ ଓଡ଼ିଶା-କୋଷ୍ଟକେନାଲର ୪ ବି, ରେଞ୍ଜ ଚଳିତମାସ ତା ୧ ରଖରେ ବେପାର ନିମିତ୍ତ ଫିଟିଲା ।

A. HAYES
Executive Engineer
Balasore Division

ଚଣ୍ଡୀ ।

ବାମଣ୍ଡା ଜଗନ୍ନାଥବଷ୍ଟିକ ପ୍ରେସରେ ଦେବୀ-ମାହାତ୍ମ୍ୟ [ଚଣ୍ଡୀ] ଭାଷା ଟୀକାସହିତ ଉତ୍କଳାକ୍ଷରରେ ମୁଦ୍ରାଙ୍କିତ ହୋଇଅଛି ଏହାର ଦାମ ଟ ୧୩ ଅଟେ ଏ ପୁସ୍ତକ ପୃ ୩୧୮ ଖଣ୍ଡ ଅଟେ ଏବଂ ଏଥିରେ ଅର୍ଗଳ କୀଳକ ବିନତ ଶାପୋଦ୍ଧାର ଫଳଶ୍ରୁତି ସ୍ତୁତିପାଠ ଜପ୍ୟମ ଓ ଜବାକ୍ଷସ୍ତ୍ର ମନ୍ତ୍ରାଦିସହିତ ପ୍ରକାଶିତ ହୋଇଅଛି ଏହିପୁସ୍ତକ ନିମ୍ନଲିଖିତ ଠିକାନାରେ ମଧ୍ୟ ପ୍ରାପ୍ତ ହେବ ଗ୍ରାହକମାନଙ୍କୁ ଡାକମାସୁଲ ଦେବାକୁ ହେବ ନାହିଁ । ଇତି ତା ୧୭।୮।୮୭

ଶ୍ରୀ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟ କଟକଙ୍କ ନିକଟରେ ଓ ଶ୍ରୀ ମୋହନ ପଟ୍ଟନାୟକ ମୋଖ୍ତାର ସମ୍ବଲପୁରଙ୍କ ବିଭାଗ ବୋହାଳରେ ପ୍ରାପ୍ତବ୍ୟ ।

ବାମଣ୍ଡା । ଜ । ସମ୍ବଲପୁର } ଶ୍ରୀ ବାବୁ ବୃନ୍ଦାବନଚନ୍ଦ୍ର ଦେବ—ସେକ୍ରେଟରୀ ଜଗନ୍ନାଥବଷ୍ଟିକ ପ୍ରେସ୍ ।

ବିଜ୍ଞାପନ ।

ନିମ୍ନ ଲିଖିତ ପୁସ୍ତକମାନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀର ଶାଖାଖାନାରେ ବିକ୍ରୟ ହେଉଅଛି । ମଫସଲର ଗ୍ରାହକଙ୍କୁ ମୂଲ୍ୟ ଛଡ଼ା ଖଣ୍ଡପ୍ରତି ଡାକମାସୁଲ ଟ ୦/୬ ଲେଖାଏ ପଡ଼ିବ ।

ପ୍ରସ୍ରାବସିନ୍ଧୁ	ମୂଲ୍ୟ	ଟ୦୫
ପାଷଣ୍ଡଦଳନ	ମୂଲ୍ୟ	ଟ୦/୬
ଶୋଭାବତୀ ଗ୍ରନ୍ଥ	ମୂଲ୍ୟ	ଟ୦m/

PUBLIC WORKS DEPARTMENT,—BENGAL.
IRRIGATION.
The 19th July, 1887.

No. 246—Notification.—Notice is hereby given that the Lieutenant-Governor of Bengal proposes, under the provisions of Act II (B. C.) of 1882, to declare that clause *b*, section 76 of that Act shall take effect over a tract of country extending for one mile in the bed of the Mahanady river from its right bank from mouzah Biranasi to the Jobra Anicut. The erection of any new embankment or any addition to an existing embankment, or the obstruction or diversion of any water-course within the tract above defined without previous sanction of the Collector of Cuttack, in Orissa, is prohibited.

C. W. HARRISON *Lieut. Col. R. E.,*
Offg. Joint-Secy. to the Govt. of Bengal,
P. W. Dept.

କବିରାଜ ଶ୍ରୀ ବେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
ନ ୧୦ ମିର ଗ୍ରେ ଷ୍ଟ୍ରିଟ, ଶ୍ୟାମପୁକୁର,
କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ବିଜ୍ଞପ୍ତିକା ସହ ପୀଡ଼ା ସମୂହାପହ ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗୀମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧ ରସ ।

ଏହି ପ୍ରସିଦ୍ଧ ଔଷଧ ସେବନ କଲେ ଜଟିଳ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯସ୍ରାବ, ଖଡ଼ିଚଳବହ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଘାତ ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସ୍ୱରା ପୀଡ଼ା ଶୀଘ୍ର ସମ୍ଭଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨/ ବଡ଼ ୧ ଶିଶିର ମୂଲ୍ୟ ଟ ୩/ ପ୍ୟାକିଂ ଖର୍ଚ୍ଚା ଟ ୦ ୵

ପ୍ରମେହ—ଗୁପ୍ତ ।

ଏହା ସେବନ କଲେ ଗର୍ଭାଶୟ ଅଣ୍ଡିଲ ଦୋଷ ସମସ୍ତ ଫଳୋଦ୍ଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, ଦିଗ୍ଭ୍ରମ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳଦର, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର କ୍ୟାପାଟ ଲକ୍ଷ୍ମ କରେ ।

୧ ଶିଶିର ମୂଲ୍ୟ ଟ ୨/ ଓ ପ୍ୟାକିଂ ଖର୍ଚ୍ଚା ଟ ୦୵

Digitized by srujanika@gmail.com

Split by PDF Splitter

ଓଡ଼ିଶା ମିଶନ ପ୍ରେସ କାଟକ ।

୧୮୫୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।

ଏଷ୍ଟିମେଟ ମାଗିଲେ ମିଳିବ ।

ମେହରୋଗ ।

ଶ୍ରୀଯୁକ୍ତ ଗୋମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଜଳାର୍ତ୍ତ ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସ୍ୱଭାବେ ଜୀବନର ମାୟା ପରିତ୍ୟାଗ କରିନୁହେ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଜନ ଗୁରୁ ସପ୍ତାହରେ ସ୍ୱଭାବଜନିତ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଷ୍ଫଳ କରିଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉତ୍ତମରୀତିରେ ପରିଣତ ନ ହେଲେ ଆଉ ଜୀବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ ବିଲବିଭା ଅବେରଖୋଲ ନମ୍ବର ଭବନରେ ସ, ବେ, ଗୁପ୍ତ କିମ୍ବା ନିଜଙ୍କଠାରେ ଏବଂ କଟକ ବଜାରସ୍ଥିତ ପ୍ରିଣ୍ଟିଂକିମ୍ବା ନିଜ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସିସିକୁ ୫/୬ ଟଙ୍କା । ସୂଚନା ଓ ଡାକଖର୍ଚ୍ଚା ପୃଥକ୍ ।

ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସ୍ୱକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ-ମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

ବାଲିକାଗଜ ।

ଚଳନ୍ତିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟସ୍ଥ ବାବୁ ଅର୍ଜୁନଚନ୍ଦ୍ର ଦାସ କିମ୍ବାଳିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୧୨ ପଣି	ବାଲି	ରୁ ୧୬	ଟ ୧୩/	ରୁ ୧୬	ଟ ୦ ୵/୨
୧୪ ପଣି	"	"	ଟ ୨୩	"	ଟ ୦ ୵/୦
୧୨ ପଣି	"	"	ଟ ୨	"	ଟ ୦ ୵
୩୦ ପଣି	"	"	ଟ ୩	"	ଟ ୦ ୮/୨

କ୍ରେତାମାନେ ଅର୍ଥାତ୍ ଯେଉଁମାନେ ଏକ-ତ୍ରରେ ରୁ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରିବଜାର ବସା ନିକଟସ୍ଥ ଅମ୍ବମାନଙ୍କ ଦୋକାନରେ ତନ୍ତରକୋଣା ଓ ବଲଗ ଓ ରେଷମୀଓଗେର ଲୁଗା ଓ ଷ୍ଟୋଷଲସ୍ତ ଓ ଜଳ-ଜଙ୍ଗ ଜମାଖ ସତରଞ୍ଚର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଭଦ୍ରଲୋକ ଆଉ କେତେକ ଫେନସ୍ ଜଳପାନ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏହିଭା ଅମ୍ଭେମାନେ ବଙ୍ଗଦେଶର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ଏବଂ ଅପଣା ମଜଲସ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ଚାହିଲୁ ଫି ବଗ ୫/୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ଭାଡ଼ାର ଅତି ଖସ୍ତାଳତର ଚାର ଭାଙ୍ଗ ଉପରେ ଥିବ । ଖରାପ ହେଲେ ଝାଡ଼ର ପୂରା ମୂଲ୍ୟ ଭାଙ୍ଗି ଦେବାକୁ ହେବ ।

ଲିଫସିଲ୍ ।

ବଗର ଦେଉଣା ଓ ଚଉରେ ଗୁଡ଼ ଦେବେ ଶ୍ରେଷ୍ଠ
ବଗେଦହାଡ
ବଗେଶ୍ୱାର୍ ଦେଇ ବଗଦା ଦେଇ ଖାଁଦା ଓ ଦୋଷ ସହିତ ।
ଭୂତ ଅର୍ଥାତ୍ ଦବଶ ବଗଦା ଦାଗଦ ଦେଖିଲ ଓ ଜଳ୍ପ ।
ଦେଖିଲ ବାଟିଆ ଗନ୍ଧ ।
ଜାନା ପ୍ରବାରର ଠଠ-ବାଗନ ଓ ଲଘାପା
ଖାଟ ପିଦ୍ରସ ଓ ବଡ଼ ଉଜିନ ଓ ଷ୍ଟ
ବଗଗ ଦେଦେଇ
ରନର୍ଦ୍ଧ ଭୂଗିଫଗଛ
ଏବଫଗ ଭୂସ
ଦେଲିସନ ଭଗୋର ସମ ଦେଖିଲ ଅଏଲ
ମାର୍ଜିଂ ଜାଗା ଭୂସାଦେ ବଗ ଦେଖେ ଖୋଳ ଦେଖେ ବଗ ଦେଖେ ବାହ ।
ଏ, ଦେଖିଲ ଖସ୍ତଦେଖ ବାମାଳ ଓ ବଦ୍ଧ ।
ହେଁଗ୍ରୀ ଭ୍ରାଥ ।
ଟିକ ଛଡ ।
ବଗଗ ଖାଦ୍ୟ ।
ଭାବାଦ ଖାବାନ ଖର୍ଚ୍ଚ ଦେ ଭୂଗା ପରିଷ୍ଠାଚ ଭ୍ରବ ।
ଅଖୋଚ ଦେଖ—ଅର୍ଥାତ୍ ଖୁଗଲ୍ଲ ଭ୍ରବ ।
ଅଏଲ ଭ୍ରଥ ।
ଓଁଖାର ଖୁଦ୍ ଛଡ ।
ବଗ୍ରଭ ଅଦ ।
ଦୋଦେଭାଇନ୍ ।
ଗୋଭଖ୍ରମ ଦେଖିଲ-ଦେଖ ଓ ବଗ୍ରଭ ଗୋ-ଭରେ ଘଦେ
ଭ୍ରାଗ ବାଟ ଅର୍ଥାତ୍ ଦେଖିଗାଦେଲେ ଖଳ ଓ ଖୁଣିଦେ ବଳା ଦେଖ ।
ଅଏଳ ଚଭ୍ରା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ଉଦେଶ୍ରୁବ ଜଂବଜ ଗାଣ୍ଠି ସ୍ପଚ୍ଚ ଟ ୦ ୮/୨
ମୋଦା ଓ ମୋଦାବଜ ବିକ୍ରମ ଖୁଅ ଜଜଗଜ
ବଗଗ ଖାଣ୍ଟ ବଳା ବଚ ଓ ଖାଇବର ଗୌଜ ଫିଗ ।
ବଗଗ ଅଦଦେଖ
ଏଗ୍ରଜ ଭାରଗ ।
ଖୁଅନ ଦେଖ ।
ଅଖମେଖ ଦେଖ୍ରିଲ୍ ଅ ଅଁଚ ଓ ଦେଖ୍ରିଲ୍ରେ ଦେଖ ଦେଖ ବଗ ଦେଖ ଦେଖ ଦେଖ ଦେଖ ଦେଖ ଦେଖ ଦେଖ ଦେଖ ଦେଖ ।
ବଗିଜ ଦେଖର ।
ଦେଖ୍ରିଲ୍ରେ ଦେଖ ଦେଖ ଦେଖ ।
ଭାଗ ଖାଇ ।
ଦେଖ ଦେଖ ଦେଖ ଦେଖ ଦେଖ ଦେଖ ।
ମନ୍ଦ ।
ଦେଖ୍ ଦ୍ ଦେଖ୍ରିଲ୍ ।
ବମ ଦୋଦଲ
ବଗାଇଗ ଗାଗ ଓ ଗୋଭ ଓ ଜଗ
ମରଖ୍ରଗାଗ ଓ ଓଁଖ-ପାଇ ଖାଇଗୋଭ ଓ ଗାଗ ।
ଦ୍ରିଣ୍ଟ ବଳ

ପ୍ରିଚାରାଇ ।

ଏ ଭାରକୁ କେଉଁଏସ ପାଣ୍ଟରେ ଭ୍ରମ୍ଭ ଜଣ ରେ ଭରଜାଇ କେଠାଇଙ୍କର ଫାଟକରେ ଦେଲେ ପାଣ୍ଟିଗଲା ବଳ ହେବ ଗଉର ମହିଁ-ଅରେ ଲେପିଦେଲେ ମଜଭୁତ ଓ ଜଳ ଏଇବ ନାହିଁ ।

ବଗିର ଚମଡ଼ା ଓ ସାଳରେ ଲଗାଇବାର ଭାଳ ମଧ୍ୟ ଅଛି ।

ଅଇଲବଇବ ଚଳ ଜଣାଇ

ଜଳପତ୍ରିକାରେ ବିଜ୍ଞାପନ ଦେବାପାଇଁ ଦର । ପରେ-ଓଡ଼ ଭୂଗେ ଖାଲ୍ ଦୋଇଅଛ ଖାଲ ।

ପ୍ରତିପ୍ରତିଟ ପଦାରେ

ଖାଟ ଛଡ ଟ ୦ ୵
ଅଖ ମ୍ରଖ୍ ଟ ୨ ୮
ଦ୍ରର୍ଣ୍ଣ ଖଳ (ସ୍ପଷ୍ଟ) ଟ ୦

ମାତ୍ର ଦୋଇଟି ବିଜ୍ଞାପନ ଦେଲେ ଅଧ ଦେଖିବେ ବହିଁ ଦ ଏଇ ଟ ୦ ୦ ରୁ ଭଣା ହେଇ ଯାଇ ।

ଚ ଚଦ୍ ଓ ଚଦ୍ରଖ୍ରଚ ସକାଶେ ଏଇ ପ୍ରଥମ ଅଧିକ ଦେଖା ଓ ଚ ଦ୍ରଖ ଜଣାଇବେ ଦେଇ ।

ଅଖ୍ରଚ ଚ୍ରଚ ସକାଶେ ଖଚ ଚ୍ରଦ୍ରଭାଖ ଦୋଇ ଖାଚ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ଅଗ୍ରିମ ଦେଇ ।

ଜଳପତ୍ରିକା ଏହାର ଦ୍ରଚ ଦ୍ରଚ ଦ୍ରଚ

Split by PDF Splitter

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୨ ସ
ସ ୩୮ ଖଣ୍ଡ

ତା ୧୭ ୦୮ ମାନେ ସେପ୍ଟେମ୍ବର ସନ ୧୮୮୭ ମସିହା । ମ୍ଭ । ଅଶ୍ୱିନ ତ ୩ ତ ସନ ୧୨୧୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାତ୍ଦେୟ ଟ ୨୯

ଦୁର୍ଗାପୂଜା ଉପଲକ୍ଷରେ ଆଗାମି ବୁଧବାର-ଠାରୁ ସରକାରୀ କଚେରୀମାନ ତ ୧୨ ଦିନ ବନ୍ଦ ରହିବ ଓ ବହୁତ ପ୍ରିଣ୍ଟିଂ କମ୍ପାନିଙ୍କ କର୍ମଚାରୀମାନେ ମଧ୍ୟ ସେହି କେତେଦିନ ଅବସର ପାଇବେ । ଏହି ସମୟମଧ୍ୟରେ ଏବର୍ଷ ଯୋଡ଼ିଏ ଶନିବାର ଏମନ୍ତଭାବରେ ପଡ଼ୁଅଛି ଯେ ତହିଁମଧ୍ୟରେ ଉଚ୍ଚଲଖାଇବା ଛାଡ଼ା କରିବାର ଆଉ ସୁବିଧା ନାହିଁ । ସୁତରାଂ ଆମ୍ଭେମାନେ ପାଠକବର୍ଗଠାରୁ ଦୁଇସପ୍ତାହ ବିଦାୟ ପ୍ରାର୍ଥନା କରୁଅଛୁଁ । ଦରକାର ହେଲେ ଅନୁପ୍ରବନ୍ଧକ ତାହା ପ୍ରଦାନ କରିବେ । ଏବଂ ତହିଁ ଉତ୍ତାରୁ ଆମ୍ଭେମାନେ ନିୟମାନୁସାରେ ସେମାନଙ୍କ ସେବାରେ ନିଯୁକ୍ତ ହେବୁଁ ।

ଗତ ବାହାବାରେ ପାଠକଙ୍କୁ ଯେ କୋଷ୍ଟ-ହେଡ଼ାଲ ଫିଟିବାରୁ ଦୋରମିଲର କମ୍ପାନିଙ୍କ ଅଗ୍ନିବୋଟ ଯାତାୟାତ କରୁଅଛି ଏବଂ ତହିଁର ବିସ୍ତାର ବିବରଣ ସେ ଆଗାମିରେ ପ୍ରକାଶ କରିବାକୁ ଲେଖିଅଛୁଁ । କମ୍ପାନୀ ଅବଧି ଦୌଣସି ବିଜ୍ଞାପନ ପ୍ରକାଶ କରି ନାହାନ୍ତି ସୁତରାଂ ସକଳକଥା ଜଣାପଡ଼ି ନାହିଁ ମାତ୍ର ଗତ ବୁଧବାର ଉକ୍ତ କମ୍ପାନିଙ୍କର ପ୍ରଥମ ଜାହାଜ ଏଠାରେ ଆସି ପହଞ୍ଚି ଅଛି । କଲିକତାରୁ ତହିଁରେ କେତେଜଣ ଯାତ୍ରି ଆସିଅଛନ୍ତି ଉକ୍ତ ଜାହାଜ ତ ୪ ଜରେ କଲିକତାରୁ ଆସିଲା । ଆଉ ଖଣ୍ଡେ ଜାହାଜ କାଲି ପହଞ୍ଚିବାର କଥା ଥିଲା ।

ଗ୍ରାନବାଲଚିକିତ୍ସାଳୟ-ସମ୍ବନ୍ଧରେ ଏଠାକାର ଷ୍ଟାଟୋର୍ଡ ବହୁ ସାହାଯ୍ୟ ନ ଦେବା କଥାକୁ ଉଲ୍ଲେଖ କରି କାହାକା ଲେଖିଅଛନ୍ତି ତ କୋଷ୍ଟ-ହେଡ଼ାଲ ଫିଟିଲେ ସୁଦ୍ଧା ଉକ୍ତ ଚିକିତ୍ସାଳୟ-ଦ୍ୱାରା ଯାତ୍ରିଙ୍କର ବିଶେଷ ଉପକାର ହେବ ଏବଂ ତାହା ସେ ଅଙ୍ଗୁଳିଦ୍ୱାରା ଦେଖାଇ ଦେବେ । ଆମ୍ଭମାନଙ୍କର ଦୟା ହେଉଅଛି ଯେ କୋଷ୍ଟହେଡ଼ାଲ ବାଧ ଗ୍ରାନବାଲଠାରୁ କେତେଛୁଡ଼ାରେ ଅଛି ସହଯୋଗୀ ତାହା ନିଶ୍ଚୟକରି ବୁଝି ନାହାନ୍ତି । ଅଥବା ତାହାଙ୍କ ବିବେଚନାରେ କୋଷ୍ଟହେଡ଼ାଲ ଫିଟିଲେ ସୁଦ୍ଧା ଅଧିକାଂଶ ଯାତ୍ରି ସମୁଦ୍ର ବାଟେ ଗମନାଗମନ କରିବେ । ଯାହା ହେଉ ଗ୍ରାନବାଲ ଚିକିତ୍ସାଳୟ ସକାଶେ ଯଥେଷ୍ଟ ଟଙ୍କା ସଂଗୃହୀତ ହୋଇଥିବାରୁ ଏବର୍ଷରେ ଆଉ ପ୍ରୟୋଜନ ନାହିଁ ।

ସରକାରୀ ଗ୍ରେଜେଟରେ ବୁଡ଼ିସିହା ଘଟିତ ଅବସ୍ଥାମାନ ଅନୁସନ୍ଧାନ ନିମିତ୍ତ ଯେଉଁ ଅଦାଲତ ବସିଥିଲେ ସେମାନେ କାର୍ଯ୍ୟ ଶେଷକରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ ପଠାଇଅଛନ୍ତି । ରିପୋର୍ଟର ସାରାଂଶ ଏହି ତ ଉକ୍ତ ଜାହାଜର କପ୍ତାନ ଭଲିଲସାହେବ ଅପରାଧୀ ମର୍ଷିତା ପ୍ରକାଶ ଭୋଙ୍ଗାଳ ସମୟରେ ସମୁଦ୍ରକୁ ଜାହାଜ ଛାଡ଼ିଦେବାରୁ ଏପରି ଘଟିଲା । ଜାହାଜ ସମୁଦ୍ରରେ ଗମନାଗମନର ଯୋଗ୍ୟ ଥିଲା । ଯେତେ ଯାତ୍ରି ଉକ୍ତ ଜାହାଜରେ ଯିବାର ନିୟମ ଅଛି ତହିଁରୁ ଅଧିକ ଯାତ୍ରି କପ୍ତାନଙ୍କ ଜ୍ଞାତସାରରେ ଚଢ଼ିଥିଲେ ମାତ୍ର ଦୁର୍ଭାଗ୍ୟ ଏ ଦୁର୍ଘଟଣା ଦୋଷ ନାହିଁ । ପୋର୍ଟ କମିଶ୍ନରମାନେ ଜାହାଜ ଚାଲାଇବା ବିଷୟରେ ଯେଉଁସବୁ ଅବଲମ୍ବନ କରିଅଛନ୍ତି ତାହା ନିତାନ୍ତ ଅସନ୍ତୋଷଜନକ ଏବଂ ଭୋଙ୍ଗାଳସମୟରେ ସଙ୍କେତ ଦେବାର ନିୟମାବଳୀ ସଂଶୋଧିତ ହେବାର ଆବଶ୍ୟକ ।

ଗତ କଲିକତାଗଜେଟରେ ଡେପୁଟୀମାନଙ୍କ ପଦୋନ୍ନତି ଏବଂ ମୁନସିଫମାନଙ୍କ ବଦଳି ବିଷୟରେ ସୀର୍ଘ ଆଦେଶପତ୍ର ପ୍ରକାଶିତ ହୋଇଅଛି । ଓଡ଼ିଶାସମ୍ପର୍କୀୟ ଆଦେଶମାନ ସ୍ଥାନାନ୍ତରେ ପ୍ରକାଶିତ ହେଲା । ହାଇକୋର୍ଟ ଯେମନ୍ତ ସୁବର୍ଣ୍ଣପୁରଙ୍କ ମୁନସିଫମାନଙ୍କୁ ଏକସ୍ଥାନରେ ସୀର୍ଘକାଳ ରଖି ନ ଦେଇ ବଦଳି କରନ୍ତି ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ହାକିମ ଓ ଡେପୁଟୀଙ୍କ ବଦଳି ବିଷୟରେ ଚେଷ୍ଟା କରିବାର ଉଚିତ । ଦୌଣସି ହାକିମକୁ ଏକସ୍ଥାନରେ ସୀର୍ଘକାଳ ରଖିବା ଉଚିତ ନୁହେଁ । ବଦଳିଦ୍ୱାରା ସରକାରୀ-କର୍ମଚାରୀ ଏବଂ ଲୋକ ଉଭୟଙ୍କର ମଙ୍ଗଳ । ଅବଶ୍ୟ ସ୍ଥଳବିଶେଷରେ ଉତ୍ତମ କର୍ମଚାରୀଙ୍କ ବଦଳିରେ ସେଠାଲୋକେ ଦୁଃଖିତ ହୁଅନ୍ତି ମାତ୍ର ଯେସ୍ଥଳେ କର୍ମଚାରୀଙ୍କ ମଧ୍ୟରେ ଭଲ ମନ

Digitized by srujanika@gmail.com

Split by PDF Splitter

ଉଦ୍ଦେଶ୍ୟ ପ୍ରକାର ଲୋକ ଅଛନ୍ତି ଏବଂ ସମସ୍ତ ପ୍ରବେଶ କମିତ୍ତ ସେମାନେ ଜୟଯୁକ୍ତ ହୋଇଅଛନ୍ତି ସେ ସ୍ଥଳେ ସମସ୍ତେ ସେମାନଙ୍କୁ ବାଧି ଭୋଗ-କରିବା ଉଚିତ ହେଉଅଛି ।

ବଙ୍ଗପ୍ରଦେଶର ଜଙ୍ଗଲବିଭାଗର ଗତବର୍ଷ ଟ ୬୫୬୬୩୫ ଆୟ ଏବଂ ଟ ୪୬୬୭୮୧ ବ୍ୟୟ ସ୍ୱତନ୍ତ୍ର ଟ ୨୩୦୮୫୩୫ ଲାଭ ହୋଇଥିଲା । ଉକ୍ତ ପୂର୍ବବର୍ଷର ଲାଭ ପ୍ରାୟ ଏତଦପେକ୍ଷା ଅର୍ଥାତ୍ ଉନବିଂଶ ଟଙ୍କା ମାତ୍ର ଊଣା ହୋଇଥିଲା । ସରକାରୀ ଜଙ୍ଗଲର ପରିମାଣ କ୍ରମଶଃ ବୃଦ୍ଧି ହେଉଅଛି ଓ ଉକ୍ତ ବିଭାଗର ଦାବିବା ଜଣକଣା ବଳରୂପେ ହେବାର ବିଚାରସ୍ଥଳରୁ ପ୍ରକାଶ ପାଉଅଛି ମାତ୍ର ଜଙ୍ଗଲ-ବନୋବସ୍ତ ସମ୍ପର୍କରେ ଚାଳିବା ବାଟ ଓ ପଶୁ ଚରାଇବା ବିଷୟରେ ଲୋକଙ୍କର ଯେଉଁ କଷ୍ଟ ହେଉଅଛି ସେ ସମ୍ପର୍କରେ ଚୌଣସି ଜଣା ଶ୍ରେଷ୍ଠଲାଟ ସାହେବଙ୍କ ମନ୍ତବ୍ୟରେ ନ ଦେଖି ଅମ୍ଭେମାନେ ଦୁଃଖିତ ହେଲୁଁ । କେବଳ ଅପବ୍ୟୟ ଦୃଷ୍ଟିରେ ଚୌଣସି ମହ-ଭୁମାର କାର୍ଯ୍ୟର ସମାଲୋଚନା କରିବା ଅପେକ୍ଷା ନୂତନ ଲୋକଙ୍କର ସୁବିଧା ଅସୁବିଧା ତ ପରିମାଣରେ ଘଟୁଅଛି ତତ୍ପ୍ରତି ଦୃଷ୍ଟି ରଖିବା ଗବର୍ଣ୍ଣମେଣ୍ଟଙ୍କର ପ୍ରଧାନ କାର୍ଯ୍ୟ ହେଉଅଛି ଏବଂ ସମସ୍ତ ବିଭାଗୀୟ ବିଚାରସ୍ଥଳରେ ତାହା ରହିବାର ଉଚିତ ।

ସ୍ପାଇଲ୍ସରେ ପ୍ରକାଶିତ ବାବୁ ନବଲାଲ-ବନ୍ଦ୍ୟୋପାଧ୍ୟାୟ ପ୍ରଣୀତଙ୍କ ସ୍ୱାକ୍ଷରିତ ପତ୍ରରୁ ପାଠକମାନେ ଦେଖିବେ ଯେ ଏଠା ଉତ୍କଳ-ବ୍ରାହ୍ମସମାଜ ସାଧୁବାବୁଙ୍କ ଚରିତ୍ରବିଷୟରେ ଅନୁସନ୍ଧାନ କରିବାରୁ ପ୍ରବୃତ୍ତ ହୋଇ ଲଳିତ-ମୋହନ ବାବୁଙ୍କୁ ଦ ୧୫ ଜରୁ ଅଧିକ ଦେଇ ଏକ ପତ୍ର ଲେଖିଥିଲେ ମାତ୍ର ସେ ଅବଧି ତହିଁର ଉତ୍ତର ଦେଇ ନାହାନ୍ତି । ଭୟରୁ କରୁଁ ସେ ତହିଁର ଉତ୍ତର ଦେବେ । କାରଣ ପତ୍ରର ଉତ୍ତର ଦେବା ବ୍ରହ୍ମସମାଜର ନିୟମ ଅଟେ ବୋଲି ପତ୍ରପ୍ରେରକମାନେ ଯେସ୍ଥଳେ ଲେଖିଅଛନ୍ତି ତ ସଭ୍ୟ-ମଣ୍ଡଳରେ ସ୍ପଷ୍ଟରୂପେ ଚୌଣସି ଦୋ-ଷର ଉଲ୍ଲେଖ ନାହିଁ ସେସ୍ଥଳେ ସେ ବିଷୟରେ ଅଧିକ କିଛି ସମ୍ବାଦ ନେବା ଅଥବା ତହିଁର ବିଚାର କରିବାର ଆବଶ୍ୟକତା ବୁଝାଯାଉ ନାହିଁ । ଏହିଆ ମଧ୍ୟ ବୋଲିବାକୁ ପାରେ ଯେ ସମାଜର ମତ ସାଧାରଣ ମତ ସହିତ ଐକ୍ୟ ନୁହେଁ କାରଣ ସଭ୍ୟମଣ୍ଡଳର ପ୍ରଶ୍ନମାଳା ଦ୍ୱାରା ସାଧୁବାବୁଙ୍କ ଚରିତ୍ରପ୍ରତି ଦୋଷାରୋପ ହୋଇ-ଅଛି ଏବଂ ସ୍ୱାକ୍ଷରକର ଗତ ପୂର୍ବସଂଖ୍ୟାରେ ତାହା ସ୍ପଷ୍ଟରୂପେ ଲେଖାଅଛି ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯ "ଶ୍ରୀ ଜୟକୃଷ୍ଣ ଗଜାଙ୍କ ଗାଡ଼ିଗଣୀ ଗତ ଅଗସ୍ତ ମାସ ତା ୨୬ ରଖ ଶୁକ୍ରବାରରେ ସ୍ୱର୍ଗପ୍ରାପ୍ତ ହୋଇ ଅଛନ୍ତି ଗାଡ଼ିଗଣୀଙ୍କ ପରଲୋକ ହେବା ପର-ଦିବସଠାରୁ ଦଶାହପର୍ଯ୍ୟନ୍ତ ଛତ୍ରଭୋଗର ବ୍ରାହ୍ମଣ ମିଷ୍ଟାନ୍ନ ଭୋଜନ କରିଥିଲେ ଓ ଏକାଦଶ ଦିନ ଶୋଳିଦଜାର ବ୍ରାହ୍ମଣ ମିଷ୍ଟାନ୍ନ ଭୋଜନ କରି ଦ୍ୱାଦଶ ଦିନ ଟ ୩୮୦୦୍ ଟଙ୍କା ବିଦାଳି ପାଇ ଅଛନ୍ତି । ଉକ୍ତ ଦ୍ୱାଦଶ ଦିନ ଶ୍ରାଦ୍ଧରେ ଏ ଦେଶର ବ୍ରାହ୍ମଣ ଜାତିଙ୍କ ବଳବେଦେଷ୍ଟ ଓ ପ୍ରଜାଅବ ସାଧାରଣଙ୍କ ଭୋଜ ମିଷ୍ଟାନ୍ନ ଭୋଜନ ହେଲେ । ଦେଉଦବସ ସ୍ୱକୀୟ ଗୃହସ୍ଥ ଓ ବରଣଅବଙ୍କର ମିଷ୍ଟାନ୍ନ ଭୋଜନ ହୋଇଥିଲା । ସର୍ବସୁଦ୍ଧା ଗାଡ଼ିଗଣୀଙ୍କ ଶ୍ରାଦ୍ଧକ୍ରିୟାରେ ଟ ୬୭୦୦୦ ଟଙ୍କା ଖର୍ଚ୍ଚ ହୋଇଅଛି " ।

ଏତେ ଟଙ୍କା ଖର୍ଚ୍ଚ ହେବାସ୍ଥଳେ ଗାଡ଼ି-ଗଣୀଙ୍କ ନାମରେ ଗୋଟିଏ ଚିରସ୍ଥାୟୀକୀର୍ତ୍ତି ଯାହା ରହି ନ ପାରିଲା ବଡ଼ ଦୁଃଖର ବିଷୟ ଅଟେ । ଏଥିରୁ କେବଳ ଏତିକି ପ୍ରମାଣ ହେଉଅଛି ଯେ ଅସ୍ମଦ୍‌ଦେଶୀୟମାନେ ମୃତଅ-ତ୍ମୀୟଙ୍କ ଉଦ୍ଦେଶ୍ୟରେ ଅର୍ଥବ୍ୟୟ କରିବାକୁ ଚାହନ୍ତି କେବଳ ତଦ୍ୱାରା ସର୍ବୋତ୍କୃଷ୍ଟ ଫଳଲାଭ କରିବାଦିଗକୁ ଦୃଷ୍ଟି ଯାଇ ନାହିଁ ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ସ୍ୱର୍ଗର ବିଚାରଣ୍ୟ ରାଜା ଦକ୍ଷିଣଦେବ ଯେ ଚିରାୟୁ ବିଷବର୍ଣ୍ଣ ଦେବ ଖୁନ କରିବା ଅପରାଧରେ ଚଳାଘାଣିତ ପ୍ରେରିତ ହୋଇଥିଲେ ଗତ ମାସ ତା ୨୫ ରଖରେ ଯମ୍ପୁ-ରେଗରେ କାଳପ୍ରାପ୍ତ ହେଲେ । ପୋର୍ଟ ବ୍ଲେ-ଅରରୁ ତାହାଙ୍କର ଓଁଶରେଷ ଫେରଆସିବାରୁ ଏ ସମ୍ବାଦ ଜଣାଯାଇ ଅଛି । ରାଜା ଦକ୍ଷିଣଦେ-ଙ୍କର ସ୍ୱଭାବ ମନ ନ ଥିଲା କେବଳ ଶିକ୍ଷାର ଦୋଷ ଓ ମନଲୋଭଙ୍କ ସଂସର୍ଗ ହେତୁ ସେ ଓଡ଼ିଶାର ସର୍ବୋଚ୍ଚ ଏବଂ ଅତ୍ୟନ୍ତ ମାନ୍ୟମାନ୍ୟ ପଦ ପ୍ରାପ୍ତ ହୋଇଥିଲେ ସୁଦ୍ଧା ସାମାନ୍ୟ ଅପରା-ଧୀ ପରି ଦଣ୍ଡିତ ହେଲେ ଏବଂ ଏହି ଦାରୁଣ-ଦଣ୍ଡରେ ବହୁକାଳ ବାଉଳ ଅବସ୍ଥାରେ ରହି ଶେଷରେ ମୃତ୍ୟୁମୁଖରେ ପତିତ ହେଲେ । ଏଥିରେ ତାହାଙ୍କର ଏ ସଂସାରର ଦୁଃଖଯନ୍ତ୍ରଣା ଶେଷ ହେଲା ସତ୍ୟ, ତଥାପି ତାହାଙ୍କ ପରିବାର-ବର୍ଗ ଏବଂ ଅପରଲୋକଙ୍କ ମନୋଦୁଃଖ ଘୁଚିଲା ନାହିଁ ଯେହେତୁ ଗତ ଶ୍ରେଷ୍ଠଲାଟ ଶ୍ରୀମାନ ସାହେବ ଗତ ଜୁଲାଇ ସମୟରେ ବହୁସଂଖ୍ୟକ ଉଚ-ପଦାରୂଢ଼ ବ୍ୟକ୍ତିଙ୍କ ପ୍ରାର୍ଥନା ଗ୍ରହଣ କରି ଏହି ଦଣ୍ଡଭୋଗ ରାଜାଙ୍କୁ କ୍ଷମା ଦେଇଥାନ୍ତେ ତେବେ ଘରକୁ ଫେରି ଆସିଥିଲେ ଅବା ବହୁକାଳ ବଞ୍ଚିଥାନ୍ତେ । ଯାହା ହେଉ ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ତାହାଙ୍କ ଆତ୍ମା ପରଲୋକରେ ଶାନ୍ତି ଲାଭକରୁ ଏବଂ ତାହାଙ୍କ ବୃଦ୍ଧମାତା ଯୁବତୀ ଭାର୍ଯ୍ୟା ଏବଂ ଶିଶୁସନ୍ତାନ ଏହି ଦାରୁଣ-ଦୁଃଖ ଦମ୍ଭରିବାରେ ରହିବାକୁ ସମର୍ଥ ହେଉନ୍ତୁ ।

ଷ୍ଟାରଥିଏଟରର ଘେନ ଭାଡ଼ାଟିଆଙ୍କ ଭାବ ଗୋଳମାଳ ଉପସ୍ଥିତ ହୋଇଥିଲା । ଉକ୍ତ ଥିଏଟର ଦେଖିବାକୁ ନମିତା ମଧ୍ୟରେ ସ୍ପେକ୍ଟି-ଲମାନେ ସମ୍ଭବ ହେ ପ୍ରଥମତଃ ପ୍ରସ୍ତାବମାନ ଧାର୍ଯ୍ୟ କରିଥିଲେ । ଭବଳଯାତ୍ରୀ ହେଉ ସ୍ପେକ୍ଟାଟର ଥିଏଟରରେ ଉପସ୍ଥିତ ନ ହେବାରୁ ସ୍ପେକ୍ଟ ଅଭିନୟକାରମାନେ ଲାଭଗାରୁ ବଞ୍ଚିତ ହୋଇ ସେଠାରୁ ଚଲାଇ ଆସିବାକୁ ଉଦ୍ୟୋଗ କରୁ-ଥିବାର ଶୁଣାଯାଇ ଥିଲା । ବର୍ତ୍ତମାନ ତାହାର ଏକ ସମ୍ବାଦଦାତା ଷ୍ଟେଟସମାନଙ୍କୁ ଲେଖିଅଛନ୍ତି ଯେ ଷ୍ଟାରଥିଏଟର ବିରୁଦ୍ଧରେ ଗିଲଙ୍କର ଅପତ୍ତି ଏବାବେଳକେ ଅକର୍ମଣ୍ୟ ଅଟେ । କେତେକ ଅଳ୍ପବୟସ୍କ ସେମାନଙ୍କୁ ଥିଏଟରକୁ ଯିବା ବିରୁଦ୍ଧରେ ପ୍ରବର୍ତ୍ତାଇଥିଲେ ମଧ୍ୟ କର୍ତ୍ତୃପ-କ୍ଷୀୟମାନେ ସମସ୍ତ ଗୋଳମାଳ ନିବାରଣ କରି ପ୍ରଧାନ ପ୍ରବର୍ତ୍ତକ ଜ ୨ ଣ ଶିକ୍ଷକଙ୍କୁ ବିଶେଷ ଜରିମାନାଦଣ୍ଡରେ ଦଣ୍ଡିତ କରିଦେଇ ଅଛନ୍ତି ଏବଂ ଚିତ୍ରରେ ସେଠା ଜଣାଜଣାଦେବଙ୍କ ଉତ୍ତାବଧାନରେ ଯେଉଁ ଅଭିନୟ ହୋଇଥିଲା ତହିଁରେ ଦର୍ଶକମାନଙ୍କର ଭାରି ଭିଡ଼ ହୋଇ-ଥିଲା ଓ ପ୍ରାୟ ତ ୨୦୦ ଣ ସ୍ପେକ୍ଟାଟର ସେଠାରେ ଉପସ୍ଥିତ ଥିଲେ । ସେଦିନର ଅଭି-ନୟ ମଧ୍ୟ ଅତି ଚମତ୍କାର ହୋଇଥିଲା । ଏଠାରେ ଜରିସାଦେବ ଭୁଜଙ୍ଗସମ୍ପର୍କରେ ବର୍ତ୍ତମାନ-ବୃଦ୍ଧ ମହାରାଣୀଙ୍କ ପକ୍ଷର ହେତେକ ଲୋକଙ୍କୁ ବିଶେଷ ଜରିମାନାଦଣ୍ଡ କରି ମହା ବିରକ୍ତରେ

Digitized by srujanika@gmail.com

Split by PDF Splitter

ପଡ଼ିଥିଲେ । ତାହାରେ ପୁଣି ସେହି କାଣ୍ଡ । ଅନୁମାନ ହୁଅଇ ପୁଣି ମାମଲା ମୋକଦ୍ଦମା ହେବ ।

ଲୋକାଲ ଅର୍ଥାତ୍ ସ୍ଥାନୀୟ ବୋର୍ଡମାନେ ଚାଷ କାର୍ଯ୍ୟର ଭାର ନେବାକୁ ଇଚ୍ଛା କରନ୍ତି ଏଠା ଜିଲ୍ଲା ବୋର୍ଡ ତାହା ଜାଣିବାକୁ ଇଚ୍ଛା କରିବାରୁ ଗତ ସପ୍ତାହରେ ଏଠା ସଦର ସବଡିଭିଜନର ଲୋକାଲ ବୋର୍ଡରେ ସ୍ଥିର ହେଲା ଯେ କେବଳ ଡିଷ୍ଟ୍ରିକ୍ଟ ରୋଡ ଛଡ଼ା ଆପଣା ଏଲାକା ଭୁକ୍ତ ସମସ୍ତ କାର୍ଯ୍ୟର ଭାର ସେମାନେ ନେବାକୁ ଇଚ୍ଛା କରନ୍ତି । ଆମ୍ଭମାନଙ୍କ ବିବେଚନାରେ ଲୋକାଲ ବୋର୍ଡଙ୍କର ଏ ବିଷୟର ଠିକ ହୋଇଅଛି ଏବଂ ଭରସା କରୁଁ ଜିଲ୍ଲା ବୋର୍ଡ ଏଥିରେ ସମ୍ମତି ହେବେ । ଯେତେବେଳେ ଯୋଗ୍ୟବ୍ୟକ୍ତିମାନେ ମେମ୍ବର ନିଯୁକ୍ତ ହୋଇଅଛନ୍ତି ସେତେବେଳେ ଆଇନାନୁସାରେ ଯେସମସ୍ତ କାର୍ଯ୍ୟ ତାହାଙ୍କଦ୍ୱାରା ନିର୍ବାହିତ ହେବା ଉଦ୍ଦେଶ୍ୟ ସେସମସ୍ତର ଭାର ଦେବା ଅବଶ୍ୟ ଉଚିତ । ଜିଲ୍ଲାବୋର୍ଡ ଲୋକାଲବୋର୍ଡକୁ କିଛି ନ ପଚାରି ସବୁ ଭାର ଦେଇଥାନ୍ତେ । ଦୌଗସି କାର୍ଯ୍ୟ ଲୋକାଲବୋର୍ଡ ଚଳାଇବା ପକ୍ଷରେ କିଛି ଅସୁବିଧା ଦେଖିଲେ ସେମାନେ ତାହା ଜଣାନ୍ତେ । ଆମ୍ଭେମାନେ ଆଶାକରୁଁ କି ସଦର ସବ ସାବସ୍ତର ଓ କେନ୍ଦ୍ରାପଡ଼ାର ଲୋକାଲବୋର୍ଡମାନେ ଆପଣା ଆପଣା ଲୋକାର ସମସ୍ତକାର୍ଯ୍ୟର ଭାର ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ । ଏଥିରେ ଯେମନ୍ତ ଏକ ପକ୍ଷରେ ଜିଲ୍ଲାବୋର୍ଡର କାର୍ଯ୍ୟ ଅନର୍ଥକ ବୃଦ୍ଧି ହେବ ନାହିଁ ତେମନ୍ତ ଅନ୍ୟ ପକ୍ଷରେ ଲୋକାଲବୋର୍ଡମାନଙ୍କଦ୍ୱାରା ସେମାନଙ୍କ ଲୋକାର କାର୍ଯ୍ୟ ଅପେକ୍ଷାକୃତ ଭଲ ହେବ ।

ଦୁର୍ଗାପୂଜା ଉପଲକ୍ଷରେ ଦେବାଲୀଅଦାଲତ ଅଢ଼ିଠାରୁ ବନ୍ଦହେଲା । ସରକାରୀ ଖଜାଣାଖାନା ଏବଂ ରେଜିଷ୍ଟ୍ରି ଇତ୍ୟାଦି ଇତ୍ୟାଦି ବୁଧବାର ଠାରୁ ଦ ୧୨ ନ ବନ୍ଦ ହେବ ଅର୍ଥାତ୍ ଆଗାମି ଅକ୍ଟୋବର ମାସ ତା ୩ ରଖ ସୋମବାର ଦିନ ଫିଟିବ । ମାସର ପ୍ରଥମ ଦିନରେ ବେତନ ପାଇବା ନିୟମ ଥିଲେହେଁ ଅମଲାମାନେ ନାନାକାରଣରୁ ଦୁଇ ଏକଦିନ ବିଳମ୍ବରେ ବେତନ ପାଇବାର ପ୍ରାୟ ପ୍ରତିମାସରେ ଘଟିଲା ଏଥର ତା ୩ ରଖରେ ଇତ୍ୟାଦି ଫିଟିଥିବାରୁ ସେଦିନ ବେତନ ପାଇଲେ ବିଶେଷ ବିଳମ୍ବ ହେବ ଏମନ୍ତ ବୋଲି ଯାଇ ନ ପାରେ । କିନ୍ତୁ ଦୁର୍ଗାପୂଜା ସର୍ବାପେକ୍ଷା ପ୍ରଧାନ ପର୍ବ ଓ ତାହା ରକ୍ଷାକରିବା ବିଶେଷ ବ୍ୟୟସାଧ୍ୟ ବ୍ୟାପାର । ପ୍ରତ୍ୟେକ ବ୍ୟକ୍ତି ଯେ ଯାହା ଅବସ୍ଥା ଅନୁସାରେ ଅଧିକା ବ୍ୟୟ କରିବାକୁ ବାଧ୍ୟ ଏବଂ ତାହାରେ ଟଙ୍କା ନ ଥିଲେ ଋଣଦ୍ୱାରା ତାହା କରଇ । ଏମନ୍ତ ଅବସ୍ଥାରେ ସରକାରୀ ଗୃହକର୍ମଚାରୀମାନେ ଏମାସର ବେତନ ଚତୁର୍ଥ ଦିନଯୁଦ୍ଧରୁ ନ ପାଇଲେ ବଡ଼ ବିଘ୍ନ ଭୋଗ କରିବେ ଏବଂ ଯେସ୍ଥଳେ ଦଶହରା-ଛୁଟୀମଧ୍ୟରେ ମାସ ଶେଷ ହେଲେ ଅନ୍ୟାନ୍ୟବର୍ଷରେ ଅଗଉରୁ ବେତନ ଦେବାର ନିୟମ ଚାଲିଅଛି ଏବର୍ଷ ତହିଁର ଅନ୍ୟଥା ହେବାର ଉଚିତ ନୁହେଁ । ବିଶେଷତଃ ଗବର୍ଣ୍ଣମେଣ୍ଟଙ୍କ ଗୃହର ହୋଇ ଯେବେ ଏମନ୍ତ ସାଧାରଣ ଉତ୍ସବକାଳରେ ଟଙ୍କା ସରକାରେ ଅନ୍ୟର ଅନୁସରଣ କରିବେ ବା ସୁଧ ଦେଇ ଟଙ୍କା ଋଣ କରିବେ ତାହା ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ଯଶର ବିଷୟ ହେବ ନାହିଁ । ଏପରିସ୍ଥଳେ ଅମଲାଙ୍କପ୍ରତି ଗବର୍ଣ୍ଣମେଣ୍ଟଙ୍କର ସହାନୁଭୂତି ଦେଖାଇବା ଉଚିତ । ଅଗଉରୁ ବେତନ ଦେବାର ବିଜ୍ଞାପନ ଅବଶ୍ୟ ବାହାର ନ ଥିବାରୁ ଅମଲାମାନେ ବଡ଼ ବ୍ୟସ୍ତରେ ଅଛନ୍ତି ଭରସା ହୁଅଇ ଆଜ ଯେଉଁ କଲିକତାଗଜେଟ ଏଠାରେ ପହଞ୍ଚିବ ତହିଁରେ ଅଗଉରୁ ବେତନ ଦେବାର ଆଦେଶ ଦେଖି ସମସ୍ତେ ସୁଖୀ ହେବେ ।

ଶ୍ରୀମନ୍ତ ସଉଦାଗରନାମରେ ଖଣ୍ଡିଏ ବଙ୍ଗଳା ପାକ୍ଷିକସମ୍ବାଦପତ୍ର କଲିକତାରୁ ପ୍ରକାଶିତ ହୁଅଇ । ଏଥିର ଗତସଂଖ୍ୟାରେ କୃଷିସମ୍ବନ୍ଧରେ ଲେଖାଅଛି ଯେ ଯେଉଁବ୍ୟକ୍ତି ଆପଣାଦାତରେ ପରିଶ୍ରମକରେ ଏବଂ ମୂଲଅପ୍ରତ୍ୟୁତ ଲଗାଇ ସେମାନଙ୍କଠାରୁ କର୍ମ ନିଏ ସେ ବ୍ୟକ୍ତି କୃଷିଦ୍ୱାରା ବିଶେଷରୂପେ ଲାଭବାନ୍ ହୁଅଇ । ଯେଉଁବ୍ୟକ୍ତି ଆପେ ପରିଶ୍ରମ ନ କରି ବଳକୁ ଯାଇ ଦଳିଯାଏ ଓ ମୂଲଯାଙ୍କ କାର୍ଯ୍ୟ ତଦାରକ କରଇ ସେ ବ୍ୟକ୍ତି ଅଧିକାଲାଭ ପାଏ, ଆଉ ଯେଉଁ ବ୍ୟକ୍ତି କେବଳ ଘରେ ବସି ଗୃହକର୍ମ ବୁଝେ ତାହାର ତତ୍ତ୍ୱ ଫଳ ହୁଅଇ ନାହିଁ । ଏପରି ଗୃହସଙ୍ଗେ ବାଣିଜ୍ୟର ଯୋଗଉଚିତ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ନାହିଁ । ଇଂରାଜମାନେ ଏ ଦେଶକୁ ଆସି ଏହି ଦେଶର ମାଟି ଓ ମୂଲଧନ ସାହାଯ୍ୟରେ ଗହମ, ନୀଳ, ରେଶମପ୍ରଭୃତି କୃଷିଦ୍ୱାରା ଉତ୍ପନ୍ନ କରି ତହିଁର ବାଣିଜ୍ୟ କରୁଅଛନ୍ତି ବୋଲି ବଡ଼ଲୋକ ହେଉଅଛନ୍ତି ଆଉ ଏ ଦେଶୀୟଲୋକେ ଏହା କୃଷିକାର୍ଯ୍ୟରେ ଦେହ ଗୁଣ୍ଡା କରି ସୁଦ୍ଧା ସେପ୍ରକାର ହୋଇ ପାରୁ ନାହାନ୍ତି । ଏ ଦେଶର ସାମାନ୍ୟ ଜମିଦାର ଓ ଲକ୍ଷପତିଜମିଦାର ଓ ଅପର ଭୂମ୍ୟଧିକାରୀଙ୍କର ଏ କଥା ଦୃଢ଼ରୂପେ ସ୍ମରଣ ରଖିବାର ଉଚିତ । ବଡ଼ ଜମିଦାରମାନେ ଏକପ୍ରକାର ପେନସନଭୋଗୀ ଅଟନ୍ତି ବିନା ପରିଶ୍ରମରେ ସେମାନଙ୍କର ମାଲକାନାର ଯେଉଁ ଅଂଶ ଲାଭ ହୁଅଇ ତାହା ଯଥେଷ୍ଟ ଥିବାରୁ ସେମାନଙ୍କର ପରିଶ୍ରମ କରିବାକୁ ପ୍ରବୃତ୍ତି ବା ପ୍ରୟୋଜନ ହୁଅଇ ନାହିଁ । ତଥାଚ ଏମାନଙ୍କମଧ୍ୟରୁ ଯେଉଁମାନେ ସର୍ବଦା ଜମିଦାରୀରେ ରହି ସର୍ବଦା ତୁଚ୍ଛାସୁଚ୍ଛା କରୁଅଛନ୍ତି ସେମାନଙ୍କ ଅପେକ୍ଷା ଘରେବସା ଜମିଦାରଙ୍କଠାରୁ ଅନେକ ଅଧିକ ଦେଉଅଛି । କିନ୍ତୁ ଯାହାଙ୍କର ଅଳ୍ପଜମି ଅଛି ସେମାନଙ୍କମଧ୍ୟରୁ ଯେଉଁମାନେ ଆପେ କିଛି ପରିଶ୍ରମ ବା ତଦାରଖ ନ କରି ଅନ୍ୟଦ୍ୱାରା ନିର୍ଭର କରୁଅଛନ୍ତି ସେମାନଙ୍କର ନିର୍ବାହ ହେବା କଠିନ ହୋଇଅଛି ଏବଂ ସେହିମାନେ କ୍ରମାଗତ ଅବନତି ଲାଭ କରୁଅଛନ୍ତି ।

ଦେଶୀୟ ଜ୍ୟୋତିଷର ଆଲୋଚନା ।

ଆଗାମି ସପ୍ତମପ୍ରକାର କାଳ ନିର୍ଣ୍ଣୟ ଘୋର ବଙ୍ଗଦେଶରେ ଭାରି ଆନ୍ଦୋଳନ ଲାଗିଅଛି କଲିକତାନିବାସୀ ଅଳିପୁରଠାରେ ଯେଉଁ ସରକାରୀ ଅବଜର୍ଭେଟରୀ ବା ମାନମନ୍ଦିର ଅଛି ତହିଁର ପ୍ରଧାନ କର୍ମଚାରୀ ଶ୍ରୀଯୁକ୍ତ ବ୍ରଜମୋହନ ରାୟ ତଳଲିଖିତରୂପେ ଗଣନା କରିଅଛନ୍ତି ଏବଂ ଉକ୍ତ ମାନମନ୍ଦିରର ଅଧ୍ୟକ୍ଷ ସେଣ୍ଟଜାରସାହେବ ଉକ୍ତ ଗଣନା ଠିକ ଥିବାର ସମ୍ମତି ଦେଇଅଛନ୍ତି । ଗଣନାଟି ଏହିପରି ଅଟେ ଯଥା ସେପ୍ଟେମ୍ବର ତା ୨୭ ରଖ ଶୁକ୍ରବାର ରାତି ଘ ୧୧ ଘଣ୍ଟା ୨୭ ମିନିଟ ଓ ୧୫ ସେକଣ୍ଡ ଠାରେ ଅଷ୍ଟମୀ ଆରମ୍ଭହେବ ଏବଂ ତା ୨୪ ରଖ ଶନିବାର ରାତି ଘ ୧୦ ଘଣ୍ଟା ୪୪ ମିନିଟ ଓ ୧୩ ସେକଣ୍ଡ ଠାରେ ଶେଷହେବ । କାଶୀଧାମର ପଣ୍ଡିତ ବାସୁଦେବଶାସ୍ତ୍ରୀ ଯେଉଁ ଗଣନା କରିଅଛନ୍ତି ତାହା ଉପରଲିଖିତ ଗଣନା ପ୍ରାୟ କେବଳ ୩୪ ମିନିଟର ଅନ୍ତର ଦେଖାଯାଏ । ଏଥିକୁ ବଙ୍ଗଳାର ଏକପଞ୍ଜିକାରେ ରାତି ଦୁଇପ୍ରହର ଉତ୍ତାରୁ ଘ ୩ ଘଣ୍ଟା ୪୦ ମିନିଟରେ ଏବଂ ଓଡ଼ିଆପଞ୍ଜିରେ ମଧ୍ୟ ପ୍ରାୟ ଏହିସମୟ ଘ ୩।୩୮

Digitized by srujanika@gmail.com

Split by PDF Splitter

ଲେଖାଅଛି । ଲଂଗ୍ରଜ ଗଣନା ବର୍ତ୍ତମାନ ବିଶୁଦ୍ଧମତେ ହେଉଥିବାରୁ ତାହାକୁ ଅବଶ୍ୟ ଠିକ ବୋଲିବାକୁ ହେବ କାରଣ ତହିଁର ଫଳ ପ୍ରତ୍ୟକ୍ଷ ଦେଖାଯାଉଅଛି ଏବଂ ଜାଣୀର ବିଖ୍ୟାତ ପଣ୍ଡିତଙ୍କ ଗଣନା ତହିଁସଙ୍ଗେ ମିଳିବାରୁ ନିଶ୍ଚୟ ନେଇରୂପେ ଜଣାଯାଉ ଅଛି ଯେ ଦେଶୀୟ ମତରେ ମଧ୍ୟ ବିଶୁଦ୍ଧଗଣନା ହୋଇପାରେ । କେବଳ ଦେଶୀୟଗଣଙ୍କ ଜ୍ୟୋତିଷମାନଙ୍କର ସେପକ୍ଷରେ ମନୋଯୋଗ ଅଧିକ ନ ଥିବା ଓ ଯେ ଯେମନ୍ତ ଗଣନାକର ପାଞ୍ଜି ବାନ୍ଧିବାକଲା ତହିଁର ଦୋଷ କେହି ନ ଧରି ଅନ୍ଧଭାବରେ କାର୍ଯ୍ୟ କରିବାରୁ ଏତାଦୃଶ ବ୍ୟତିକ୍ରମ ଘଟିଅଛି । ବର୍ତ୍ତମାନ ପାଞ୍ଜିର ଗଣନାର ଶୁଦ୍ଧାଶୁଦ୍ଧ ସାଧାରଣଙ୍କ ଚର୍ଚ୍ଚାର ବିଷୟ ହେବାରୁ ଆଶା ହେଉଅଛି ଯେ ଜ୍ୟୋତିଷମାନେ ଏଣିକି ସାବଧାନହୋଇ କାର୍ଯ୍ୟ କରିବେ ଏବଂ ତାହା ହେଲେ ଶୁଦ୍ଧପାଞ୍ଜି ବାହାରିବ ଏବଂ ଜ୍ୟୋତିଷବିଦ୍ୟାର ଉନ୍ନତି ହେବ ସନ୍ଦେହ ନାହିଁ । ସମୟ ଠିକ ନ ହେଲେ ହନୁମାନଙ୍କର କୌଣସି କ୍ରିୟା ବିଳାପ ଠିକ ହେବ ନାହିଁ ଏବଂ ଫଳତ ଜ୍ୟୋତିଷର ଫଳାଫଳ ମଧ୍ୟ ବୃଥା ହେବ । ବଙ୍ଗବାସି ବଙ୍ଗଳା ବିହାର ଓଡ଼ିଶା ଏବଂ ଅନ୍ୟାନ୍ୟସ୍ଥାନର ଜ୍ୟୋତିର୍ବିତ୍ ପଣ୍ଡିତଙ୍କର ଗୋଟିଏ ମହାସଭା ହେବାର ପ୍ରସ୍ତାବ କରିଅଛନ୍ତି । ଆମ୍ଭେମାନେ ଆଶା କରୁଁ ଏ ବିଲାତର କୌଣସି ଧନୀ ହନୁ ବା ଉତ୍ତରପଶ୍ଚିମାଞ୍ଚଳର ରାଜା ମହାରାଜା ଏ ବିଷୟରେ ମନୋଯୋଗୀ ହେଲେ ଗୋଟିଏ ମହତ୍ କାର୍ଯ୍ୟ ସାଧିତ ହେବ ।

ମଧ୍ୟପ୍ରଦେଶରେ ଶିଳ୍ପାଦ ବିଦ୍ୟାଳୟର ବ୍ୟବସ୍ଥା ।

ନାଗପୁରଠାରେ ଉଚ୍ଚଶିକ୍ଷା ଦେବାର ଦୁଇଗୋଟି କଲେଜ ଅର୍ଥାତ୍ ମରିସ କଲେଜ ଓ ଦିଶଲପ କଲେଜ ଥିବାରୁ ତହିଁ ମଧ୍ୟରୁ ମରିସ କଲେଜଟି ଅଳ୍ପଦିନ ହେଲା ସ୍ଥାପିତ ହୋଇଥିବା ଓ ଏ କଲେଜବିଳା ଉଚ୍ଚଶିକ୍ଷା ଦାନର ଯଥେଷ୍ଟ ବନ୍ଦୋବସ୍ତ ଥିବାର ଦୃଷ୍ଟିରେ ଉକ୍ତ କଲେଜକୁ ଶିଳ୍ପାଦ କଲେଜରେ ପରିଣତ କରିବାକୁ ଚିଫ କମିଶ୍ନର ଇଚ୍ଛା କରି ଉକ୍ତ କଲେଜର ପ୍ରୋଫେସରଙ୍କ ଅଭିପ୍ରାୟ ଜାଣିବା କାରଣ କଲେଜର ଅଧ୍ୟକ୍ଷମାନଙ୍କୁ ପତ୍ର ଲେଖିଥିଲେ । କଲେଜର ଅଧ୍ୟକ୍ଷମାନେ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବର ବାହୁଲ୍ୟ ବିବରଣ ଜାଣିବାକୁ ଇଚ୍ଛା କରିବାରୁ ଚିଫ କମିଶ୍ନର ସାହେବ ଗୋଟିଏ ସ୍ୱତନ୍ତ୍ର କମିଟୀ ବସାଇବାରେ ଉକ୍ତ କମିଟୀ ସକଳ ବିଷୟର ବିବେଚନା ପୂର୍ବକ ଚିଫ କମିଶନରଙ୍କୁ ଜଣାଇ ଅଛନ୍ତି ବି ମରିସ କଲେଜ ଶିଳ୍ପ ବିଦ୍ୟାଳୟ ହେଲେ ତହିଁରେ ଚାରିବିଷୟର ଶିକ୍ଷା ଦିଆଯିବ ଯଥା [୧] ଅଭିନ [୨] କୃଷି ଓ [୩] ଲିଥୋଗ୍ରାଫି । ଅଭିନଶିକ୍ଷା କଲିକତାବିଶ୍ୱବିଦ୍ୟାଳୟର ବି, ଏଲ, ପରୀକ୍ଷାର ଉପଯୋଗୀ ହେବ । ଗୃହପାଳିତ ପଶୁଙ୍କ ଚିକିତ୍ସା ଭୂମିକରିବ ଓ ଜଳପାଇବା ଓ ଜଙ୍ଗଲ ରକ୍ଷାକାର୍ଯ୍ୟ କୃଷିଶିକ୍ଷାର ଅନ୍ତର୍ଗତ ହେବ । ଲିଥୋଗ୍ରାଫି ଶିକ୍ଷାସହିତ ଅଙ୍କ ଓ ପଦାର୍ଥବିଦ୍ୟା ଯୋଗ ହେବ ଏବଂ ରେଲୱାଟ ମହଲୁମା ଅଧୀନରେ ଯେ ସମସ୍ତ କାରଖାନାଘର ସ୍ଥାପିତ ହେବ ସେଠାରେ ଛାତ୍ରମାନେ କାର୍ଯ୍ୟ ଶିକ୍ଷାକରିବେ ।

ଚିଫ କମିଶ୍ନରଙ୍କ ବିବେଚନାରେ ମାସକୁ ୪ ୧୦୦୦ ଙ୍କା ବ୍ୟୟ ହେଲେ ଉପରଲିଖିତ ସମସ୍ତ ଶିକ୍ଷା ଦିଆଯାଇ ପାରିବ । ଏଛଡ଼ା ଘର ମରମତ ଛାତ୍ରବୃତ୍ତି ପ୍ରଭୃତି ଅନ୍ୟାନ୍ୟ ଖର୍ଚ୍ଚ ଅଛି । ସାହେବ ମହୋଦୟ କହିଅଛନ୍ତି ବି ଯେବେ ମରିସ କଲେଜର ବୈଦାଦାତାମାନେ ଏ ପ୍ରସ୍ତାବରେ ସମ୍ମତ ହେବେ ତେବେ ସେ ଶ୍ରେଷ୍ଠପ୍ରଣାଳୀରେ ଏହି ବିଦ୍ୟାଳୟ ନିର୍ମାଣ କରିବେ । ଛାତ୍ରବୃତ୍ତି ଏବଂ କାରିଗରଛାତ୍ରମାନଙ୍କ ସାହାଯ୍ୟ ନିମିତ୍ତ ଉପଯୁକ୍ତ ବନ୍ଦୋବସ୍ତ କରିବେ । କଲେଜଟି ବର୍ତ୍ତମାନ ପରି ତହିଁର ଅଧ୍ୟକ୍ଷଙ୍କ ହାତରେ ରହିବ ଓ ସାହେବ ମହୋଦୟ ତହିଁ ନିମିତ୍ତ ଏପରି ମାସିକ ସାହାଯ୍ୟ ଦାନ କରିବେ ବି ଯାହା କଲେଜର ଅୟ ସହିତ ମିଶି ସମସ୍ତ ବ୍ୟୟ ନିର୍ବାହ ନିମିତ୍ତ ଯଥେଷ୍ଟ ହେବ ଏବଂ ପରିଶେଷରେ ସାହେବ ମହୋଦୟ ଏପରି ନିୟମ କରିବେ ବି ଏହି ବିଦ୍ୟାଳୟର ଉତ୍ତୀର୍ଣ୍ଣଛାତ୍ରମାନଙ୍କର ଦାଖି ରେଜିଷ୍ଟ୍ରି, ଜାଏଣ୍ଟଡିପୁଟିଲିଦାର, କୋଟ ଅବ୍ ୱାର୍ଡ୍ସର ମାନେଜର, ବାଉଚମାସ୍ତ୍ରି ଓଭରସିଅର ଏବଂ ଜଙ୍ଗଲ ଅଫିସର ପଦ ନିମିତ୍ତ ଅଗ୍ରଗଣ୍ୟ ହେବେ ।

ଆମ୍ଭମାନଙ୍କ ବିବେଚନାରେ ଶିଳ୍ପାଦ ବିଷୟ ଶିକ୍ଷା ନିମିତ୍ତ ଚିଫ୍ କମିଶ୍ନରସାହେବ ଯଥୋଚିତରୂପେ ପ୍ରସ୍ତାବ ଦେବାରୁ ଫଳତ କରିଅଛନ୍ତି ଏବଂ ବରଷା ହୁଅଇ ମରିସ କଲେଜର ବୈଦାଦାତା ଓ ଅଧ୍ୟକ୍ଷମାନେ ଏଥିରେ ଅସମ୍ମତ ହେବାକୁ ଦ୍ୱିଧା କରିବେ ନାହିଁ । ଏ କଲେଜ-ଦ୍ୱାରା ମଧ୍ୟପ୍ରଦେଶୀୟ ଲୋକଙ୍କର ବିଶେଷ ସୁବିଧା ହେବ ସନ୍ଦେହ ନାହିଁ ।

ସାପ୍ତାହିକ ସଂବାଦ ।

ଗତ ଶନିବାରଠାରୁ ଏ ନଗରରେ ବର୍ଷା ଆରମ୍ଭ ହୋଇ ଗତ ସୁକ୍ରବାର ଉତ୍ତମରୂପେ ଲାଗି ରହିଥିବା ଏବଂ ନଦୀ ମଧ୍ୟ ବିଶେଷ ବୃଦ୍ଧି ହୋଇଅଛି ।

ଓଡ଼ିଆଠାରେ ଏ ନଗରରେ ଗତ ସପ୍ତାହରେ ଯେମନ୍ତ ଅଛି ଏ ସପ୍ତାହରେ ମଧ୍ୟ ସେହିପରି ରହିଅଛି ।

ବାହୁବାରେ ଲେଖାଅଛି ବି ଗତ ସପ୍ତାହରେ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟାଏ ଗୋଟା ପଡ଼ିଥିଲା । ପରେ ଲୋକମାନେ ଚିତ୍ରଗୋଟା ମହିଷ ସେହି ବାଣ୍ଟି ଦ୍ୱାରରେ ଛାଡ଼ି ଦେଇଥିଲେ । ଦ୍ୱାରସ୍ଥଶିବ ଗୃହରେ ବାହାର ଅସିଲେ ମହିଷମାନେ ଗୋଡ଼ାଗୁଡ଼ାର ପଡ଼ାଇଲେ । ଗୋଡ଼ାଇମାନେ ପରେ ମିଉନିସିପାଲିଟିରୁ ଗେଣ୍ଡାଇତ ପାଇପାରେ । ଯାହା ହେଉ ବିଷ୍ଣୁଦ୍ୱାରସ୍ଥରେ ପଶୁମାନଙ୍କୁ ଛାଡ଼ି ଦିଆ ଉଚିତ ନୁହେଁ ।

ଉତ୍ତର ଜଳମଗ୍ନ ଗୁଡ଼ି ମୋଦକମାନେ ଚତୁର୍ଭୁଜ ନିମିତ୍ତ ଗୁଡ଼ ଗୋପୀନାଥ ସାହୁ ଗ୍ରହଣ ହୋଇ ଦ୍ୱାରକରେ ଅଛି । ବାହୁବା ।

ବେଦ୍ରାପଡ଼ା ବଲଦେବଜୀଙ୍କ ମଠସମ୍ପର୍କୀୟ ଗୌଡ଼ିଆ ମୋଦକମା ସେଠାକେତ୍ରୀ ମାଜିଷ୍ଟ୍ରେଟଙ୍କଠାରୁ ଉଠାର ଅନୁମତି ସେଇ ପ୍ରାର୍ଥନା ହୋଇଥିଲା ମାଜିଷ୍ଟ୍ରେଟ ସାହେବ ଗତ ସୋମବାର ଉଭୟପକ୍ଷର ବାଦାନୁବାଦ ଶୁଣି ଅସ୍ଥାୟୀ ଭାବ ମୋଦକମା ବେଦ୍ରାପଡ଼ାରେ ଦଣ୍ଡାୟମାନ ହେବାର ଅନୁମତି ଦେଲେ । ସାହେବ ମହୋଦୟ ଅଦାଲତରେ ଲେଖିଅଛନ୍ତି ବି ସଦରଦେବତ୍ତ ଜମିଦାର ପ୍ରଭୃତିଙ୍କ ସଙ୍ଗେ ଦ୍ୱାରକାର ସର୍ତ୍ତାବ ଚାଲିଛି । ବାସ୍ତବିକ ବିଚାର ସ୍ୱାଧୀନ ଥିବାରୁ ଯେ ଦିନ ଦ୍ୱାରକାର ବିଚାର ହେବ ସେ ଦିନ ଉଭୟପକ୍ଷ ବିଚାର କରିବାକୁ ସମର୍ଥ ହେବ କି ?

ଅଦ୍ୟକାର ଦୁଇଦିନ ସହ ଉତ୍ତରଗତ ହେଉଁ ଯେ ଜେଲ୍ଲାଇଡ଼ର ମାନେଜର ବାବୁ ବୃନ୍ଦାବନଦାସ ଦେ ଗତକଲ୍ୟ ତା ୨୦ ଦିନରେ ଦ୍ୱାରକେଶ୍ୱରରେ ମରିଗଲେ । ବାବୁଙ୍କ ବୟସ କେବଳ ୨୯ ବର୍ଷ ହୋଇଥିଲା ।

କଲିକତାଗେଜେଟ୍ ।

ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ହରଗୋପାଳ ବିଶ୍ୱାସ ଚତୁର୍ଥଶ୍ରେଣୀରେ ବାହାର ହେଲେ ।

ଡେପୁଟି ମାଜିଷ୍ଟ୍ରେଟ ବାବୁ ଯଦୁଗୋପାଳସିଂହ ଚତୁର୍ଥଶ୍ରେଣୀର ବିଚାରାଳ ନିମନ୍ତେ ଉନ୍ନତ ପାଇଲେ ।

ବାଲେଶ୍ୱରସ୍ଥ ଡେପୁଟି, ମାଜିଷ୍ଟ୍ରେଟ ବାବୁ ପ୍ରାଣକୃଷ୍ଣସିଂହ ପଞ୍ଚମଶ୍ରେଣୀରେ ବାହାର ହେଲେ ।

ଡେପୁଟି, ମାଜିଷ୍ଟ୍ରେଟ ଓ ବର୍ତ୍ତମାନ ସାଲିସିଟରଜେନେରାଲ ଶ୍ରୀ ଉଦୟନ ଅର୍ ଉଦେଶ୍ୱାହେବ ବିଚାରାଳ ନିମନ୍ତେ ପଞ୍ଚମଶ୍ରେଣୀର ଉନ୍ନତ ପଦ ପାଇଲେ ।

Digitized by srujanika@gmail.com

Split by PDF Splitter

ପିଙ୍ଗଳାର ମୁନସଫ ବାବୁ ଗୋପାଳଚନ୍ଦ୍ରବାଜପେୟୀ ଯାଜପୁରର ମୁନସଫିରେ ନିଯୁକ୍ତ ହେଲେ ଓ ଉକ୍ତ ସ୍ଥାନସ୍ଥ ସୀମାମଧ୍ୟରେ ୫ ୫୦ ଟା ଭାସ୍ୱଦାବର ଷ୍ଟେଟଅବାଲଡମୋଡରମା ନିଜର କରିବାର କ୍ଷମତା ପ୍ରାପ୍ତ ହେଲେ ।

ଯାଜପୁରର ମୁନସଫ ବାବୁ ଗୋପାଳକୃଷ୍ଣଗୋସ୍ୱାମୀ ଯଶହରକୁ ବଦଳି ହେଲେ ।

ନେଡ୍ରୁବୋଣାର ୨ୟ ମୁନସଫ ବାବୁ ଅଘୋରଚନ୍ଦ୍ରହାଜରା ବଟକର ଅଡ଼ିସ୍ୟାନର ମୁନସଫ ନିଯୁକ୍ତ ହେଲେ ।

ବଟକର ଅଡ଼ିସ୍ୟାନର ମୁନସଫ ବାବୁ ଭଗବାନ୍‌ଚନ୍ଦ୍ର ଗୁପ୍ତ ପୁର୍ଯ୍ୟା ଜିଲ୍ଲାକୁ ବଦଳି ହେଲେ ।

ଗତ ଜାନୁଆରୀମାସରେ ବଟକର ହସପିଟାଲ ଅଶିକ୍ଷାର୍ଥୀ ବାବୁ ଜଗବନ୍ଧୁ ନିଜଗତ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

କଲାହାଣ୍ଡିର ସୁପ୍ରସିଦ୍ଧ ଜମିଦାର ଗୋପୀନାଥପୁର ଦୁଇମାସ ଅନୁପସ୍ଥିତ ରହିଥିବାରୁ ବୋଲଙ୍ଗିରର ନାବାଳ ତହସିଲଦାର ବାବୁ ବଳରାମମିଶ୍ର ତାହାଙ୍କ କର୍ମରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

ବାବୁ ବଳରାମ ମିଶ୍ର ପ୍ରଥମଶ୍ରେଣୀର ନାବାଳ ତହସିଲଦାରରୁ ୪ର୍ଥ ଶ୍ରେଣୀର ତହସିଲଦାରଙ୍କ ଉନ୍ନତି ପାଇଲେ ।

ବୋଲଙ୍ଗିରର ନାବାଳ ତହସିଲଦାର ବାବୁ ଗଙ୍ଗାଧରଙ୍କ ଜେଲ ବୋଲଙ୍ଗିରର ଏକଟିଂ ତହସିଲଦାର ହେଲେ ।

ଛତିଶଗଡ଼ କମିଶ୍ନରଙ୍କ ଓଡ଼ିଆ ମୋହରର ବାବୁ ଜନାର୍ଦ୍ଦନ ପଣ୍ଡା ବୋଲଙ୍ଗିରର ଏକଟିଂ ନାବାଳ ତହସିଲଦାର ହେଲେ ।

କଲିକତା ଜଡବଜାରର ପ୍ରସିଦ୍ଧ ଲୁଗାର ଦୋକାନ ସମ୍ପ୍ରତି ମୁସ୍ଲିମ ଜୁଲ୍‌ଫିକାର ବାହାଦୁର ଯେ ଚ ସ୍ୱଜାତୀୟ ଚରିତ୍ରଙ୍କ ଉପକାର ନିମିତ୍ତ ଅନେକଟାକା ବ୍ୟୟ କରନ୍ତି ସ୍ତୁତ ଉକ୍ତ ଦୋକାନରେ ଗୋଟିଏ ହିନ୍ଦୁଧର୍ମଶାଳା ଏବଂ ଔଷଧାଳୟ ଖୋଲିବା କାରଣ ୪୧ ହଜାର ଟଙ୍କା ଦାନ କରିଅଛନ୍ତି ଓ ତନ୍ନିମିତ୍ତ ଦାର୍ଯ୍ୟ ନିମିତ୍ତ ନ ୫ ଶ ଟ୍ରଷ୍ଟୀ ନିଯୁକ୍ତ କରିଅଛନ୍ତି । ଏହାକାର ଦାନ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଏଥିପାଇଁ ତାହାଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛୁଁ ।

ଅମ୍ବରଗଣ୍ଡବାସିମାନେ ବଡ଼ ଚତୁରତା ସହିତ କାର୍ଯ୍ୟ କରୁଅଛନ୍ତି । ଚଳିତମାସ ତା ୫ ରିଖରେ ଏମାନଙ୍କଠାରେ ଏକସଭା ବସିବାର ବିଜ୍ଞାପନ ବାହାରିଥିଲା । କର୍ତ୍ତୃପକ୍ଷମାନେ ତାହା ବନ୍ଦ କରିବା ଅଭିପ୍ରାୟରେ ପୁଲିସ ଏବଂ ସୈନ୍ୟ ସଜ୍ଜା କରିବାରୁ ସେହେତୁ ଅନ୍ୟ ଏକସ୍ଥାନରେ ସଭା ବସାଇଲେ । ପ୍ରାୟ ଦଶସହସ୍ରଲୋକେ ସଭାସ୍ଥଳରେ ଉପସ୍ଥିତ ହୋଇଥିଲେ । ଡ଼ିଲନ ଏବଂ ଓଡ଼ିଆଏନ୍ସାହେବମାନେ ସଭାରେ ଏକ୍ରୋଡ଼ାଦ୍ୱାରା ପ୍ରକାଶ୍ୟରୂପେ ଗବର୍ଣ୍ଣମେଣ୍ଟଙ୍କୁ ଦୁଇଥରେ ଅମ୍ବର୍ଗଣ୍ଡବାସିମାନଙ୍କୁ ଦୁଇଥରେ ଗବର୍ଣ୍ଣମେଣ୍ଟଙ୍କୁ ବାଧା ଦେବାର ପରାମର୍ଶ ଦେଲେ । ପୁଲିସ ଓ ସିପାହୀମାନେ ଉକ୍ତସ୍ଥାନରେ ଉପସ୍ଥିତ ହେବାରୁ ସହଗତଲୋକେ ଏମାନଙ୍କୁ ସାଜ ସ୍ଥାନରେ ବନ୍ଦୁକ ଧରି ଧୂମ ଲଗାଇ ଦେଲେ ମାତ୍ର ସିପାହୀମାନେ ପଛେ ପଛେ ଯେଠାରେ ପହଞ୍ଚିବାରୁ ସଭ୍ୟମାନେ ଧୀରେ ଧୀରେ ସରି ଯାଇଗଲେ । ସ୍ୱାଧୀନଦେଶର କଥା ଭିନ୍ନ ।

ଜଣେ ଦୁଇ ଦଣ୍ଡାଧିକାରୀଙ୍କର ପ୍ରଧାନ ସହାୟ ବଟକଫାଟେବଙ୍କର ମୃତ୍ୟୁ ହେବାରୁ ସେ କର୍ତ୍ତମାନ ବାଧ ହୋଇ ଚିନ୍ତା ତ୍ୟାଗ କରିଛେ ।

କେବଳ ଉଚ୍ଚଶ୍ରେଣୀସ୍ଥ ଛାତ୍ରମାନଙ୍କର ପିତାମାନେ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ସ୍କୁଲମାନଙ୍କରେ ପଢ଼ିଥାଉଥିବା ମଧ୍ୟରେ ସେଣ୍ଟପିଟର୍ସବର୍ଗଠାରେ ଅଦେଶ ପ୍ରଚାରିତ ହୋଇଅଛି । ରୁଷିୟାଠାରେ ଅଦ୍ୟାପି ଜ୍ଞାନବାନଙ୍କର ମର୍ଯ୍ୟାଦା ରହିଅଛି ।

ଗତମାସ ତା ୧୯ ରିଖରେ ସୂର୍ଯ୍ୟୋପରାଗ ହେବାର ବଙ୍ଗଳାପାଞ୍ଜିରେ ଲେଖାଥିଲା । ଗର୍ଣ୍ଣଲପିଣ୍ଡିଠାରୁ ଜନୈକସମ୍ବାଦଦାତା ଷ୍ଟେଟସମାନଙ୍କୁ ଲେଖିଅଛନ୍ତି ଯେ ସେଠାରେ ସେ ଦିନ ସକାଳ ସ ୫ ଘଣ୍ଟା ବାଜିବା ବହୁତପରେ ସୂର୍ଯ୍ୟୋପରାଗ ଆରମ୍ଭ ହେବାର ଦେଖାଗଲା । ବଙ୍ଗଳାପାଞ୍ଜିରେ ସ ୫୫ ଘଣ୍ଟା ବୁଲ ମିନିଟସମୟରେ ଗ୍ରହଣ ଲାଗିବାର ଲେଖାଥିଲା । ଏଥିରୁ ଗର୍ଣ୍ଣଲପିଣ୍ଡିର ସମୟ କଲିକତାଠାରୁ ୪୮ ମିନିଟ ଦେରିଥିବାରୁ ସେଠାରେ ସୂର୍ଯ୍ୟୋପରାଗ ସ ୫ ଘଣ୍ଟା ସମୟରେ ପଞ୍ଜିବାନରେ ଦେଖାଯିବାର କଥା ଥିଲା ମାତ୍ର ପ୍ରକୃତରେ ଚଳିଶଘଣ୍ଟା ଆଗରୁ ପରାଗ ଦେଖାଯିବାରୁ ବଙ୍ଗଳାପାଞ୍ଜି ଏକାବେଳକେ ଭୁଲ ଥିବାର ସାବ୍ୟସ୍ତ ହେଉଅଛି ।

ଚଳିତମାସ ତା ୫ ରିଖରେ ଦରିଦ୍ରରେ ଗୋଟିଏ ଥିଏଟରଗୃହ ଅଗ୍ନିସ୍ପର୍ଶକାଳିକ ପୋଡ଼ି ଯାଇଥିବାର ସମ୍ବାଦ ଆସିଅଛି । ଅଗ୍ନି ଲାଗିବାମାତ୍ରକେ ଲୋକେ ଭୀତ ହୋଇ ପଳାୟନପର ହେଲେ । ପଳାଇଥିବା ଦ୍ୱାରରେ ଏମନ୍ତ ଭିଡ଼ ହୋଇଗଲା ଯେ ଅନେକେ ମଡ଼ାମଡ଼ି ହୋଇ ସେହିଠାରେ ପ୍ରାଣତ୍ୟାଗ କଲେ । ତନ୍ମଧ୍ୟରେ ଗୋ ୧୩୦ ଟି ମୃତଶବ ବାହାରିଅଛି ଏବଂ ଅନ୍ୟର ଅଧିକ ମୃତଦେହ ବାହାରିବାର ଅନୁମାନ କରାଯାଏ । ମୃତବ୍ୟକ୍ତିଙ୍କ ମଧ୍ୟରେ ସ୍ତ୍ରୀଲୋକଙ୍କ ସଂଖ୍ୟା ଅଧିକ ଅର୍ଥାତ୍ ଚଳିଶଜଣର ଦୁଇଜଣ ସ୍ତ୍ରୀଲୋକ ।

ବୃହତ୍‌ଦେଶସମ୍ବନ୍ଧରେ ଏ ସପ୍ତାହରେ ଯେ ସମସ୍ତ ସମ୍ବାଦ ମିଳିଅଛି ତହିଁରୁ ପୂର୍ବପ୍ରାୟ ଦେଶଖଣ୍ଡରେ ଭକାଏତା ଲାଗି ରହିବାର ପ୍ରକାଶ । ଏକଦଳ ଭକାଏତ ପୁଲିସକୁ ଆକ୍ରମଣ କରିଥିଲେ ମାତ୍ର ସୌଭାଗ୍ୟକ୍ରମେ ପୁଲିସ ତାଙ୍କମଧ୍ୟରୁ ଜ ୫-ଣଙ୍କୁ ହତ ଏବଂ ଅନେକଙ୍କୁ ଆହତ କରିଅଛନ୍ତି । ତହିଁ ଅତିରିକ୍ତ ସେହି ଭକାଏତମାନେ ଗୁଜରାଟର ମିଙ୍ଗିସ୍ଥାନଠାରୁ ୨୦ ମାଇଲ ଦୂରାନ୍ତରେ ଏକ କର୍ମାପୁଲିସକୁ ଆକ୍ରମଣ କରି ତାଙ୍କର ସରଦାର ପୋଡ଼ିଦେଇ ଜଳାଇଦେଲେ । ଏହିରୂପେ ବ୍ରହ୍ମଦେଶରେ ଅଦ୍ୟାପି ଅଶାନ୍ତି ବିରାଜିତ ଅଛି

ସେଣ୍ଟପିଟର୍ସବର୍ଗର ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ଯେ ସ୍ୱାଇବର୍ଗୀ ପାରସ୍ୟଦେଶ ଚହିଲାନଗରରୁ ପଳାଇଥିବା ସମ୍ବନ୍ଧରେ ରୁଷିୟା ଗୋପନିପ୍ରକାରେ ଉତ୍ତେଜନା ଦେଉ ନାହିଁ ବ ସେ ପଳାଇଥିବାବାଦ ଅଫଗାନସ୍ଥାନରେ ଗୋପନ ଗୋଳମାଳ ଉଠିଲେ ତହିଁରେ ଯୋଗ ଦେବାକୁ ରୁଷିୟାର ଅଦୌ ବାଞ୍ଛା ନାହିଁ । ଏଥିରୁ ଜଣାଯାଏ ଯେ ସ୍ୱାଇବର୍ଗୀ ରୁଷିୟାଙ୍କ ନ ଯାଇ ଅଫଗାନସ୍ଥାନକୁ ଯାଇଥିଲେ ମାତ୍ର ଅମୀରଙ୍କଲୋକେ ତାଡ଼ିଦେବାରୁ ପୂର୍ବବାର ପାରସ୍ୟଙ୍କ୍ୟକୁ ଲେଉଟି ଯାଉଅଛନ୍ତି । ଏହା ସତ୍ୟ ହେଲେ ସେ ଶୀଘ୍ର ଧରାପଡ଼ିବାର ସମ୍ଭବ ।

ଇଙ୍ଗ୍ଲେଣ୍ଡୀୟ ଲେଖିଅଛନ୍ତି ଯେ ଭାରତବର୍ଷରେ ବର୍ତ୍ତମାନ ପ୍ରାୟ ୨୫୦୦୦୦୦୦ ପାଉଣ୍ଡ ମୂଲ୍ୟର ନିର୍ମିତଦ୍ରବ୍ୟର ତୁଲା ଅମ୍ବଦାନ ହୁଅଇ ଏବଂ ପ୍ରାୟ ୧୫୦୦୦୦୦୦ ପାଉଣ୍ଡ ମୂଲ୍ୟର ତୁଲା ରପ୍ତାନି ହୁଅଇ । ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଏ ଦେଶର ଶିଳ୍ପ ନିମିତ୍ତ ଯେତେ ତୁଳାର ପ୍ରୟୋଜନ ତାହା ଏଠାରେ ଉତ୍ପନ୍ନ ହେଉ ନାହିଁ । ସୁତରାଂ କପାରଗ୍ରସ ଯେତେ ବୃଦ୍ଧି ହେବ ତେତେ ଲାଭର କଥା ।

ଅଫଗାନସ୍ଥାନର ଅବସ୍ଥା ଅଧିକତର ଗୋଳମାଳପୂର୍ଣ୍ଣ ହୋଇଥିବାର ଏ ସପ୍ତାହର ସମ୍ବାଦମାନଙ୍କରୁ ପ୍ରକାଶ । ସିଜନଠାରୁ ମା ୧୮ ଲଗ ଦକ୍ଷିଣ ଜାଇଲଠାରେ ବିଦ୍ରୋହମାନେ ଗୋଲମହାଲଦଳ ଲୁଟପାଟକୁ ପରସ୍ତ କରିଅଛନ୍ତି ଏବଂ ଅମୀରଙ୍କ ସେନାପତି ଅନେକସୈନ୍ୟ ଓ ଅସ୍ତ୍ରଶସ୍ତ୍ର ହରାଇଅଛନ୍ତି । ଅଫଗାନସ୍ଥାନର ଦକ୍ଷିଣସ୍ଥଘାଟି ବନ୍ଦ ହୋଇ ଯାଇଅଛି ଏବଂ ଭଦ୍ରାର ବାଣିଜ୍ୟ ଏକାବେଳକେ ବନ୍ଦ ହୋଇ ଯାଇଥିବାର କଥିତ ହୁଏ । ଅଫଗାନସ୍ଥାନର ଅମୀରଙ୍କ ଶରୀର ମଧ୍ୟ ଭଲ ନାହିଁ । ତାଙ୍କ ଗୋଡ଼ଭୟାନକରୂପେ ମରିବ ଥିବାରୁ ଚଳିଗୋଡ଼ ବାଟିବାର ଅବଶ୍ୟକ ହୋଇଅଛି ସୁତରାଂ ତାଙ୍କ ଜୀବନ ବିପଦଗ୍ରସ୍ତ ।

ସୁଖ୍ୟାତିସମ୍ବାଦ ।

ଏଥିପୂର୍ବେ ଏ ସ୍ଥାନର ଫିରିଦ୍ଦାର ଡାକ୍ତରଗିରିଅନ ଦ୍ରବ୍ୟକ୍ରୟକାରୀ ନ ୨ ମ୍ୟାଣିଅର୍ଡ଼ର ଟଙ୍କା ଅସ୍ୱୀକାର କରିଥିବା ଲବ୍ୟାଦ ଅପରିଥିଲ ସଦନମା ଯାହା ଶ୍ରୀଯୁତ ବାବୁ ସଜନୋପାଳଦାସ ଡପୋଟୀମେଜେଷ୍ଟରଙ୍କ ନିମ୍ନବର୍ଯ୍ୟାନରେ ଥିଲା ଗତ ତା ୧୨ ରିଖେ ନିଷ୍ପତ୍ତି ହୋଇ ଅସାମୀପ୍ରତି ବଳାନ୍ତ ମାସ ବାରଦଣ୍ଡ ଓ ଟ୍ରେଜ୍ୟ ୧ ଟଙ୍କା ଅର୍ଥଦଣ୍ଡ ହେଉ ଉକ୍ତ ମୋକଦମା ଏଠା ଫିରିଦ୍ଦାର ସବ ପୋଷ୍ଟମାଷ୍ଟର ବାବୁ ଜଦଲଲଗୋପ ବନ୍ଧୁ ପରିଶ୍ରମ ଓ ଯତ୍ନରେ ତଦନ୍ତ କରି ଦରଖାସ୍ତ ଉପରିସ୍ଥ ହାକିମଙ୍କୁ ଜଣାଇବାରୁ ଫଳ ଭଲ ହୋଇଅଛି । ଉପରୋକ୍ତ ଯେ ଦରଖାସ୍ତ କର୍ତ୍ତୃପକ୍ଷମାନେ ଏହାଙ୍କ ବିଶେଷ କାର୍ଯ୍ୟ ଚଳାଇବା ବିଷୟରେ ଉତ୍ତମ ବିଚାର କରିବେ ।

ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ନୀଳକଣ୍ଠ ଦାସ—ଶ୍ରୀଙ୍କ ଅଭିଭାବକ ଓ ଅପର ଗ୍ରାମବାସିଙ୍କ ସଭା ଏବଂ ଶ୍ରୀଙ୍କ ସଭା ଯୋଡ଼ିଏ ଭିନ୍ନ ବ୍ୟାପାର ଅଟେ । ଗ୍ରାମବାସିମାନଙ୍କୁ ସମୟ ସମୟରେ ଏକତ୍ରିତ ବିଦ୍ୟାଳୟ ଓ ଶିକ୍ଷାର ଉନ୍ନତିବିଷୟରେ ଚିନ୍ତା ଓ ପରାମର୍ଶ କରିବାକୁ ପ୍ରବର୍ତ୍ତାଇବା ଅବଶ୍ୟ ଉପକାରଜନକ ଅଟେ । ଶ୍ରୀମାନେ ଅନ୍ୟଚିନ୍ତା ଶକ୍ତି ଅପଚୟ ପାଠ୍ୟବିଷୟରେ ଯେତେ ମଗ୍ନ ହେବେ ସେତେ ଭଲ ସେମାନଙ୍କ ସଭା ସେମାନଙ୍କ ଶିକ୍ଷଣୀୟ ବିଷୟ ଛାଡ଼ି ଅନ୍ୟବିଷୟରେ ହେଲେ ତହିଁରେ ଛାତ୍ର ଲାଭର ସମ୍ଭାବନା ନାହିଁ ବରଂ କ୍ଷତି ହୋଇ ପାରେ ।

ଶ୍ରୀମାଧବଚନ୍ଦ୍ରଙ୍କର ଲେଖିଅଛନ୍ତି ବ ସାଧୁବାବୁ ଅମୃତ ଭଳୋଷ୍ଟି ବାଳକଙ୍କୁ ଦ୍ୱିଧର୍ମୀ କରିଲେ ଅମୃତ ବଂଶ ଲୋପକରି ଅଜନ୍ମଦୁଃଖୀ କରିଲେ

Digitized by srujanika@gmail.com

Split by PDF Splitter

ଅଛନ୍ତି ଆଉ ସେମାନଙ୍କୁ ଉପଯୁକ୍ତ ବିବାଦ ଲିଖିବାଦ ଏବଂ ଦଣ୍ଡରେ ଉଣ୍ଡି ବିବାଧାଯୁକ୍ତ କରାଇବାରେ ଯେ ବହୁ ଅର୍ଥ ବ୍ୟୟ ହୋଇଅଛି ସାଧୁବାରୁ ତହିଁର ଦାୟୀ କେବେ ବି ନାହିଁ । ଆମ୍ଭମାନଙ୍କ ବିବେଚନାରେ ପିଲାଙ୍କ ବିଷୟ-ଦୃଷ୍ଟିରେ ଫଉଜଦାରୀ ଅଦାଲତରେ ବହୁ ବା-ଯ୍ୟିତ୍ୱ ହୋଇ ନ ପାରେ । ଖେଷାଗର ନାଲିସ ଦେବାରୀ ଅଦାଲତରେ ହୋଇପାରେ ମାତ୍ର ତାହା ଅତ୍ୟନ୍ତ ବ୍ୟୟସାଧ୍ୟ । ଆପଣଙ୍କ ପ୍ରାର୍ଥନା-ମତେ ଭଗବଦ୍‌ଭକ୍ତିପ୍ରଦାୟିନୀସଭାକୁ ଆପଣଙ୍କର ପତ୍ର ପଠାଇଦେଲୁଁ ସେଠାରୁ ଉଚିତ ଉତ୍ତର ପାଇବେ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳପତ୍ରିକା ସମ୍ପାଦକ-ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ ପ୍ରଶ୍ନସମୂହକୁ ସ୍ଥାନଦାନ କରି ବାଧିତ କରିବା ଦେବେ ।

୧ମ ।—ଏଠାରେ ଗୋଟିଏ ଭାଗବତ-ଶ୍ଳୋକରେ ବାଦାନୁବାଦ ପଡ଼ିଅଛି ।

ମୁଁ ବାଦୀ କହେଁ । "ଭାଗବତ" ୩୩୫ ଅଧ୍ୟାୟ, ପ୍ରତିବାଦୀ କହନ୍ତି, ୩୩୨ ଅଧ୍ୟାୟ । ଭାଗବତ ଶ୍ରୀଧରସ୍ୱାମିଙ୍କ କୃତ ଟୀକା ଆଦ୍ୟରେ ଲିଖିତ ଅଛି । "ଶ୍ରୀମଦ୍ଭାଗବତାଭିଧଃ ସ୍ୱର-ରୂପଃ ।" ଏହି ଶ୍ଳୋକରେ "ଦ୍ୱାତ୍ରିଂଶ-ତ୍ତ୍ରିଶତଂ ଯସ୍ୟ ବିଲସନ୍ତାଖ୍ୟାଃ" । ଏହି ପଦର ସମାସ ଓ ଏହାର ପ୍ରମାଣ ଓ ଯଥାର୍ଥ ଅର୍ଥ ପ୍ରତ୍ୟୁତ୍ତର ସ୍ୱରୂପ ଉତ୍ତର ଦାନ କଲେ ଚରି-ତାର୍ଥ ହେବ ।

୨ୟ । ଭାଗବତର ଅଧ୍ୟାୟ ସଂଖ୍ୟା ଏହି ।

ପ୍ରଥମସ୍କନ୍ଧର ୧୧ ଅଧ୍ୟାୟ, ଦ୍ୱିତୀୟସ୍କନ୍ଧର ୧୦ ଅଧ୍ୟାୟ ତୃତୀୟସ୍କନ୍ଧର ୩୩ ଅଧ୍ୟାୟ ଚତୁର୍ଥସ୍କନ୍ଧର ୩୧ ଅଧ୍ୟାୟ ପଞ୍ଚମ ସ୍କନ୍ଧର ୨୬ ଅଧ୍ୟାୟ ଷଷ୍ଠସ୍କନ୍ଧର ୧୧ ଅଧ୍ୟାୟ ସପ୍ତମସ୍କନ୍ଧର ୧୫ ଅଧ୍ୟାୟ ଅଷ୍ଟମସ୍କନ୍ଧର ୨୪ ଅଧ୍ୟାୟ ନବମସ୍କନ୍ଧର ୨୪ ଅଧ୍ୟାୟ ଦଶମସ୍କନ୍ଧର ୯୦ ଅଧ୍ୟାୟ ଏକାଦଶସ୍କନ୍ଧର ୩୧ ଅଧ୍ୟାୟ ଦ୍ୱାଦଶସ୍କନ୍ଧର ୧୩ ଅଧ୍ୟାୟ ।

ଅ ୩୩୫ ଧ୍ୟାୟ

୩ୟ । ଏକ ବ୍ୟକ୍ତିର ଏକ ସନ୍ତାନ ଅଛି । ସେହି ସନ୍ତାନ ଗୋବଧ କଲା । ତାହାର ସମସ୍ତ ଅଙ୍ଗ ଲୋହୁଁ; ତାହା ପିତୃମୁଖ ହେଲା । ସେପିତାର କ୍ରିୟା ଏହି ସନ୍ତାନ କରିବ ବା ଅଜରକ୍ତ ହେଇ କରିବ । ଯଦି ଏହି ସନ୍ତାନ କରେ ତେବେ ପ୍ରାୟଶ୍ଚିତ୍ତ ନ ହୋଇ ବିପରୀତ କରିବ । ଯଦି କରିବାର ଶାସ୍ତ୍ର ଥାଏ ତେବେ କେହିଁ ସମସ୍ତରେ କରିବ ।

ଭାଲଚେରଦୁର୍ଗ } ଶ୍ରୀଚନ୍ଦ୍ରନାଥପଣ୍ଡା ଜଳ ଶର୍ମା
ତା୧୧।୮୭ } ପଣ୍ଡିତ ଏବଂ ଯାଜକବିଦ୍ୟା-ଗର ପୁସ୍ତକାଧ୍ୟକ୍ଷ ।

ମହାଶୟ ।

ଅଜକାଲି ପ୍ରାୟ ଅନେକ ହିନ୍ଦୁ ଆପଣାର ଯେ ଆଗ୍ରହ ଥିଲା, ଥିଲା ତାହା ପରିତ୍ୟାଗକରି ନାନାପ୍ରକାର କୁରୁଚିସମ୍ପନ୍ନ କାର୍ଯ୍ୟମାନଙ୍କରେ ପ୍ରବୃତ୍ତ ହେଉଅଛନ୍ତି ଏବଂ କେତେକ ହିନ୍ଦୁ-ଯୁବକ ସ୍ୱଧର୍ମ ଛାଡ଼ି ଅନ୍ୟଧର୍ମରେ ଦୀକ୍ଷିତ ହେଉ-ଅଛନ୍ତି ଏହାର କାରଣ କଣ ? ଆମ୍ଭେମାନେ ବହୁ ସ୍ଥିର କରିପାରୁ ନାହୁଁ । ନାନା ଶାସ୍ତ୍ରରୁ ପ୍ରମାଣ ମିଳୁଅଛି ପୂର୍ବକାଳରେ ହିନ୍ଦୁମାନେ ଏପରି ନିୟମରେ ଥିଲେ ଯେ ସେମାନେ ମଦ୍ୟ ସ୍ପର୍ଶକଲେ ପତିତ ହେଉଥିଲେ; ଅତି ଯବନ-ମାନଙ୍କୁ ଛୁଇଁବାର ନିଷିଦ୍ଧ ଥିଲା । ବର୍ତ୍ତମାନ-କାଳର ଅନେକ ହିନ୍ଦୁ ମଦ୍ୟପାନ ଓ ଯବନ ଚର୍ମିତ ପାଉଁରୁଟି ଏବଂ ବିସ୍ମୃତ ପ୍ରଭୃତି ପଦାର୍ଥ ଖାଦ୍ୟରୂପରେ ବ୍ୟବହାର କରୁଅଛନ୍ତି । ତା-କାରଣ ଉପରୋକ୍ତ ଖାଦ୍ୟମାନଙ୍କୁ ନ ଖାଇଲେ ଲୋକମାନଙ୍କ ନିକଟରେ କାରୁବୋଲି ପରିଚିତ ହେବେ ? ତନ୍ମ ଏହିସବୁ କାର୍ଯ୍ୟଦ୍ୱାରା ଆପଣାର କେତେଦୂର ଅନିଷ୍ଟ ହେଉଅଛି ତାହା ସେମାନେ ଥରେ ସ୍ୱତ୍ତା ମନରେ ଭାବନ୍ତି ନାହିଁ । ଅଳ୍ପମଧ୍ୟ କେତେକ ହିନ୍ଦୁଯୁବକ ବର୍ତ୍ତମାନ ସ୍ୱଧର୍ମ ପରି-ତ୍ୟାଗକରି ବ୍ରାହ୍ମଧର୍ମ ପ୍ରତି ଅବଲମ୍ବ ହେଉ-ଅଛନ୍ତି । ଏହି ବିଷୟ ସବୁ ଅନୋଚନ କଲା ମାତ୍ରକେ ଚକ୍ଷୁଦ୍ୱୟ ଉପସ୍ଥିତ ହେଉଅଛି । ବ୍ରହ୍ମ-ଧର୍ମରେ କଅଣ ମୁକ୍ତିର ଉପାୟ ଅଛି ହିନ୍ଦୁଧର୍ମ-ରେ ବି ନାହିଁ ? ବ୍ରହ୍ମମାନେ କେବଳ ଜଗତ-ପିତା ଜଗଦୀଶ୍ୱରଙ୍କ ଅନନ୍ତ କ୍ରୋଡ଼ରେ ସ୍ଥାନ ପାଇ ପାରନ୍ତି ହିନ୍ଦୁମାନେ ବି ପାଇ ପାରନ୍ତି ନା ? ଈଶ୍ୱର ନିରାକାର ଏହା କେବଳ ବ୍ରାହ୍ମମାନେ ଯାଣନ୍ତି ହିନ୍ଦୁମାନେ ବି ଜାଣନ୍ତି ନା ? ହିନ୍ଦୁ-ଯୁବକମାନେ ଏହି ପ୍ରାଚୀନ ପବିତ୍ର ଏବଂ ପରମୋ-ତ୍କୃଷ୍ଟ ହିନ୍ଦୁଧର୍ମର ଉତ୍ତମ ବିଚାରମାନ ନ ବୁଝି କେବଳ ବାହ୍ୟ ବିଲୁପ୍ତକ ଏକ ନାମ ପ୍ରଲୋଭନରେ ପଡ଼ି ବ୍ରାହ୍ମଧର୍ମ ପ୍ରତି ଅବଲମ୍ବ ହେଉଅଛନ୍ତି । ହା ଆଶ୍ଚର୍ଯ୍ୟ ! ହା ଆଶ୍ଚର୍ଯ୍ୟ !! ଏମାନେ ହିନ୍ଦୁଧର୍ମର ବି ଦୋଷ ଦେଖି ତାହାରୁ ପରିତ୍ୟାଗ କରୁଅଛନ୍ତି ତାହା ଆମ୍ଭେମାନେ ଜାଣି ପାରୁ ନାହୁଁ । ଅତଏବ ହିନ୍ଦୁ-ଯୁବକ ଗଣଙ୍କୁ ବିନୀତ ପ୍ରାର୍ଥନା ଯେ ସେମାନେ ସ୍ୱଧର୍ମରେ ଅଗ୍ରସର ହୋଇ ଏଥିରେ ବି ପ୍ରକାର ମହତ୍ତ୍ୱ ଭରି ଅଛି ତାହା ଥରେ ବୁଝନ୍ତୁ । ଇତି ।

୨୫।୮।୮୭ } ଶ୍ରୀ ଧର୍ମେନ୍ଦ୍ର ଦାସ

ମହାଶୟ !

ଆମ୍ଭମାନଙ୍କର ଶ୍ରୀଯୁତ ମାନ୍ୟବର ନୂତନ ବିମିଶ୍ରସାହେବ ତା ୪ ରଖରେ ଏ ଶହରେ ସହରସ୍ଥ ଚେଙ୍ଗାଲାଳ, ବଡ଼ାମ୍ବା, ଗାଲଲବଡ଼ାର ୩ ମ୍ବର ଦୌରାମୋଦମାମାନ ନିରୀକ୍ଷଣ କଲେ । ପରଦିନ ପ୍ରବଦ୍ରକରେ ବୁଲି ୨ ସମ୍ବନ୍ଧୀୟ କାର୍ଯ୍ୟାଳୟମାନ ପରିଦର୍ଶନ କଲେ । ତା ୭ ରଖ ବୁଧବାର ଏଠାର ମାଇନରସ୍କୁଲର ବାର୍ଷିକ-ପାରିତୋଷିକ ବୋଇଗଲା ପ୍ରଥମେ ସାହେବ-ମହାଶୟ ସ୍ୱହସ୍ତରେ ବଣ୍ଟନ କଲା ପର ସ୍କୁଲର ସେକ୍ରେଟରୀ ମହାଶୟ ଇଂରେଜୀ ଥିବା ରିପୋର୍ଟ ପାଠ କଲେ ଏ ରିପୋର୍ଟରେ ସ୍ୱର୍ଗ ଥିବାରୁ ପଢ଼ି-ବାକୁ ବେଶି ସମୟ ଲାଗିଥିଲା ମଧ୍ୟ ଲେଖିବାର ପ୍ରଣାଳୀ ଏବଂ ରଚନା ଭଲ ଥିବାରୁ ପ୍ରଶଂସ-ନୀୟ ହୋଇଥିଲା । ସମୟାଭାବରୁ ପିଲାମାନଙ୍କର ସ୍ପୀଚ ହୋଇପାରିଲା ନାହିଁ; ଅବଶେଷରେ ସାହେବମହାଶୟ ଗାଣ୍ଡୋଗ୍ରାଳପୂର୍ବକ କେତେକ ଉପଦେଶବାକ୍ୟ ପ୍ରବାଳ କଲା ପର ସଭା ଭଙ୍ଗ ହେଲା । ସାହେବ ମହାଶୟଙ୍କର ଶାନ୍ତସ୍ୱଭାବ ଏବଂ ପ୍ରୀତିକର କାର୍ଯ୍ୟାବଳୀ ଦେଖି ପ୍ରଶଂସାର ସହିତ ଭୂୟ ୨ ଧନ୍ୟବାଦ ଦେଉଅଛନ୍ତି । ପ୍ରଶଂ-ସନୀୟ ସାହେବମହାଶୟ ତ ୩ ଦିନ ରହି ଗତ ବୁଧବାର ତା ୭ ରଖ ଖଣ୍ଡପଡ଼ା ଦଣ୍ଡକ ପ୍ରତ୍ୟା-ଗମନ କଲେ ।

(ନ) ଏଠାର ଶିକ୍ଷକମାନେ ସୁରସ୍ଥ ସ୍ୱତ୍ତା ବିଷୟରେ ବିମିଶ୍ରୀ ବିଗ୍ରହ କରି ମନ୍ତ୍ରୀଙ୍କ-ନିମିତ୍ତ ରିପୋର୍ଟ କରିଥିବା ବିଷୟ ପୂର୍ବେ ଦୀପିକାରେ ଯାହା ଅନ୍ତରର ସହିତ ଜଣାଇଥିଲୁଁ ତାହା ନାମଞ୍ଜୁର ହେଲା । ଅମ୍ଭର କହିବାର ଏହି ଯେ ଏଠାର ଶିକ୍ଷକମାନଙ୍କର ବେତନ ଚଳାନ୍ତ ନମ ଯଦି ସେମାନଙ୍କ ମଧ୍ୟରୁ କେହି ଭଲ କାର୍ଯ୍ୟ କରେ ତାହାକୁ ପୁରସ୍କାର ଦିଆ ନ

Digitized by srujanika@gmail.com

Split by PDF Splitter

ଗଲେ ବି ଉତ୍ସାହରେ ଉତ୍ସବ କରିବାକୁ ସାହସ ହେବେ ? ଭଗ୍ନ ଅପରମାଇମେରଣ୍ଟି-ଷକ ଯଦି ତାହାର ସ୍ଥଳରେ ଶତ୍ରୁବୃତ୍ତି ପାପ ପ୍ରଚଳିତ ହେବେ ସେ ସୁବସ୍ଥାର ପାତ୍ର ହେବେ ? ଏପରି ସ୍ଥଳେ ସୁବସ୍ଥାର ନ ଦେବାଟା ଅମ୍ଭମାନଙ୍କ ବିଚାରରେ ନ୍ୟାୟ ବିଚାର ବୋଲି ବୋଧ ହେଉ ନାହିଁ । ଏଥିର ସ୍ଥଳର-ବିଚାର କରିବାର ଅନୁରୋଧ କରୁଁ । ଇତି ।

ଡେକ୍ସାଲ } । ଭ । ୨୮।୮।୮୭ } ବ୍ରଜବନ୍ଧୁ ଦାସ

ମୂଲ୍ୟପ୍ରତି ।

ବାବୁ ଶିବପ୍ରସାଦ ରକ୍ଷିତ	ବଟକ	ବଜୀସ୍ଥ	ଟ ୪ ୧
" ବିନୋଦବିହାରୀ ମହାପାତ୍ର	"	"	ଟ ୪ ୧
" ଉମେଶପ୍ରସାଦ ସିଂହ	"	ଅମ୍ବଗ୍ରି	ଟ ୩ ୧
ଶ୍ରୀ ବଳା ଚନ୍ଦ୍ରେ ଭୂଦୋଳ	"	ବଜାସ୍ଥ	ଟ ୧୨।୪/୧
"	"	ଅଗ୍ରିମ	ଟ ୩
ବାବୁ ପ୍ରଭୁନାଥ ଗୁପ୍ତ ମୁଖୁର୍ଯ୍ୟା	ବଟକ	"	ଟ ୩ ୧
ଶ୍ରୀଗୋବିନ୍ଦ ରାଉତ	ଝିଟାଇ	"	ଟ ୩ ୧
ଦେବେନ୍ଦ୍ର ଦାସ	ବଟକ	"	ଟ ୩ ୧
ଗୋପୀନାଥ ଦାସ	ଅମ୍ବୁଲେଶ୍ୱର	"	ଟ ୩ ୧

ବିଜ୍ଞାପନ ।

NOTICE.

"Under the patronage of the Dy. Inspector of schools Cuttack we the teachers of Cuttack Town school have started a Book shop on the 4th. instant in order to secure the orders of Books to be purchased out at the Primary Funds and for general circulation of Books."

Cuttack } Bhupati Nath Bose
9-1887. } Chakradhar Acharjea

PUBLIC WORKS DEPARTMENT
SOUTH WESTERN CIRCLE.

NOTICE.

The Orissa Coast Canal Range IV B between Soolputta on the Panchpara river and Nulcool on the Burrabolong river measuring 6½ miles was opened for traffic on the 1st Instant.

A. HAYES
Executive Engineer
Balasore Division

ବଙ୍ଗଦେଶର ପୂର୍ତ୍ତକାର୍ଯ୍ୟ ବିଭାଗ ।

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ପଞ୍ଚପଡ଼ା ନଦୀ ଉପରସ୍ଥିତ ସୁଲପଟ୍ଟା ଓ ବୁଢ଼ାବଲଙ୍ଗ ନଦୀ ଉପରସ୍ଥିତ ନଲକୁଲ ମଧ୍ୟସ୍ଥିତ ୬½ ମାଇଲ ପରିମିତ ଓଡ଼ିଶା-କୋଷ୍ଟକେନାଲର ୪ ବି, ରେଞ୍ଜ ଚଳିତମାସ ତା ୧ ଦିବସରେ ବେପାର ନିମିତ୍ତ ଫିଟିଲା ।

A. HAYES
Executive Engineer
Balasore Division

ଚଣ୍ଡୀ ।

ବାମଣ୍ଡା ଜଗନ୍ନାଥବଲ୍ଲଭ ପ୍ରେସରେ ବେଗ-ମହାତ୍ମ୍ୟ [ଚଣ୍ଡୀ] ଭାଷା ଟୀକାସହିତ ଉତ୍କୃଷ୍ଟ-ଅକ୍ଷରରେ ମଦ୍ରାଙ୍କିତ ହୋଇଅଛି ଏହାର ଦାମ ଟ ୦ ୩ ଅଟେ ଏ ପୁସ୍ତକ ପୃ ୩୧୮ ଖଣ୍ଡ ଅଟେ ଏବଂ ଏଥିରେ ଅର୍ଗଳ ଖିଳକ କବଚ ଶାପୋ-ଦ୍ଧାର ଫଳଶ୍ରୁତି ସ୍ତୁତିପାଠ ଆଦ୍ୟମ ଓ ଜବାଖସ୍ତ ମହାତ୍ମ୍ୟସହିତ ପ୍ରକାଶିତ ହୋଇଅଛି ଏହିପୁସ୍ତକ ନିମ୍ନଲିଖିତ ଠିକାନାରେ ମଧ୍ୟ ପ୍ରାପ୍ତ ହେବ ଗ୍ରାହକମାନଙ୍କୁ ଡାକମାସୁଲ ଦେବାକୁ ହେବ ନାହିଁ । ଇତି ତା ୧୭।୮।୮୭

ଶ୍ରୀ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟା ବଟକଙ୍କ ନିକଟରେ ଓ ଶ୍ରୀ ମୋହନ ଚନ୍ଦ୍ରନାଥ ମୋଖ୍ତାର ସମ୍ବଲପୁରଙ୍କ ବିଭାଗ ଦୋକାନରେ ପ୍ରାପ୍ତବ୍ୟ ।

ବାମଣ୍ଡା } ଶ୍ରୀ ବାବୁ ବୃନ୍ଦାବନଚନ୍ଦ୍ର-ଦେବ—ସେକ୍ରେଟରୀ
। ଭ । ସମ୍ବଲପୁର } ଜଗନ୍ନାଥବଲ୍ଲଭ ପ୍ରେସ୍ ।

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀର ଛାପାଖାନାରେ ବିକ୍ରୟ ହେଉଅଛି । ମଫସଲର ଗ୍ରାହକଙ୍କୁ ମୂଲ୍ୟ ଛଡ଼ା ଖଣ୍ଡପ୍ରତି ଡାକମାସୁଲ ଟ ୦।୬ କେଖାଁ ଏପରିବ

ପ୍ରସ୍ତାବସିନ୍ଧୁ [ପ୍ରସିଦ୍ଧଗ୍ରନ୍ଥ]	ମୂଲ୍ୟ	ଟ ୦ ୪
ପାଷଣ୍ଡଦଳନ	ମୂଲ୍ୟ	ଟ ୦/୬
ଶୋଭାବତୀ ଶବ୍ଦ	ମୂଲ୍ୟ	ଟ ୦ ୩/

PUBLIC WORKS DEPARTMENT,—BENGAL.
IRRIGATION.
The 19th July, 1887.

No. 246—*Notification.*—Notice is hereby given that the Lieutenant-Governor of Bengal proposes, under the provisions of Act II (B. C.) of 1882, to declare that clause *b*, section 76 of that Act shall take effect over a tract of country extending for one mile in the bed of the Mahanady river from its right bank from mouzah Biranasi to the Jobra Anicut. The erection of any new embankment or any addition to an existing embankment, or the obstruction or diversion of any water-course within the tract above defined without previous sanction of the Collector of Cuttack, in Orissa, is prohibited.

C. W. HARRISON *Lieut. Col.* R. E.,
Offg. Joint-Secy. to the Govt. of Bengal,
P. W. Dept.

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
ନ ୧୦ ମିର ଗ୍ରେ ଷ୍ଟ୍ରିଟ, ଶ୍ୟାମପୁକୁର,
କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ବିଳ-ପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ବିଧାନ ଯାଏ ।

ଯୋଗସିଦ୍ଧ ରସ ।

ଏହି ପ୍ରସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏବଂ ପ୍ରସ୍ରାବ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂୟସହିତ ଧାତୁନି-ର୍ଗମ, ସରଳ ପ୍ରସ୍ରାବ, ଶୀତଳଜଳବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସ୍ୱଳ୍ପ ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଶ୍ରେଷ୍ଠ ୧ ଶିଶିର ମୂଲ୍ୟ ଟ ୨/ ବଡ଼ ୧ ଶିଶିର ମୂଲ୍ୟ ଟ ୩ ପ୍ୟାକିଂ ଖର୍ଚ୍ଚା ଟ ୦ ୪/

ପ୍ରବରାଜ—ଘୃତ ।

ଏହା ସେବନ କଲେ ଗର୍ଭାଶୟ ଅଶ୍ରିତ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, 'ଋତୁରକ୍ତ, ଅକାଳରେ ଅଧିକ ପରିମାଣରେ ରକ୍ତପ୍ରସ୍ରାବ, ଜଳଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନିଷ୍ଫଳ କରେ ।

୧ ଶିଶିର ମୂଲ୍ୟ ଟ ୨/ ଓ ପ୍ୟାକିଂ ଖର୍ଚ୍ଚା ଟ ୦ ୪/

Digitized by srujanika@gmail.com

Split by PDF Splitter

ଓଡ଼ିଶା ମିଶନ ପ୍ରେସ କାଟକୀ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗଭର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

ମେହରୋଗ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନରୋଣୀ ଓ ବଲଗ ଓ ରେସମୀଓଗେର ଲୁଗା ଓ ଷ୍ଟୋସନଲ୍ସ ଓ ବଲ୍ଲଗ ଭମାଖ ସଚ୍ଚରଚର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିଦ ଅଉ ହେଉଛି ଫେକସ୍ ଜଳସାହ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏହିଭଳି ଆମ୍ଭେମାନେ ବଲ୍ଲେର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପରେ ଆପଣା ମଜଲସ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ଘଣ୍ଟାକୁ ଫି ବାବଦ ୫ଟଙ୍କା ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖରାପ ଖସିଯାଇଥିବାର ଭାର ତାଙ୍କ ଉପରେ ଥିବ । ଖରାପ ହେଲେ ଝାଡ଼ର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଉପସିଲ ।

ବଲର ଗେଜଣା ଚୀ
ଗଟିରେ ଗଟ ହେଲେ
ସ୍ୱରେ ।
ଏସ୍ପେରାଣ୍ଡ
ଜେସେମିନ୍ ଟେଲ ଉଠିବା
ଯେଉ ସ୍ୱାଦ ଓ ଲୋମ
ସହିତ ।
ଚିଉଁ ଅର୍ଥାତ୍ ଚିକ୍ରଣ
ଜିରାବା ଜାତିକ ଫେହ-
ସିଲ୍ ଓ ବଲ୍ଲଗ ।
ଫେହ୍ସିଲ ବାଟିକା ଗଣ୍ଡ ।
ନାନା ପ୍ରକାରର ଚଠ-
ବାଜିକ ଓ ଲଘୁଘା
ବାତ ପିତ୍ତ ଓ
କଫ ଜନିତ ଓ ସ୍ୱର
ବଗଗ ଫେଟ୍ରେସ
ଜ୍ୱର୍ଣ୍ଣ ଭୁଲଘଣ୍ଟ
ଏକଘଣ୍ଟ ଭୁଲ
ଫେଲସନ ଜଗୋର ସମ
ଫେସର ଅଗେଲ
ମାର୍ଣ୍ଣି ବାଲୀ ଭୁଲାରେ
ଚଢ଼ ଫେଲେ ଫୋଟ
ସବେ ଚଢ଼ିବ ହେବ
ନାହିଁ ।
୩, ଫୋଷିକ ଗଣ୍ଡଫେର
ବାଗୀକ ଓ ବହୁଗା ।
ଫ୍ରେଣ୍ଟ ଭ୍ରାଣ ।
ଟିଟର ଛଡ଼ ।
ବଗଗ ଗାଜୁଛ ।
ପାଲାଇ ଗାଜାନ ଘଡ଼ିରେ
ଭୁଗା ପରଗ୍ରାଣ ଛୁଏ ।
ଅଗ୍ରୋଣ ଗ୍ରେନ—ଅର୍ଥାତ୍
ଗ୍ରେଣ୍ଟ ପ୍ରଭେଦ ।
ଅଗର ଭୁଲ ।
ଓଟାଣ୍ଟର ଗୁଣ୍ଡ ଛଡ଼ା ।
ବଗ୍ରର ଅବ ।
ଫୋସେଲାଇନ୍ ।
ଗୋରସ୍ପ୍ରଭବ ଫେଣ୍ଟର-
ମେନ ଓ ବଗ ଗୋ-
ଭରେ ଘରେ
ଚ୍ଛାଗ ଜାତ ଗର୍ଥାତ୍
ଫେଣ୍ଟିବାକେଲେ ଗାଳ
ଓ ଗ୍ରୁଣ୍ଟିରେ ବଗ
ହେବ ।
ଅଗ୍ରମ ଚଣ୍ଡା
୧୭ × ୧୦ ଇଞ୍ଚ
୧୪ × ୧୭ ଇଞ୍ଚ
ପରେଣ୍ଟ୍ରିକ ଲଂଗେ ପାଟି
ସ୍ୱରୂପ ୫ ୦ ।/୭
ମୋଟା ଓ ମୋଟାବର
ଉତ୍ତମ ଅଗ୍ର ଜଳଜଳ
ବଗଗ ସ୍ୱାଗ୍ରହ ବଗ
ଜଳ ଓ ଗାଇବର ଗୌର
ଫିଟା
ବଗଗ ଅଗ୍ରଜିଲ୍ଲା
ଏଗଜ ଗାଇଛ ।
ଗ୍ରୁଅର ଫେନ ।
ଅଗ୍ରମେଣ୍ଟ ଫେଣ୍ଟ୍ରିଲ୍ ଓ
ଅର୍ଥାତ୍ ଏ ଫେଣ୍ଟ୍ରିଲ୍ରେ
ଲେଣ୍ଟ ଜଟିଲ ଫେଣ
ବଗ୍ ଭ୍ରମାଇ ଫେଣ୍ଟ
ଫେଣ୍ଟ୍ରିଲ୍ ଲେଖା ନି
ସରେ ଫେଣ ଚଗାଇ
ଦେଲେ ଚଢ଼ିବ ଜଳ
ଲ ଲାଗେ ।
ବଗିଟ ଫେଣ ।
ବଗଗ୍ରିଣ ଫେଣ୍ଟରେ ଜଳ-
ବାର ଝାଡ଼ ।
ଭଗ୍ରର ଫୋଟର ଅର୍ଥାତ୍
ଚଠାଇ ଜଗର
ଗ୍ରାଣ୍ଟବାଳ ଜଗର ।
ନମଗ୍ରାମ ।
ଫେଣ୍ଟ୍ ଭ୍ରୁ ଫେଣ୍ଟ୍ରିଲ୍ ।
ଗମ ଫୋଟର
ବଳାଗ୍ରଣ୍ଟ ଗ୍ରାଗ୍ରା ଓ ଫୋଟ
ଓ ଜର
ମରସ୍ପ୍ରଦାବାସ ଓ ଗ୍ରିଲ୍
ପାଇ ପାଟଫୋଟ ଓ
ଗ୍ରାଗ୍ରା ।
ଟ୍ରିଂ ଜାତ

ପିତ୍ତଗ୍ରାହ ।

ଏ ଗ୍ରାହକୁ ଫେଣ୍ଟଣସି ପାଣିରେ ବ୍ରଣ୍ଟି ନିଅଁ ରେ ଭରିଲାଇ ଫୋଟାଇଗର ଫାଟରେ ଦେଲେ ପାଣିଗଳା ଜଳ ହେବ ଗରିବ ମଣ୍ଟି-ଅରେ ଲେପିଦେଲେ ମଜଳୁତ ଓ ଭଲ ଥିବାର ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇଲାଇ ଜାଳ ମଧ୍ୟ ଅଛି ।

ଅରଜବଣ୍ଟ ଜର ଜଖାଗ୍ର

ଉତ୍ତରଗ୍ରଣ୍ଟିବାରେ ବଣ୍ଟଗ୍ରଣ ଜପାଇଲାଇ ଗଟ । ଚଲ୍ଲ-ଣ୍ଟିତ ଭ୍ରୁପେ ଖାଲ୍ଲ ଫୋଇଅଛ ଛଡ଼ା —

ପ୍ରଥମଗ୍ରେଣ୍ଟ ଫଳାଫେ	
ଖାଟ ଗ୍ରଟ	୫ ୦ ।/
ଅଗ୍ରଗ୍ରୁଣ୍ଟ	୫ ୨ ୧
ଗ୍ରୁର୍ଣ୍ଣ ଗଟ [ଗ୍ରୁଣ୍ଟ]	୫ ୦

ଖାଟ ଫୋଇଟି ବଣ୍ଟଗ୍ରଣ୍ଟ ଯେଉଁ ଅଗ୍ର ଫେଲେଟ୍ରେ ଜଣ୍ଟ ଓ ଫର୍ଣ୍ଣ ୫ ୦୦ ଟ୍ ଭଳା ହେବ ଚାହିଁ । ଫୋ-ଟ୍ରଣ୍ଟ ଓ ଫ୍ରଗ୍ରଣ୍ଟ ଫଳାଫେ ଫର୍ଣ୍ଣ ଗ୍ରଣ ଅଗ୍ରେ ଫେଗ୍ରା ଓ ଟ୍ରଣ୍ଟ ଗ୍ରଣ୍ଟାଣ୍ଟମେ ହେବ ।

ଅଗ୍ରକ ଜଳର ଫଳାଫେ ଫ୍ରଟ୍ରେ ଜଳୋଜଣ୍ଟ ଫୋଟି ଗ୍ରାଟ ।

ବଣ୍ଟଗ୍ରଣ୍ଟର ମୂଲ୍ୟ ବଣ୍ଟଗ୍ରଣ ଫ୍ରଟେ ଫଟୋଇଲାଇ ହେବ ।

ଶ୍ରୀ ଏହ ଉତ୍କଳଦୀପିକା ସ୍ୱତ୍ୱ ଜଣ୍ଟ ଫ୍ରଟ୍ରେ ଫ୍ରଟ୍ରେ ଫ୍ରଟ୍ରେ

Split by PDF Splitter

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦର୍ପଣ ସମ୍ପାଦକ-
ମହାଶୟ ସମୀପେଷୁ

ମହାଶୟ !

ଆମ୍ଭେ ଇତିପୂର୍ବେ ନବସମ୍ବାଦରେ ଯେଉଁ ପ୍ରେରିତପତ୍ର ପ୍ରକାଶ କରିଥିଲୁଁ ବର୍ତ୍ତମାନ୍ ଆମ୍ଭେ ତନ୍ନିମିତ୍ତ ଅତ୍ୟନ୍ତ ଦୁଃଖିତ ହେଉଅଛୁଁ । ଇତି-ପୂର୍ବେ ଆମ୍ଭେ ସମ୍ପ୍ରଦାୟ ବୃତ୍ତାନ୍ତ ଅବଗତହୋଇ ନ ଥିଲୁଁ, ଏହି ନିମନ୍ତେ କେତେକ କାରଣର ବଶବର୍ତ୍ତୀ ହୋଇ ଏହି ପତ୍ର ଖଣ୍ଡିକ ମୋହ-ନାମରେ ପ୍ରକାଶ କରି ଦେଇଥିଲୁଁ । ବନ୍ତୁ ବର୍ତ୍ତମାନ୍ ଅଦ୍ୟୋପାନ୍ତ ସମ୍ପ୍ରଦାୟ ବୃତ୍ତାନ୍ତ ଯାହା ଯାହା ଅବଗତ ହେଲୁଁ ତହିଁରେ ଏହି ଅବେଦନପତ୍ରର ବିରୁଦ୍ଧରେ ଯାହା ଲେଖିଥିଲୁଁ ତନ୍ନିମିତ୍ତ ଅତ୍ୟନ୍ତ ଦୁଃଖିତ ଓ ସନ୍ତପ୍ତ ହେଉ-ଅଛୁଁ । ମୁଁ ସ୍ୱୟଂ ହନୁ, ଅତଏବ ହନୁମାନଙ୍କ-ଦ୍ୱାରା ଅନୁଷ୍ଠିତ କାର୍ଯ୍ୟର ସହିତ ମୋହର ସମ୍ପୂର୍ଣ୍ଣ ସହାନୁଭୂତି ଅଛି, ମୋହର ତହିଁରେ କୌଣସି ଅପରାଧ ନାହି । ନବସମ୍ବାଦରେ ପ୍ରକାଶିତ ମୋହର ଉକ୍ତ ପତ୍ର ପାଠକରି ହନୁମାନେ ମୋହପ୍ରତି ବିରକ୍ତ ହୋଇଥିବେ । ଅତଏବ ହନୁମାନଙ୍କ ନିକଟରେ ମୋହର ବିନୀତ ନିବେଦନ ସେମାନେ ମୋହର ଅପରାଧ ଗ୍ରହଣ ନ କରି କ୍ଷମା କରିବେ ।

୧୩।୮।୮୭ } ବଶମ୍ବଦ
ବିଶ୍ୱାଳିଖ ମହାନ୍ତି

ମହାଶୟ । ମୋହର ଏହି ନିମ୍ନଲିଖିତ ବିବ-ରାଣକୁ ଆପଣଙ୍କ ଜଗତ୍‌ବିଖ୍ୟାତ ପତ୍ରିକା-ପାର୍ଶ୍ୱରେ ସ୍ଥାନ ଦାନ କଲେ ଚିରବାଧିତ ହେବି ।

ଏହାଳେ ହେଲା ଧୋଇ ମରୁଡ଼ୀ । ସୁଖାଇଲା, ଲୋକେ ପଳାନ୍ତି ରାତି ରେ । ଦୋସା । ଅଧେ ଗଲା ବୁଡ଼ି ଅଧେ ଗଲା ପୋଡ଼ି ପଳାନ୍ତି ପରଜା ଗଲଜ ଛାଡ଼ି । କେ ଅଣ୍ଟାଇଡ଼ି । ଧରଣ ବାଡ଼ି । ପଳାନ୍ତି ଘର ଗାରଯା ଗଡ଼ି ।୧। ଶୂନ୍ୟ ହୋଇଅଛି ବଦନଗଡ଼ି । ବ ଖାଇଲୁଁ ବୋଲି ଜୁଆ ଲୋଡ଼ି । ନ ବର୍ଷିଲା ଜଳ ଜାଣ୍ଟି ଏ ଗହଳ ବଡ଼ିଖାଣିଗଲା ଗଲଜ ମାଡ଼ । କେ ମୁଣ୍ଡ ଛୋଡ଼ । ହୋଇ ବଗ୍ଡ । ଶଡ଼ୁଅଛନ୍ତି କେ ଗାର୍ଦ୍ଦରେ ରଡ଼ । ୨ । କେ ବୋଲେ କେମନ୍ତେ ଦେବା ସଲାଡ଼ । କେ ବନ୍ଧୁ ବାନ୍ଧବେ ଯାଆନ୍ତି ଲୋଡ଼ । ଦେଖି ବନ୍ଧୁମାନେ ବିଷଣ୍ଣବଦନେ ବହନ୍ତି ଆସିଛି ଆମ୍ଭଙ୍କୁ ଲୋଡ଼ୀ । ମରୁଛୁଁ ଗଡ଼ । ହେଲା ମରୁଡ଼ୀ । କେ ବୋଲୁଛି ଧାନ ଗଲାଣି ସଡ଼ି । ୩ । କେ ବୋଲେ ବଖାରା ଏକଖ୍ୟ ହେଲା । ଏହାବେଳେ ଧୋଇ ମରୁଡ଼ୀ ହେଲା । ନୁଆଗୁଡ଼ା ହେଲା ଜଅଙ୍କ ପଡ଼ିଲା ଗଲ ସବେ ଯିବା ଏ ସ୍ୱଜ୍ୟ ଗଡ଼ । ନାହିଁ ବଡ଼ିଡ଼ । ଚଣ୍ଡ ମୁଡ଼ି । କରିବାରେ ଭକ୍ଷା କେ ଅଣ୍ଟା ଭିଡ଼ । ୪ । ଏହାଳେ ମରଣ ହୋଇଲା ବାଡ଼ା ନ ପାଇଲେ ଲୋକେ ଜୁପାସ୍ୱ ଲୋଡ଼ । ଧନ-ଲୋକଙ୍କର ଅଳାଅଜଳର ଗଲା ଏହାବେଳେ ବଅଶବୁଡ଼ । କେ ଗ୍ରାମ ଗଡ଼ । ବନ୍ଧୁଙ୍କୁ ଲୋଡ଼ । ଜାହାଦେହ ଖାଳ ଖାଇଲେ ଭିଡ଼ । ୫ । ଚବଶଲୁଦରେ ପଡ଼ିଲା ବାଡ଼ । ଭାଦାପରେ ହେଲା ସମ୍ପୂର୍ଣ୍ଣ ବଡ଼ି । ଖେତଲୁ ଗଡ଼ିଲେ କୁଟୁମ୍ବ ହିଁ ମଲେ ବସ୍ତ୍ର ଲେଇଁ ଦୁଃଖେ ମଣ୍ଡରେ ଦୋଡ଼ । ଲୋକ ଜାଡ଼ି । ଦଅନ୍ତ ରଡ଼ । ମାଣିକଯଣ୍ଟା ହେଲା ମରୁଡ଼ । ୬ । ଏହାସଙ୍ଗେ ଗଲା ଅନ୍ନାର ପୋଡ଼ । ସ୍ୱହାଙ୍ଗେ କେତେକ ହେଲା ମରୁଡ଼ । ପାଇକୁଦ ପେନ ସାଇପଡ଼ା ପୁଣି ଚୁଆ ସହିତରେ ଗଲାଣ ପୋଡ଼ । ଲୋକଙ୍କ ଚିତ । ଦୁର୍ଭିକ୍ଷ, ବାଡ଼ । ଅକାଣ୍ଡ ବ ଅକା ଅଶନ ପଡ଼ । ୭ । ଜମିଦାରଙ୍କର ହୁକୁମ ଖଣ୍ଡ ଏହାଳେ ହୋଇଛି ନୂଆଭଅଣ । ଏ ଦୁଃଖ କାଳରେ ଖଜଣା ନ ଦେଲେ ଅଠସ୍ତ୍ରୀ ଦଫା ଦେଉଛି ବାଡ଼ି । ପରଜା ଭିଡ଼ ଦେଇ ଘଉଡ଼ । ଭାଦା ଘରଦ୍ୱାର ନିଯୁକ୍ତ ଭାଡ଼ । ୮ ।

୭।୮।୮୭ } ଅପଣଙ୍କର ଏହାଳ୍ତ ବଶମ୍ବଦ
ଦେହ ଜଣେ ସ୍ଥୂଳ ଶିକ୍ଷକ ।

ମହାଶୟ ! ଅମ୍ଭମାନଙ୍କର ନିମ୍ନଲିଖିତ ପତ୍ର-ଖଣ୍ଡିକ ଆପଣଙ୍କ ପତ୍ରରେ ପ୍ରକାଶକରି ବାଧିତ କରିବା ହେବେ ।

ଶ୍ରୀଯୁକ୍ତ ବାବୁ ଲଲିତମୋହନ ଚକ୍ରବର୍ତ୍ତୀ ଉତ୍କଳବ୍ରାହ୍ମସମାଜର ଜନୈକ ସଭ୍ୟ ଶ୍ରୀଯୁକ୍ତ ବାବୁ ସାଧୁଚରଣ ରାୟଙ୍କ ବିରୁଦ୍ଧରେ ସତ୍ୟମୁଦ୍ରର ନାମଧେୟ ପୁସ୍ତିକା ପ୍ରକାଶ କରି ସେହି ସମା-ଜର ସମ୍ପାଦକଙ୍କ ନିକଟକୁ ବିଚାର୍ଥ ତହିଁର ଖଣ୍ଡିଏ ପଠାଇ ଥିଲେ, ସେଥି ନିମିତ୍ତ ବିଗତ ଅଗଷ୍ଟମାସ ତା ୨୧ ରଖରେ ଉତ୍କଳବ୍ରାହ୍ମସ-ମାଜର ଗୋଟିଏ ଅଧିବେଶନ ହୋଇଥିଲା । ବନ୍ତୁ ଉକ୍ତ ପୁସ୍ତିକାରେ ସ୍ପଷ୍ଟରୂପେ କୌଣସି ପ୍ରକାର ଦୋଷ ଉଲ୍ଲେଖ ନ ଥିବାରୁ ଉକ୍ତ ସଭାରେ ଏହି ସିଦ୍ଧାନ୍ତ ହୋଇଥିଲା ଯେ ଲଲ-ତବାବୁଙ୍କୁ ଅନୁରୋଧ କରାଯାଉ ଯେ ସେ ସ୍ପଷ୍ଟରୂପେ ତାହାଙ୍କର ମନ୍ତବ୍ୟ ବିଷୟ ଅର୍ଥାତ୍ ହେଉଁ ଦୋଷରେ ସେ ସାଧୁବାବୁଙ୍କୁ ଦୋଷୀ କରିଅଛନ୍ତି ଏବ ଅମ୍ଭେମାନେ ତାହାଙ୍କର ବ ଦୋଷ ବିଚାର କରିବୁଁ, ତାହା ସଭାକୁ ଜଣାଇବେ । ତଦନୁଯାୟୀ ସଭାରେ ନିର୍ଦ୍ଧାରିତ ଜ ୩ ଶ ସଭ୍ୟଙ୍କ ସ୍ୱାକ୍ଷରିତ ନିମ୍ନଲିଖିତ ପତ୍ର-ଖଣ୍ଡିକ ତାଙ୍କଠାକୁ ପଠାଗଲା । ଅଳ୍ପକୁ ୧୪ ଦିନ ଗତହୋଇ ଯିବାକୁ କୌଣସି ଉତ୍ତର ନ ପାଇ ସାଧାରଣଙ୍କ ଅବଗତ ନିମିତ୍ତ ଉକ୍ତ ପ୍ରେରିତପତ୍ରର ନକଲ ଖଣ୍ଡିକ ପ୍ରକାଶକରି ଦେଲୁଁ ।

୧୨।୮।୮୭ } ବଶମ୍ବଦ
ବଟକ } ଶ୍ରୀ ନନ୍ଦଲାଲ ବନ୍ଦ୍ୟୋପାଧ୍ୟାୟ
ଶ୍ରୀ ଭାବଗ୍ରାହୀ ଦାସ
ଶ୍ରୀ ଅଭୟ ନାୟକ

ମାନ୍ୟବର ଶ୍ରୀଯୁକ୍ତ ବାବୁ ଲଲିତମୋହନ ଚକ୍ରବର୍ତ୍ତୀ ମହାଶୟ

ସମୀପେଷୁ

ମହାଶୟ !

ସତ୍ୟମୁଦ୍ରର ନାମରେ ଖଣ୍ଡିଏ ପୁସ୍ତିକା ଅଙ୍ଗ-ସମାଜର ସଭ୍ୟ ଶ୍ରୀଯୁକ୍ତ ବାବୁ ସାଧୁଚରଣ ରାୟଙ୍କ ବିରୁଦ୍ଧରେ ଯାହା ଆପଣ ପ୍ରକାଶ କରିଅଛନ୍ତି ଏବ ତହିଁର ଏକଖଣ୍ଡ ଉତ୍କଳ ବ୍ରାହ୍ମସମାଜର କେତେକ ସଭ୍ୟଙ୍କଠାକୁ ଏବ ଏକଖଣ୍ଡ ଉକ୍ତ-ସମାଜର ସମ୍ପାଦକଙ୍କ ନିକଟକୁ ବିଚାର୍ଥ ପଠାଇଅଛନ୍ତି, ସେଥି ଲିଖିତ ବିଷୟ ଅନୁସନ୍ଧାନ କରିବା ନିମିତ୍ତ ଗତ ତା ୨୧ ରଖରେ ଉତ୍କ-ଳବ୍ରାହ୍ମସମାଜର ଗୋଟିଏ ଅଧିବେଶନ ହୋଇ-ଥିଲା ବନ୍ତୁ ସେଥିରେ କୌଣସି ବିଶିଷ୍ଟ ଅପରାଧର ନିର୍ଦ୍ଦିଷ୍ଟ ଅଭିଯୋଗ ନ ଥିବାରୁ ସଭା ତାହା ବିଚାର କରିବାକୁ ଅକ୍ଷମ ହେଲେ । ଉକ୍ତ ସଭାର ଗୋଟିଏ ନିର୍ଦ୍ଧାରଣ ହୋଇଅଛି ଯେ ୩ ଜଣ ସଭ୍ୟଙ୍କ ସ୍ୱାକ୍ଷରିତ ପତ୍ରଦ୍ୱାରା ଆପଣଙ୍କୁ ଅନୁରୋଧ କରାଯିବ ଯେ ଆପଣ ବିଶେଷରୂପେ ସ୍ପଷ୍ଟକରି ସତ୍ୟମୁଦ୍ରର ୨୩ ଗୋଟି ପ୍ରଶ୍ନଚିହ୍ନିତ ଅପରାଧମାନ ଲେଖି ଏହି ସଭାକୁ ଅବଗତ କରାଇବେ । ଅମ୍ଭେମାନେ ଲେଖୁ-ଅଛୁଁ ବ ମହାଶୟ ଅନୁଗ୍ରହକରି ବାବୁ ସାଧୁଚ-ରଣ ରାୟଙ୍କ ବିରୁଦ୍ଧରେ ଆପଣଙ୍କର ବ ବ ଅଭିଯୋଗ ତାହା ସ୍ପଷ୍ଟ ନିର୍ଦ୍ଦେଶଦ୍ୱାରା ଶୀଘ୍ର ପ୍ରକାଶ କଲେ ବାଧିତ ହେବୁଁ ।

ବଶମ୍ବଦ
୧୩।୮।୮୭ } Sd. ଶ୍ରୀ ନନ୍ଦଲାଲ ବନ୍ଦ୍ୟୋପାଧ୍ୟାୟ
ବଟକ } " ଶ୍ରୀ ଅଭୟ ନାୟକ
ଉତ୍କଳ ବ୍ରାହ୍ମସମାଜ } " ଶ୍ରୀ ଭାବଗ୍ରାହୀ ଦାସ ସମ୍ପାଦକ;
ଉତ୍କଳ ବ୍ରାହ୍ମସମାଜ ।

ଅଙ୍କ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖ୍ରୀ ୨୨ ଖ
ସ ୩୧ ସଂଖ୍ୟା

ତା ୮ ୦୯ ମାସେ ଅକ୍ଟୋବର ସନ ୧୮୮୭ ଜନ୍ମିଲା । ନୂତନ ଅଶ୍ୱିନ ବ ୨୪ ତ ସନ ୧୨୧୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୦
ପଶ୍ଚାଦ୍ଦେୟ ଟ ୬୦

ବର୍ଷଦର ଉତ୍ସବର ଅବସର ଉତ୍ସରୁ ଅଦ୍ୟ ଅମ୍ଭେମାନେ ଆପଣା କାର୍ଯ୍ୟରେ ପ୍ରବୃତ୍ତ ହୋଇ ଗ୍ରାହକ ପାଠକ ଓ ବନ୍ଧୁବର୍ଗଙ୍କୁ ବିଜୟା ଅଭିଳାଷ ସହିତ ନମସ୍କାର କରୁଅଛୁଁ । ଦିନସାକରୁଁ ସେମାନେ ସସ୍ନେହରେ ତାହା ଗ୍ରହଣ କରିବେ । ଅଦ୍ୟମାତାଙ୍କ କୃପାରୁ ସମସ୍ତେ ବର୍ଷସାକ ନୂତନ ଉତ୍ସାହ ଓ ମାନସିକ ବଳସହିତ ଆପଣାଙ୍କ କର୍ତ୍ତବ୍ୟ ସାଧନରେ ସୁଖ ସମ୍ପନ୍ନ ଲାଗି କରନ୍ତୁ ଏହି ଅମ୍ଭମାନଙ୍କର ବିନୀତ ପ୍ରାର୍ଥନା ।

ସ୍ଥାନୀୟ ଖବରକାଗଜର ଅନ୍ୟ କିଛି ସମ୍ବାଦ ଏଥି ମଧ୍ୟରେ ପାଇ ନ ଥିବାରୁ ଅନୁମାନ ହେଉଅଛି ଯେ ଅବଶ୍ୟ ଧର୍ମ ପତ୍ର ତାହାଙ୍କ ମଧ୍ୟ ଭୂତ ବର୍ତ୍ତମାନ ସ୍ଥିର ଅଛି ସୁତରାଂ ତାହାଙ୍କ ସପକ୍ଷୀୟ ଲୋକେ ତାହାଙ୍କ ଅନୁକୂଳରେ ମତାମତ ଜଣାଇପାରନ୍ତି ତାହା । ଯିଲିଯାଇ ବିଦ୍ରୋହ ସମ୍ପର୍କରେ ମଧ୍ୟ ନୂତନ ସମ୍ବାଦ କିଛି ଏଥି ମଧ୍ୟରେ ଅସି ନାହିଁ ।

ମହାମାନ୍ୟ ଗବର୍ଣ୍ଣର ଜେନରାଲ ଲର୍ଡ ଚେମ୍ସଫୋର୍ଡ ବାହାଦୁର ଗତ ମାସ ତା ୨୨ ରଖରେ ସିମଲାଠାରୁ ଯାତ୍ରା କରି ବେଲୁଚିସ୍ଥାନ କରାଚି ଓ ଉତ୍ତର ପଶ୍ଚିମର ସୀମାପ୍ରଦେଶମାନ ଭ୍ରମଣ କରିବାକୁ ଲାହୋର ମିରଟ ବରଦପୁରମାନ ଦେଖି ଏଲାହାବାଦ ଓ ବନାରସ ବାଟେ ଅଗମୀ ଦସମ୍ବରମାସ ତା ୧୨ ରଖରେ କଲିକତାରେ ପ୍ରବେଶ କରିବେ । ଏଥିମଧ୍ୟରେ ଯେଉଁ ଯେଉଁ ସ୍ଥାନରେ ଯେଉଁସ୍ଥାନରେ ଅବସ୍ଥିତି କରିବେ ତହିଁର ବାହୁଲ୍ୟ ବକ୍ତୃତା ବାହାରିଅଛି ।

ଗତମାସ ତା ୧୭ ରଖର ଉତ୍କଳଦୀପିକାରେ ବୃଥାଜନାଥ ଘୋଷ ଓ ତତ୍ପର ଅଗ୍ନ୍ୟ-ସ୍ଥାନୀୟ ଯେଉଁ ଲଂଗଳା ବକ୍ତୃତା ବାହାର ହେଲା ତାହା ପ୍ରକୃତ ନୁହେଁ କୌଣସି ବ୍ୟକ୍ତି ବେନାମି କରି ତାହା ପଠାଇ ଦେଇଥିଲା ଓ ଅମ୍ଭେମାନେ ତାହା ଜାଣି ନ ପାରି ପ୍ରକୃତ ବକ୍ତୃତା ବୋଲି ପ୍ରକାଶ କରିଥିବାରୁ ଦୁଃଖିତ ହୋଇ କ୍ଷମା ପ୍ରାର୍ଥନା କରୁଅଛୁଁ । ଅମ୍ଭମାନଙ୍କ ଅଜ୍ଞାତସାରରେ ଦଣ୍ଡ ଅମ୍ଭେମାନେ ପାଇଅଛୁଁ କାରଣ ତହିଁର ଖର୍ଚ୍ଚ ଅଦାୟ କରିବାର ଉପାୟ ନାହିଁ କିନ୍ତୁ ଯେଉଁ ବ୍ୟକ୍ତି ଅମ୍ଭମାନଙ୍କୁ ଠକାଇ ଅଛନ୍ତି ସେ ଯେବେ ଖର୍ଚ୍ଚ ପଠାଇ ଦେବେ ତେବେ ତାହାଙ୍କର ଉଦାରତା ପ୍ରକାଶ ପାଇବ ।

ଗତମାସ ତା ୨୮ ରଖ ପ୍ରାତଃକାଳରେ ଦାରଜଲିଂଠାରେ ଯେଉଁ ଘୋଡ଼ାଦୌଡ଼ ହୋଇଥିଲା ତହିଁରେ ମୟୂରଭଞ୍ଜର ନାବାଳକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ଜୟ ଲାଭ କରିବାର ସମ୍ବାଦ ଶୁଣି ଅମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ । ଏହାଙ୍କର ସାନ ଭାଇ ଶ୍ରୀ ଶ୍ୟାମଚନ୍ଦ୍ର ଭଞ୍ଜଘୋଡ଼ାକୁ ଗ୍ରେକ ଭଣ୍ଡି ଯୁଦ୍ଧା ଜଣିବା ବଳି ପ୍ରାୟ ସମାନ ହୋଇଥିଲେ । ଓଡ଼ିଶାର ଜଣେ ଅଳ୍ପବୟସ୍କ ରାଜା ଦାରଜଲିଂଠାରେ ଘୋଡ଼ାଦୌଡ଼ରେ ଜୟଲାଭ କରିବା ବଡ଼ ଗୌରବର ବିଷୟ ଅଟେ । ଅମ୍ଭେମାନେ ଆଶା କରୁଁ ଏ ରାଜା ବିଦ୍ୟା ଓ ନୀତି-ଶିକ୍ଷାରେ ଏହିପରି ଜୟ ଲାଭ କରି ଓଡ଼ିଶାର ମୁଖ ଉଜ୍ଜ୍ୱଳ କରନ୍ତୁ ।

ବିଲାତର ଟାଇମସ୍ ସମ୍ବାଦପତ୍ରରେ ଲେଖାଅଛି ଯେ ହାଇଦ୍ରାବାଦର ନିଜାମ ଲର୍ଡ ଚେମ୍ସଫୋର୍ଡଙ୍କ ନିକଟକୁ ଏଥି ମଧ୍ୟରେ ଏକପତ୍ର ଲେଖିଅଛନ୍ତି । ତହିଁରେ ଲେଖାଅଛି ଯେ ଭାରତର ଆୟ ଯେତେ ବର୍ଷ ବେଳ ସମାନ ରହୁଥିବା ସ୍ଥଳେ ବର୍ଷକୁ ବର୍ଷ ବ୍ୟୟ ବୃଦ୍ଧି ହେଉଅଛି ଏବଂ ମଧ୍ୟଏସିୟାରେ ରୁଷିୟା କ୍ରମଶଃ ଅଗ୍ରସର ହେବାରୁ ଭାରତର ସୀମା-ପ୍ରଦେଶମାନ ଦୃଢ଼ରୂପେ ରକ୍ଷା କରିବାର ବନ୍ଦୋବସ୍ତ ଉକ୍ତ ଆୟର ବ୍ୟୟର ପ୍ରଧାନ କାରଣ ଅଟେ । ଏଥିରୁ ମହାମାନ୍ୟ ନିଜାମ ଲଂଗ୍ରେଜ-ଗବର୍ଣ୍ଣମେଣ୍ଟଙ୍କ ସୁଶାସନ ବନ୍ଧୁ ଥିବାରୁ ଦୁଇ-ବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ କୋଡ଼ିଏ ଲକ୍ଷ ଟଙ୍କା ଲେଖାଏ ସାହାଯ୍ୟ ଦେବାକୁ ଯାଚିଅଛନ୍ତି ଯେ

Digitized by srujanika@gmail.com

Split by PDF Splitter

ଉକ୍ତ ଟଙ୍କା ସୀମାରକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେବ ଏବଂ ସେ ଅନ୍ତର ଲେଖିଅଛନ୍ତି ଯେ ଯୁଦ୍ଧ ଉପସ୍ଥିତ ହେଲେ ସେ ଇଂରାଜ-ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ନିମିତ୍ତ ଅସ୍ତ୍ର ଧାରଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଭାରତବାସିମାନେ କେମନ୍ତ ରାଜଭକ୍ତ ବିଦେଶୀୟମାନେ ଏଥିରୁ ବିଚାର କରିବେ ।

ଅତିରିକ୍ତ କର୍ମଚାରୀଙ୍କ ସମ୍ପର୍କରେ ପେନ୍‌ସନର ଯେଉଁ ନୂତନ ନିୟମ ବିଲାତର ସେକ୍ରେଟରୀ ମଞ୍ଜୁର କରିଥିବା ବିଷୟ ଏଥିପୂର୍ବେ ଜଣାଇଥିଲୁ ସେହି ନିୟମମାନ ସରକାରୀ ଗଜେଟରେ ଛପା ହୋଇଅଛି । କେବଳ ଅକ୍ଷମ ଓ ଅନୁଗ୍ରହ ପେନ୍‌ସନ ଦିଆଯିବା ସ୍ଥଳେ ଉକ୍ତ ନିୟମାନୁସାରେ ତାହା ଦିଆଯିବ । ନିୟମର ମର୍ମ ଏହିକି ଦଶବର୍ଷ କାର୍ଯ୍ୟ କରିଥିବା ବ୍ୟକ୍ତି ତାହାର ବେତନ-ଷାଠିଏଭାଗର ଦୁଇଭାଗ ପେନ୍‌ସନ ପାଇବ ଓ ତହିଁ ଉତ୍ତାରୁ ୨୦ବର୍ଷ ପର୍ଯ୍ୟନ୍ତ ଯେ ପ୍ରତିବର୍ଷର ଚାକିରି ସକାଶେ ଷାଠିଏ ଭାଗର ଏକଭାଗ ଅଧିକା ପାଇବ । ୨୦ବର୍ଷର ଚାକିରି ଉତ୍ତାରୁ ଅଧେ ପେନ୍‌ସନ ମିଳିବ । ଅଧା ପେନ୍‌ସନର ଊର୍ଦ୍ଧ୍ୱ ସୀମା ୫୦୦୦ଟଙ୍କା ହେବ ଓ ଦଶବର୍ଷ ଠାରୁ ୨୦ବର୍ଷ ପର୍ଯ୍ୟନ୍ତ ଚାକିରି ସକାଶେ ପେନ୍‌ସନର ଊର୍ଦ୍ଧ୍ୱ ସଂଖ୍ୟା ଉକ୍ତ ଟଙ୍କାର ୧୦ଭାଗଠାରୁ ୨୪ଭାଗ ପର୍ଯ୍ୟନ୍ତ ଯଥାକ୍ରମେ ହେବ । ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଆଦେଶ ଦେଇଛନ୍ତି ଯେ ଗତ ଅଗସ୍ତମାସ ତା ୧୭ ରଖ ଠାରୁ ଏହି ନିୟମମାନ ପ୍ରଚଳିତ ହେବ ମାତ୍ର ଉକ୍ତତାରିଖ ଠାରୁ ମାନ୍ୟ ମଧ୍ୟରେ ଯେଉଁମାନେ ପେନ୍‌ସନ ପାଇବେ ଯେବେ ନୂତନ ନିୟମରେ ସେମାନଙ୍କର କ୍ଷତି ହେବ ତେବେ ସେମାନେ ପୁରୁଣାନିୟମରେ ପେନ୍‌ସନ ନେଇ ପାରିବେ ।

ଗତବର୍ଷଠାରୁ ଏବର୍ଷ ସଂଗ୍ରହ ଦଶଗୋଟ ଭାଜିଯା ହୋଇଥିଲା । ଏମାନଙ୍କ ମଧ୍ୟରୁ ଗୋଟିଏ ଫଲଷ୍ଟନ୍‌ସିପାହିମାନଙ୍କର ଓ ଅନ୍ୟ ଗୋଟିଏ ପେନ୍‌ସନ୍‌ଧାରୀ ସିପାହି ଅବଶିଷ୍ଟ ଆଠଗୋଟିନଗର-ବାସୀ ମୁସଲମାନମାନଙ୍କର । ଏବର୍ଷ ମଧ୍ୟ ବାଲୁବଜାରର ଭାଜିଯା ପ୍ରସ୍ତୁତ ହୋଇ ନ ଥିଲା ବୃଦ୍ଧ କରିମଖାଁର ମୃତ୍ୟୁ ହେବାରୁ ଏପ୍ରକାର ଦଶା ହୋଇଥିବାର ଅନୁମିତ ହୁଏ । ପ୍ରତିବର୍ଷ ଯେଉଁ ସମୟରେ କରିଲଖାଁଙ୍କୁ ଭାଜିଯାମାନ ବାହାରେ ଏବର୍ଷ ମଧ୍ୟ ତଦନୁରୂପ ହୋଇଥିଲା ମାତ୍ର ଅଖଡ଼ାମାନଙ୍କରେ ତେତେ ଜମାଟ ଥିଲା ନାହିଁ ଓ ମଧ୍ୟ ଅନେକ ବିଶୃଙ୍ଖଳା ଦେଖା ଯାଉଥିଲା । ପୂର୍ବେ ଅଖଡ଼ାମାନଙ୍କରେ ଯେତେ ଲୋକ ହେଉଥିଲେ ଓ ଯେତେ ଅସ୍ତ୍ର ଓ ଉତ୍ସାହସହିତ ଯୋଗ ପ୍ରଦାନ କରୁଥିଲେ ଏବର୍ଷ ତଦନୁରୂପ ଦୃଶ୍ୟ ହେଲା ନାହିଁ । ଏ ପକ୍ଷରେ ହିନ୍ଦୁ ଓ ମୁସଲମାନ ଉଭୟ ଯୋଗ ପ୍ରଦାନ କରନ୍ତି ଓ ଉଭୟଙ୍କର ବ୍ୟାୟାମଶିକ୍ଷାର ବାର୍ଷିକ ଫଳ ଜଣାଯାଏ । ମାତ୍ର ଏବର୍ଷର ଫଳ ଅଶାନୁରୂପ ନ ହେବାରୁ ଏ ନଗରବାସି-ମାନଙ୍କ ବ୍ୟାୟାମଶିକ୍ଷା ପ୍ରତି ଦରାଦର ହେବାର ଅନୁମିତ ହୁଏ । ଏପରି ହେବା ଅତୀବ ଶୋଚନୀୟ ଏବଂ ଅନୁମାନ ହୁଅଇ ଲୋକଙ୍କ ଆର୍ଥିକ ଅବସ୍ଥା କ୍ରମଶଃ ଠେଲ ହେବାରୁ ଏପରି ଘଟୁଅଛି ।

ଦୁର୍ଗୋତ୍ସବର ଆମୋଦ ପରେ ଜଳର ଉବନା ଅତିଶୟ ଉପସ୍ଥିତ ହୋଇଅଛି । ପୂଜା ଦୁଇ ତିନିଦିନ ଆଗୁ ଗୋଟିଏ ନିରାଶଜନକ ଆରମ୍ଭ ହୋଇ ଉତ୍ତମ ବୃଷ୍ଟି ହୋଇଥିଲା ଏବଂ ତହିଁରେ ଏପର୍ଯ୍ୟନ୍ତ ଫସଲ ରକ୍ଷା ପାଇଗଲା ମାତ୍ର ଅଜଲା ଚାଷ ନ ହେଲା ଅର୍ଥାତ୍ ଅଷ୍ଟମୀପୂଜା ଦିନଠାରୁ ଆଉ ବୃଷ୍ଟି ନାହିଁ ଏବଂ ଖରା ଏମନ୍ତ ଟାଣ ହେଉଅଛି ଯେ ଗ୍ରୀଷ୍ମଋତୁର ଖରା ତହିଁ ସଙ୍ଗେ ସରି ନୁହେଁ । ଏକ୍ଷଣି ସ୍ଥାନରେ ବିଲମାନ ଶୁଖି ଫାଟିବାର ଆରମ୍ଭ ହେଲାଣି ଏବଂ ଅପର ସ୍ଥାନରେ ଅଳ୍ପ ଦିନ ମଧ୍ୟରେ ସେହି ଦଶା ହେବ । ଅତଏବ ଅବସ୍ଥା ଦେଖି ଲୋକଙ୍କର ଚିନ୍ତା ବେଳକୁବେଳ ବୃଦ୍ଧି ହେଉଅଛି । ଗୃହସ୍ଥର ଦର ଦିନକୁଦିନ ବୃଦ୍ଧି ହେଉଅଛି । ସୁସ୍ଥର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ସେ ଜିଲ୍ଲାରେ ପ୍ରଥମରୁ ବଳ ବର୍ଷା ନ ହେବାରୁ ଖାଲର ଅବସ୍ଥା ଅତି ମନ୍ଦ ଥିଲା ଯେବେ ଏକସପ୍ତାହ ମଧ୍ୟରେ ଜଳ ନ ବର୍ଷିବ ତେବେ ସମ୍ପୂର୍ଣ୍ଣ ମରୁତ ହେବ ଅର୍ଥାତ୍ ଜଳ ହେଲେ ସୁଦ୍ଧା ଚାରିଅଣାରୁ ଅଧିକ ଫସଲ ହେବ ନାହିଁ । ଜଣେ ଜିଲ୍ଲା ସୁସ୍ଥଅପେକ୍ଷା ଅନେକ ଭଲ ମାତ୍ର ଜଳ ନ ହେଲେ ଏଠାରେମଧ୍ୟ ଅନେକ ଖରାପ ହେବ । ନାଲକୁଦୀୟଙ୍କର ଏପ୍ରକାର ଆଶା ଅଛି ମାତ୍ର ବର୍ଷାବିଳା ଏବା ନାଲପାଣିରେ କେତେ ଉପକାର ହେବ କେବଳ ବିହନ ବୁଣିବ ନାହିଁ ଏଭଳି ଭରସା ନଥେଲେ ଲୋକଙ୍କର ଦୁଃଖର ସୀମା ରହିବ ନାହିଁ ବିଶେଷତଃ କିଣିଖିଆମାନେ ମରିଯିବେ । ବିତ ଅନନ୍ତର ବିଷୟ ଯେ ଅସ୍ମାନଙ୍କ ଏଜିଂଦିନିଷ୍ଟର ପୂର୍ବର ଅବସ୍ଥା ଦେଖି ପ୍ରଥମରୁ ସାବଧାନ ହୋଇଅଛନ୍ତି ଏବଂ ପୁଣି ଅଳ୍ପଦିନରେ ସେ ଅଞ୍ଚଳକୁ ଯିବାର ସ୍ଥିର କରିଅଛନ୍ତି । ସରକାରଙ୍କର ଯାହା କର୍ତ୍ତବ୍ୟ ସେ-ସମ୍ବନ୍ଧରେ ତ୍ରୁଟି ହେବ ନାହିଁ ମାତ୍ର ଇନ୍ଦ୍ରଙ୍କ କୃପାବିନା ଲୋକଙ୍କର ଦଶା ମେଣ୍ଟିବାର ଅନ୍ୟ ଆଶା ନାହିଁ ।

ପଞ୍ଜିକାର ଭ୍ରମସଂଶୋଧନ ଏବଂ ଗତ ସମ୍ବତ୍ସରର ଦାନ ଦକ୍ଷିଣା ନିମିତ୍ତ ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନ ମହାଶୟଙ୍କ ଉଦ୍ୟମରେ କଲିକତାରେ ଯେଉଁ ସଭା ହୋଇଥିଲା ତହିଁର ବିବରଣ ପାଠ କରିବାରେ ଜଣାଗଲା ଯେ ବାଗୀର ଜଣେ ଜ୍ୟୋତିଷ-ପଣ୍ଡିତ ବାସୁଦେବ ଶାସ୍ତ୍ରୀଙ୍କ ପ୍ରକାଶିତ ପଞ୍ଜିକା ଏବଂ ତହିଁରେ ଲେଖାଥିବା ସମ୍ବତ୍ସରର ସମସ୍ତ ଠିକ ଥିବାର ବ୍ୟକ୍ତ କଲେ ଏବଂ ଉକ୍ତ ଜଣେ ପଣ୍ଡିତ ଉକ୍ତ ଗଣନା ଠିକ ଓ ତାହାଙ୍କ ଗଣନା ସଙ୍ଗେ ମିଶୁଥିବାର କହିଲେ । ବଙ୍ଗଦେଶର ପଣ୍ଡିତମାନେ ଏଥିରେ ସମ୍ମତ ନ ହୋଇ ଅପଣାଙ୍କ ଗଣନା ଠିକ ଥିବାର ପ୍ରତିବାଦ କଲେ ଏବଂ ସେ ପଣ୍ଡିତ ଏମନ୍ତ ସ୍ପର୍ଦ୍ଧା କହିଲେ ଯେ ପଞ୍ଜିରେ ଯେଉଁଠାନ ଲେଖାଅଛି ଲୋକଙ୍କୁ ସେହିଠାନ ଅନୁସରିବାକୁ ହେବ ତହିଁରେ ପାପ ହେଲେ ତାହା ଗଣକଙ୍କର, ଫଳତଃ ବଙ୍ଗଦେଶର ପଣ୍ଡିତମାନେ ଯେପରିଭାବରେ ଏ ସଭାରେ ତର୍କ କଲେ ତହିଁରୁ ଜଣାଗଲା ଯେ ଜ୍ୟୋତିଷ-ବିଦ୍ୟାର ମର୍ମ୍ମଭେଦରୁ ସେମାନଙ୍କ ମନ ଯାଇ ନାହିଁ କେବଳ ଜିଦ୍ଦି କରି ଅପଣାଙ୍କ ମତ ରକ୍ଷା କରିବାକୁ ସେମାନେ ଯେପରି ଅଟଳ ପଣ୍ଡିତମାନଙ୍କର ଏପରି କାର୍ଯ୍ୟ ଅତ୍ୟନ୍ତ ଦୁଃଖଜନକ ଏବଂ ଏଥିରୁ ଦେଖା ଯାଉଅଛି ଯେ ସେମାନଙ୍କ ଦ୍ୱାରା ଜ୍ୟୋତିଷବିଦ୍ୟାର ଉନ୍ନତି ହେବ ନାହିଁ । ଏତଦ୍‌ସମ୍ବନ୍ଧରେ ଲୋକ ବଙ୍ଗଦେଶକୁ ଚାଲିଯିବାରୁ ଅମ୍ଭେମାନେ ବର୍ଣ୍ଣନ କରିପାରୁ ନାହିଁ । ଉତ୍କଳର କେହି ପଣ୍ଡିତ ଏ ସଭାରେ ଉପସ୍ଥିତ ଥିଲେ ବୋଧ ହୁଅଇ ଅନେକଙ୍କ ଜଣା ନାହିଁ । ସେମାନଙ୍କ ଚାଲିବାର କାରଣ କେଉଁଅଟି ଉକ୍ତ ପଣ୍ଡିତଙ୍କ ନାମ

Digitized by srujanika@gmail.com

Split by PDF Splitter

ରୁଦ୍ରଲାଗପ୍ରଣ ଜ୍ୟୋତିର୍ଭୂଷଣ ଅଛନ୍ତି । ଏହାଙ୍କ ଘର ମେଦିନୀପୁର ଜିଲ୍ଲାମାରେ ହେଲେ ହେଁ ଓଡ଼ିଶା ଖଣ୍ଡପଡ଼ା ନିବାସୀ ପ୍ରଧାନ ଜ୍ୟୋତିର୍ବିଦ୍ ଚନ୍ଦ୍ରଶେଖର ସାମନ୍ତଙ୍କଠାରେ ବହୁକାଳ ଅଧ୍ୟୟନକରି ସାମନ୍ତଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ-ମତେ ଗ୍ରହ ନକ୍ଷତ୍ରାଦି ଗଣନା କରିବାକୁ ଶିଖି କରିଅଛନ୍ତି । ସ୍ୱତଃ ତାହାଙ୍କ ଗଣନା ଚନ୍ଦ୍ରର ମତାନୁସାରେ ହେବାରୁ ସେ ଚନ୍ଦ୍ରର ପଣ୍ଡିତ ବୋଲି ପରିଚିତ ହୋଇଅଛନ୍ତି । ଚନ୍ଦ୍ରଶେଖର ସାମନ୍ତଙ୍କ ସୁଖ୍ୟାତି ଏତେଦିନେ ବଙ୍ଗଦେଶରେ ପ୍ରଚାର ହେଲା ବଡ଼ ସୁଖର ବିଷୟ ଅଟେ ।

ଅଯୋଧ୍ୟାର ଶେଷ ରାଜା ।

ଲକ୍ଷ୍ନୌର ଶେଷ ରାଜା ମହାମାନ୍ୟ ବାଜିଦ-ଆଲି ସାହା ଯେ କି ସନ ୧୮୫୬ ସାଲରେ ସିଂହାସନଚ୍ୟୁତ ହୋଇ କଲିକତା ନିକଟ ମାଟିଆ ବୁରୁଜରେ ବାସ କରୁଥିଲେ ଏବଂ ବାସକୁ ଏକଲକ୍ଷ ଟଙ୍କା ଲେଖାଏଁ ସରକାରରୁ ପେନସନ ପାଉଥିଲେ ସେହେତୁ ମାସ ପୀଡ଼ା ରୋଗ ଜନ୍ୟ ଉକ୍ତରୁ ଗତମାସ ତା ୨୦ ଇଖରେ ଦେହସଂସାର ପରିତ୍ୟାଗ କଲେ ଏବଂ ଏହିଠାରୁ ଅତି ଗୋଟିଏ ବେଶୀୟ ବିଖ୍ୟାତ ରାଜବଂଶ ଲୋପ ହେଲା । ଯେଉଁମାନେ ମାଟିଆବୁରୁଜ ଦେଖିଅଛନ୍ତି ସେମାନେ ପ୍ରତ୍ୟକ୍ଷ କରିଅଛନ୍ତି ଯେ ବାଜିଦଅଲି ସାହା ସିଂହାସନ ଦ୍ୱାରା ଚ୍ୟୁତ ପେନସନ ଉପରେ ନିର୍ଭର କରି ସୁଖୀ ଜୀବନରେ ଥିଲେ ଏବଂ ଜେତେ ଜୀବଜନ୍ତୁ ତାହାଙ୍କ ଅନ୍ନରେ ପ୍ରତି-ପାଳିତ ହେଉଥିଲେ । ଏହା ଏହାଙ୍କ ଯୋଗେ ଏକ ଗୋଟିଏ ନଗରତୁଲ୍ୟ ହୋଇ ଏବଂ ତହିଁରେ ଅନୂନ ୨୮ ହଜାର ଲୋକ ବାସ କରୁଅଛନ୍ତି । ଏସମସ୍ତଙ୍କୁ ଅନାଥ ହେବା ସଜା ଗଲି ଗଲେ । ଏଣିକି ଏମାନଙ୍କର ଭାଗ୍ୟ ଇଂରାଜ ଗବର୍ଣ୍ଣମେଣ୍ଟ ତହିଁର ପ୍ରତିନିଧି ଲର୍ଡ ଡଫରିନଙ୍କ ହାତରେ ରହିଅଛି ସେ ସେପରି ଈଶ୍ୱର କରନ୍ତେ ଶୀଘ୍ର ଦେଖା ଯିବ । ଗବର୍ଣ୍ଣମେଣ୍ଟ ରାଜାଙ୍କ ପୀଡ଼ାର ସମ୍ବାଦ ଶୁଣି ପ୍ରଥମରୁ ଏମନ୍ତ ସତର୍କ ଥିଲେ ଯେ ମୃତ୍ୟୁ ଘଟିଲା ମାତ୍ରେ ରାଜାଙ୍କଠାରେ ମୁତୟନ ଥିବା ସିପାହି ଓ ପୁଲିସ ଉପରେ ଅଧିକା ଜ ୫୦୦ ଣ ପୁଲିସ ଯାଇ ରାଜାଙ୍କର ସମସ୍ତ ସମ୍ପତ୍ତି ଜବ୍ତ ବସିଲେ ଏବଂ ଚିହ୍ନିତ ଓ ସମ୍ଭ୍ରାନ୍ତବ୍ୟକ୍ତି ଛଡ଼ା ବାହାରର ଆଉ କୌଣସି ଲୋକକୁ ସେଠାକୁ ଯିବାକୁ ଦେଲେ ନାହିଁ । ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରେ ନବାବ ଅବଦୁଲ୍ ଲତିଫ୍ ଖାନ୍ ବାହାଦୁର ମାନ୍ୟବର ମୁନସୀ ଅମିରଅଲି ପ୍ରଭୃତି ସେଠାକୁ ଯାଇ ସମାରୋହପୂର୍ବକ ରାଜାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରାଇଲେ । ମାଟିଆବୁରୁଜ ମଧ୍ୟରେ ରାଜାଙ୍କ ସ୍ଥାପିତ ଇମାମବାଡ଼ାରେ ତାହାଙ୍କର କବର ହେଲା । ମୃତ୍ୟୁ ସମୟରେ ରାଜାଙ୍କର ବୟସ ୬୮ ବର୍ଷ ହୋଇଥିଲା ।

ରାଜାଙ୍କ ମୃତ୍ୟୁ ପରେ ଅର୍ଥାତ୍ ଗତମାସ ତା ୨୨ ଇଖରେ ଭାରତବର୍ଷୀୟ ବ୍ୟବସ୍ଥାପକ-ସଭାରେ ଏହାଙ୍କ ସମ୍ପତ୍ତି ବିଷୟରେ ଏକ ଆଇନ ବିଧିବଦ୍ଧ ହୋଇଅଛି ତହିଁର ସାରମର୍ମ ଏହି କି ରାଜାଙ୍କର ଯେତିକି ସମ୍ପତ୍ତି ଅଛି ତହିଁ ଉପରେ ଓ ତହିଁର ଉପସ୍ୱତ୍ୱ ଉପରେ ସମ୍ପୂର୍ଣ୍ଣ ଅଧିକାର ହେଲା । ସେ ଉକ୍ତ ସମ୍ପତ୍ତିର ଯେପରି ବ୍ୟବସ୍ଥା କରିବେ ଏବଂ ରାଜାଙ୍କ ପରିବାରବର୍ଗ-ଙ୍କ ଦାବୀ ସମ୍ବନ୍ଧରେ ଯାହା ନିଷ୍ପତ୍ତି କରିବେ ତାହା ଚୂଡ଼ାନ୍ତ ହେବ କୌଣସି ଅଦାଲତରେ ଉକ୍ତ ବିଷୟ ସମ୍ପର୍କରେ ଆଉ ନାଲିଶ ଚଳ ପାରିବ ନାହିଁ । ମୃତ ରାଜା କୌଣସି ଉଇଲ ପ୍ରଭୃତି ଚରମପତ୍ର ଲେଖି ଯାଇଥିଲେ ମଧ୍ୟ ସେ ସବୁ ପ୍ରବଳ ନ ହୋଇ ଏହି ଆଇନ ପ୍ରବଳ ହେବ ।

ସ୍କୁଲ ଘଟିତ ବିବାଦ ।

ସେ ଦିନ ବାଲେଶ୍ୱରଜିଲାର ଦୁଇଜଣ ଜମିଦାରଙ୍କ ମଧ୍ୟରେ ଗୋଟାଏ ହାଟ ବସାଇବା-ବିଷୟରେ ଭାରି ବିବାଦ ଲାଗିଥିଲା । ହାଟ ଅଥବା ଅନ୍ୟ ଲାଭକର ସମ୍ପତ୍ତି ନିମିତ୍ତ ବିବାଦ ହେବା ସାଧାରଣ କଥା ମାତ୍ର ସ୍କୁଲ ଇତ୍ୟାଦି ସାଧାରଣ ହିତକର କାର୍ଯ୍ୟସମ୍ବନ୍ଧରେ ବିବାଦ ହେବା ଅବଶ୍ୟ ନୂଆକଥା ବୋଲିବାକୁ ହେବ ଅଥଚ ବାଲେଶ୍ୱରର ଦୁଇଜଣ ପ୍ରଧାନ ଲୋକଙ୍କ ମଧ୍ୟରେ ଏପରି ଗୋଟିଏ ବିବାଦ ଲାଗିଅଛି । ବିବାଦର ବିବରଣ ସ୍ଥାନାନ୍ତରେ ପ୍ରକାଶିତ 'ବାରବାଟୀ ସ୍କୁଲ' ନାମକ ପ୍ରବନ୍ଧରୁ ପାଠକମାନେ ଅବଗତ ହେବେ । ଉକ୍ତ ପ୍ରବନ୍ଧଟି ବାଲେଶ୍ୱର ସମ୍ବାଦବାହକରୁ ଉଦ୍ଧୃତ ହୋଇଅଛି । ବିବାଦର କାରଣ ସବୁଯୋଗ୍ୟ ଠିକ କହି ପାରି ନାହାନ୍ତି ଏବଂ ଆମ୍ଭେମାନେ ଘଟଣା ସ୍ଥଳରୁ ବହୁଦୂରରେ ପଡ଼ିଥିବା ପ୍ରତ୍ୟକ୍ଷ ତାହାଙ୍କଠାରୁ ଅଧିକ କିଛି କହି ନ ପାରୁ । କ୍ରମଶଃ ତାହା ପ୍ରକାଶ ପାଇବ । ମାତ୍ର କାରଣ ଯାହା ହେଉ ଦରବାନ ପଠାଇ ପିଲାମାନଙ୍କୁ ଭଗ୍ନ-ଦେଇ ଗୋଟିଏ ସ୍କୁଲ ବନ୍ଦ କରି ଆଉ ଗୋଟିଏ ସ୍ଥାପନ କରିବାର ଚେଷ୍ଟା ଯେ ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ଏଥିରେ ସନ୍ଦେହ ନାହି ଏବଂ କୁମାରବୈକୁଣ୍ଠନାଥ ଦେ ଯେଉଁ ଓଡ଼ିଶାବାସୀଙ୍କ ମଧ୍ୟରେ ବଙ୍ଗୀୟ ବ୍ୟବସ୍ଥାପକସଭାରେ ଆସନ ପ୍ରାପ୍ତ ହୋଇ ଏକ ସମୟରେ ବିଶେଷ ମାନ୍ୟମାନ୍ ହୋଇଥିଲେ ଓ ବର୍ତ୍ତମାନ ସ୍ୱତ୍ୱା ସ୍ଥାନୀୟ ବୋର୍ଡର ସଦସ୍ୟ ସଭାପତି ରୂପ ମାନ୍ୟପଦ ଭୋଗ କରୁଅଛନ୍ତି ତାହାଙ୍କଦ୍ୱାରା ଏପରି କାର୍ଯ୍ୟ ହେବା ଅଧିକ ଶୋଚନୀୟ ଏବଂ ବିରକ୍ତିଜନକ ଅଟେ । ଯେ ବ୍ୟକ୍ତି ଗୋଟାଏ ସ୍କୁଲ ଭାଙ୍ଗିବା କି ବସାଇବା ନିମିତ୍ତ ଏପରି କାର୍ଯ୍ୟ କରେ ସେ ଯେ ସାଧାରଣଶିକ୍ଷାର ଭାର ଗ୍ରହଣ କରିବାକୁ ସମ୍ପୂର୍ଣ୍ଣରୂପେ ଅଯୋଗ୍ୟ ଏଥିରେ ଦ୍ୱିରୁକ୍ତି ନାହିଁ । ଅତଏବ ସ୍ଥାନୀୟ ବୋର୍ଡ ପ୍ରଭୃତି ଶିକ୍ଷାର ଭାର ଅର୍ପିତ ହୋଇଅଛି ଏବଂ କୁମାର ଉକ୍ତ ବୋର୍ଡର ସଦସ୍ୟ ସଭାପତି ଅଟନ୍ତି । କୁମାରଙ୍କର ଯେବେ ଆଉ ଗୋଟିଏ ସ୍କୁଲ ବସାଇବାର ଇଚ୍ଛା ହେଲା ତେବେ ସେ ଉତ୍ତମ କଥା ଓ ଈଶ୍ୱର ଅନୁ-ଗ୍ରହରୁ ସେ ଯେପରି ଅବସ୍ଥାର ଲୋକ ହୋଇ-ଅଛନ୍ତି ଅପଣାହାତରୁ ବ୍ୟୟ କରି ତାହା ବସାଇ ପାରନ୍ତି । ଯେବେ ଉକ୍ତ ସ୍କୁଲ ଭଲ ବନ୍ଦୋବସ୍ତରେ ଚାଲିବ ତେବେ ଅଳ୍ପ ଦିନରେ ପ୍ରାଧାନ୍ୟ ଲାଭ କରିବ ଏବଂ ଅପର ସ୍କୁଲମାନ ତହିଁର ସମକକ୍ଷ ହୋଇ ପାରିବ ନାହି ସୁତରାଂ କୁମାରଙ୍କର ନାମ ବାହାରିବ । ତାହା ନ କରି ବଳ ପ୍ରୟୋଗ ବାହିଁ କଲେ ବିଶେଷ ବୁଝା-ଯାଉ ନାହି । ଆମ୍ଭେମାନେ ଏହାନ୍ତ ଆଶା କରୁଁ ଯେ ବାଲେଶ୍ୱରର କଲେକ୍ଟର ଟ୍ରେଚସାହେବ ଏହି ସ୍କୁଲଘଟିତ ବିବାଦକୁ ଉତ୍ତମରୂପେ ବିବେ-ଚନା କରିବେ । ଅନୁଶାସନ ପ୍ରଣାଳୀ ମତେ ସ୍ଥାନୀୟ ସମିତି ସ୍ଥାପିତ ହେବା ସଙ୍ଗେ ଏପରି ବିବାଦ ଘଟିବା ଭାରି ଭଲ କଥା ଅଟେ । ଏଥିର ଉତ୍ତମ ମୀମାଂସା ଉପରେ ଜିଲ୍ଲାବୋର୍ଡର ଉହିଁର ସଭାପତିଙ୍କ ଖ୍ୟାତି ନିର୍ଭର କରୁଅଛି ।

Digitized by srujanika@gmail.com

Split by PDF Splitter

କଟକର ଦୁର୍ଗାପୂଜା ।

ଗତବର୍ଷପରି ଏବର୍ଷ ଦୁର୍ଗାମେଢ଼ ଏ ନଗରରେ ଉଗୋଷ୍ଟ ହୋଇଥିଲା ଓ ମଧ୍ୟ କେତେକ ବାଜେ ମେଢ଼ ହୋଇଥିଲା । ସହରରେ କେବଳ ପ୍ରତିମା ଓ ସାଜ ପ୍ରତି ଦୁର୍ଗାଭକ୍ତମାନଙ୍କର ବିଶେଷ ଦୃଷ୍ଟି ଥାଏ, ମୋଫସଲରେ ତେବେ ଥାଏ ନା ସ୍ୱତନ୍ତ୍ର ମୋଫସଲ ଅପେକ୍ଷା ଏଠାକାର ପ୍ରତିମା ଓ ସାଜ ଅତୀବ ସ୍ତନର ଓ ନୟନପରିତୃପ୍ତକାରକ । ଏଠାରେ ଅନେକ ସ୍ଥଳରେ ପୂଜାରମ୍ଭ ସମୟର ବ୍ୟତିକ୍ରମ ଲକ୍ଷିତ ହୁଏ । ଏଠା ନଗରବାସିମାନେ ପ୍ରତିମା ପ୍ରସ୍ତୁତ କରିବା ବ୍ରାହ୍ମଣମାନଙ୍କୁ ପୂଜା ବିଷୟରେ ନିୟୋଗ କରି ନିଶ୍ଚିନ୍ତ ଥାଆନ୍ତି ଓ କେବଳ ପ୍ରତିମା ଓ ସାଜ ଦର୍ଶନରେ ପ୍ରୀତି ଅନୁଭବ କରନ୍ତି । ମୋଫସଲବାସିମାନେ ଯେପରି ସମବେତ ହୋଇ ଦୁର୍ଗାଙ୍କ ନିକଟରେ ଗୀତାଦିଦ୍ୱାରା ଅର୍ଚ୍ଚନା ଓ ମଜଲିସ କରି ଆମୋଦ ପ୍ରମୋଦ କରନ୍ତି ତାହା ଏଠାରେ ଲେଶମାତ୍ର ଦୃଷ୍ଟ ହୁଏ ନା ଓ ମଧ୍ୟ ଏ ବିଷୟରେ ତର୍ଜ୍ଜା ଥିବାର ଅନୁମିତ ହୁଏ ନା ଯାହା ହେଉ ଦଶହରା ପର୍ବ ଏପ୍ରକାରେ ସମ୍ପନ୍ନ ହେଲା ପୂର୍ବବର୍ଷତୁଲ୍ୟ ଏବର୍ଷ ମଧ୍ୟ ଜାଜପୁରର ମେଢ଼ ସର୍ବୋତ୍କୃଷ୍ଟ ହୋଇଥିଲା ତଥାପି ବାଜେ ମେଢ଼ ମଧ୍ୟରେ ଦୁର୍ଗାପ୍ରସାଦ ଭଗତଙ୍କର ନୃସିଂହଦେବ ବେଶଭୂଷାରେ ଦୁର୍ଗାମେଢ଼ମାନଙ୍କ ଅପେକ୍ଷା ଉତ୍କୃଷ୍ଟତର ହୋଇଥିଲା । ତଥାପି କାରିଗରିରେ ଓ ନୂତନତ୍ୱରେ ସଦାଶିବର ମେଢ଼ ଅତି ଉତ୍କୃଷ୍ଟ ହୋଇଥିଲା ଓ ମଧ୍ୟ କଟକରେ ନୂତନତ୍ୱର ଜଣେ ଶିଳ୍ପକାରକ ଥିବାର ପରିଚୟ ଦେଇଥିଲା । ଏ ମେଢ଼ରେ ଅନ୍ଦର ଗୋପରୁ କୃଷ୍ଣଙ୍କୁ ରଥରେ ବସାଇ ଗୋନିଘିବା ଘଟଣାଟି ପ୍ରଦର୍ଶିତ ହୋଇଥିଲା । ପୂଜା ଆରମ୍ଭଦିନ ମେଘୁଆ ହୋଇଥିଲା ଇହା ଉତ୍ତାରୁ ଆକାଶ ନିର୍ମଳ ଥିବାସ୍ଥଳେ ସ୍ମରା ଦର୍ଶକଙ୍କ ସଂଖ୍ୟା ଆଶାନୁରୂପ ହୋଇ ନ ଥିଲା ଓ ଲୋକମାନଙ୍କ ମନରେ ଦୁର୍ଗାପୂଜାର ଆବେଗ କିମ୍ବା ଶ୍ରଦ୍ଧା ତେତେ ଜନ୍ମି ନ ଥିଲା । ପାଠକେ ଏଥିର ଅର୍ଥ କଣ ? ଆମ୍ଭେମାନେ ବୁଝିଅଛୁଁ ଅର୍ଥର ଅଭାବନ ଏଥିର ଅର୍ଥ । ବର୍ତ୍ତମାନ ଲୋକମାନଙ୍କର ଅବସ୍ଥା ଅତୀବ ଶୋଚନୀୟ ଓ କମାଳ୍ପୟେ ଅବସ୍ଥା ମନ ହେବାରୁ ମନୁଷ୍ୟଭକ୍ତି ଯାଉଅଛି ସ୍ୱତଃ ମନ୍ଦତା ବେଶି ଦେଖା ଯାଉ ନାହିଁ କେବଳ ଧର୍ମରକ୍ଷାର୍ଥେ ପୂଜା ନ କଲେ ନ ଚଳେ ଅତଏବ ଭାଗ୍ୟର ହୋଇ ପୂଜାର ସ୍ୱକ୍ଷା ରକ୍ଷା କରୁଅଛନ୍ତି ଯାହା ହେଉ ଦଶହରାପର୍ବରେ ଲୋକସମାଗମ ଅନ୍ୟଦିବସାପେକ୍ଷା ବେଶି ହୋଇଥିଲା । ଶୁଣିବାରେ ଜଣ୍ଟ ଗଡ଼ରେ ପୋଲିସ ଓ ଗୃହନିବାସୀମାନଙ୍କ ମଧ୍ୟରେ ଦଙ୍ଗା ଦଙ୍ଗମା ହୋଇଥିଲା । ଏ ବିଷୟରେ ଫଉଜଦାରୀରେ ମୋକଦ୍ଦମା ଦାୟର ହୋଇ ବିଚାର ହେଉଅଛି । ପୋଲିସ ଶାନ୍ତିରକ୍ଷକ ହୋଇ ରକ୍ଷକ ହୋଇଥିଲେ ବି ଅତୀ ଲୋକଙ୍କ ପକ୍ଷରୁ ଦଙ୍ଗା ଉଦୟ ହୋଇଥିଲା ତାହାର ଶେଷ ହେଲେ ଜଣା ପଡିବ ।

ପ୍ରତିବର୍ଷ ଦଶହରା ସମୟରେ ଇଂରାଜମାନେ ମଧ୍ୟ ଆମୋଦ କରିଆନ୍ତି ତନ୍ତୁ ଏବର୍ଷର ଆମୋଦ ସକାଶେ ଦୌଣସି ବିଜ୍ଞାପନ ନ ବାହାର ହଠାତ୍ ଏକଦିନ ଭାରତୀୟ ଅଖଡ଼ାରେ ମନୁଷ୍ୟଦୌଡ଼ ଘୋଡ଼ାଦୌଡ଼ ଲକ୍ଷ୍ୟଦ୍ୱାରା ଆମୋଦ କରାଗଲେ ତନ୍ତୁ ଅଧିକାଂଶ ଲୋକେ ଏ ଆମୋଦରୁ ବଞ୍ଚିତ ହୋଇଥିଲେ ।

—*—

ସ୍ୱବାଦବାହକରୁ ଉଦ୍ଧୃତ ।

ବାରବାଟୀ ମାଇନର ସ୍କୁଲ ।

ଏହି ସ୍କୁଲ ସମ୍ବନ୍ଧରେ ଏକ ଶୋଚନୀୟ କାଣ୍ଡ ଉପସ୍ଥିତ ହୋଇଅଛି । ବିବାଦ, ଯେମନ୍ତ ତେମନ୍ତ ଲୋକ ମଧ୍ୟରେ ନୁହେ, ବାଲେଶ୍ୱରର ଦୁଇଜଣ ସମ୍ଭ୍ରାନ୍ତ ପ୍ରସିଦ୍ଧ ଜମିଦାର କୁମାର ବୈକୁଣ୍ଠନାଥ ଦେ ଓ ବାବୁ ଭଗବାନ୍‌ଚନ୍ଦ୍ର ଦାସଙ୍କ ମଧ୍ୟରେ । ଯେଉଁ ବିଷୟ ଘେନି ବିବାଦ ଚଳୁଅଛି ତାହା ମଧ୍ୟ ସାମାନ୍ୟ ନୁହେ । ବାରବାଟୀ ସ୍କୁଲ ବାଲେଶ୍ୱର ଜିଲା ସ୍କୁଲର ଦ୍ୱିତୀୟ, ବାଲେଶ୍ୱରରେ ଶିକ୍ଷା ପ୍ରଚାରର ଗୋଟିଏ ପ୍ରଧାନ କ୍ଷେତ୍ର ଓ ସାଧାରଣଙ୍କର ଅତିଶୟ ସମ୍ପତ୍ତି । ଏଥିରେ ସାଧାରଣଙ୍କର ସ୍ୱାର୍ଥ ଅଛି ଓ ଏହାର କ୍ଷତି ବୃଦ୍ଧିରେ ସାଧାରଣଙ୍କର କ୍ଷତି ବୃଦ୍ଧି । ବର୍ତ୍ତମାନ ବିବାଦ ହେତୁରୁ ଯେବେ ଏହାର କିଛି କ୍ଷତି ହୁଏ, ତେବେ ସର୍ବସାଧାରଣ ଲୋକେ ଅପଣା ଅପଣାର କ୍ଷତି ବୋଲି ଚିନ୍ତା କରିବେ ।

ବର୍ତ୍ତମାନ ବିବାଦ ସମ୍ବନ୍ଧରେ ଦୌଣସି କଥା ପ୍ରକାଶ କରିବା ପୂର୍ବରୁ ସ୍କୁଲର ସମସ୍ତ ଭଦ୍ରଲୋକ ପାଠକମାନଙ୍କୁ ଜଣାଇବା ଆବଶ୍ୟକ । ବିଦ୍ୟାଳୟ ସ୍ଥାପନକାରୀ ବାବୁ ଭଗବାନ୍‌ଚନ୍ଦ୍ର ଦାସ । ସ୍ୱକ୍ଷ ଜମିଜାତୁ ବିହନ ବୃକ୍ଷ ଜାତ ହେଲା ପରି ଏହି ବିଦ୍ୟାଳୟଟି ବୃଦ୍ଧି ପାଇଅଛି । ପ୍ରାୟ ୧୫ ବରଷ ପୂର୍ବେ ବାବୁ ଭଗବାନ୍‌ଚନ୍ଦ୍ର ଦାସ ଅପଣା ବୈଠକଖାନା-ଘରେ ସାନ ସାନ ପିଲାମାନଙ୍କ ଶିକ୍ଷା ନିମନ୍ତେ ଗୋଟିଏ ଶ୍ରେଣୀ ଫିଟାଇଲେ, ଶିକ୍ଷକ କର୍ମ-ନିର୍ମାଣ ସ୍କୁଲର ଉତ୍ତୀର୍ଣ୍ଣ ଛାତ୍ର ବାବୁ ଶିବନାରାୟଣ ନାୟକ । କର୍ତ୍ତା ଓ ଶିକ୍ଷକଙ୍କ ଯତ୍ନରେ ବିଦ୍ୟାଳୟଟି ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଲା । ବୃହତ୍ ଗୃହ, ଅଧିକ ଶିକ୍ଷକ ଏବଂ ବେଶି ବ୍ୟୟର ଆବଶ୍ୟକ ହେଲା । ଯେତେବେଳେ ଯାହା ଆବଶ୍ୟକ, ଭଗବାନ୍‌ବାବୁ ସମସ୍ତ ଅଭାବ ପୂରଣ କରିବାକୁ ଲାଗିଲେ । ସନ ୧୮୭୩ ସାଲରେ ସ୍କୁଲରେ ଇଂରେଜୀ ପାଠ ଆରମ୍ଭ ହେଲା । ସ୍କୁଲର ନାମ "ବାବୁ ମଦନମୋହନ ଦାସଙ୍କ ବାରବାଟୀ ମାଇନର ସ୍କୁଲ" ରଖାଗଲା; ତନ୍ତୁ ସାଧାରଣ ଲୋକେ ଭଗବାନ୍‌ବାବୁଙ୍କ ସ୍କୁଲ ବୋଲି ଡାକନ୍ତି । ଏହା ଅତ୍ୟଳ୍ପରେ ଗୋଟିଏ ଉତ୍ତମ ଗୃହ ମଧ୍ୟରେ ନିଃସ୍ୱାର୍ଥ ଭାବରେ ଯେଉଁ କାର୍ଯ୍ୟ ଚଳି ଥିଲା, ସେହି କାର୍ଯ୍ୟ ସନ ୧୮୭୭ ମସିହାରେ ବାଲେଶ୍ୱରବାସୀ ସର୍ବସାଧାରଣ ଭଦ୍ରଲୋକଙ୍କ ଦୃଷ୍ଟିଗୋଚରରେ ପଡିଲା । ଭୂତପୂର୍ବ ଜମିଦାର ଶ୍ରୀଯୁକ୍ତ ରାମପ୍ରସାଦେବ ବାଲେଶ୍ୱରବାସୀ ଭଦ୍ରମଣ୍ଡଳୀଙ୍କ ଉପସ୍ଥିତି ସ୍ଥଳରେ ବାବୁ ମଦନ-ମୋହନ ଦାସଙ୍କ ବୈଠକଖାନାରେ ସ୍କୁଲ ପିଲାମାନଙ୍କୁ ପାରିତୋଷିକ ବିତରଣ କଲେ । ତେତେବେଳକୁ ବିଦ୍ୟାଳୟର ଛାତ୍ର ସଂଖ୍ୟା ସତାଶତ ବି ଦେଢ଼ଶତ । ରାମପ୍ରସାଦେବ ବିଦ୍ୟାଳୟକୁ ସାହାଯ୍ୟ ଦେବା ନିମନ୍ତେ ଯାଚିଲେ, ମାତ୍ର ଭଗବାନବାବୁ ତାହା ଗ୍ରହଣ କରେ ନାହିଁ । କାରଣ ଭଗବାନବାବୁଙ୍କ ନିଜ ବ୍ୟୟ ଛଡ଼ି ତାହାଙ୍କ ଭିନ୍ନ ବାବୁ ମଦନମୋହନ ଦାସ ଅଧିକା ବ୍ୟୟ ଯୋଗାଇ ଅସୁଅଛନ୍ତି ।

ବାଲେଶ୍ୱରର ଅନ୍ୟତର ଘୋଡ଼ାଦଙ୍ଗଳା-ଦଣ୍ଡୀକୁଳର ସ୍କୁଲ ଓଡ଼ିଶା ମଧ୍ୟରେ ବିଖ୍ୟାତ ଥିଲା । ଏଠା ଜଳସ୍କୁଲର ସୃଷ୍ଟି ସମୟର ମାଷ୍ଟର ବାବୁ ଶିବଚନ୍ଦ୍ର ସୋମଙ୍କ ଯତ୍ନରେ ଏହି ସ୍କୁଲ ସ୍ଥାପିତ ହୋଇଥିଲା । ୧୮୬୪ ସାଲଠାରୁ ୧୮୭୩ ସାଲ ପର୍ଯ୍ୟନ୍ତ ସ୍କୁଲର ଅବସ୍ଥା ଅତି-ଉତ୍ତମ ଥିଲା, ଏହାର ଶିକ୍ଷକ ସଂଖ୍ୟା ୫ ଜଣ; ଛାତ୍ର ଦେଢ଼ଶତରୁ ଅଧିକ ଥିଲେ, । ବିଦ୍ୟା

Digitized by srujanika@gmail.com

Split by PDF Splitter

ଲୟର ବ୍ୟୟ, ଗୃହ ଗ୍ରହଣ, ବେତନ ଏବଂ ସରକାରୀ ସାହାଯ୍ୟ ଉପରେ ନିର୍ଭର କରୁଥିଲା । ଏହା ମଧ୍ୟ ସାଧାରଣରେ ପ୍ରକାଶ ଅଛି ଯେ, ସେହି ସମୟରେ ଭଗବାନ୍‌ବାବୁଙ୍କ ସ୍କୁଲକୁ ଭାଙ୍ଗି ଯୋଡ଼ାବଙ୍ଗଳା ସ୍କୁଲ ବଢ଼ାଇବାକୁ ଚେଷ୍ଟା କରାଯାଉଥିଲା; ମାତ୍ର ସେ ଚେଷ୍ଟା କାର୍ଯ୍ୟରେ ପରିଣତ ହୋଇ ପାରିଲା ନାହିଁ ।

କ୍ରମେ ଯୋଡ଼ାବଙ୍ଗଳା ସ୍କୁଲର ଛାତ୍ରସଂଖ୍ୟା ଊଣା ହୋଇଗଲା । ଶିକ୍ଷକଙ୍କ ସଂଖ୍ୟା ମଧ୍ୟ କମିଗଲା । ଶେଷରେ ସମ୍ପାଦକ କୁମାର ବୈକୁଣ୍ଠନାଥ ଦେ ସ୍କୁଲଟିକୁ ସମ୍ଭାଳି ପାରିଲେ ନାହିଁ । ଯୋଡ଼ାବଙ୍ଗଳା ସ୍କୁଲ ଉଠିଗଲା ଅଥବା ଭଗବାନ୍‌ବାବୁଙ୍କ ସ୍କୁଲରେ ମିଶିଗଲା ବୋଲି ସ୍ୱୀକାର କରିବାକୁ ହେବ, ଯେଣୁକି ଜଣ୍ୟାଲୟର ହେଡ଼ୋଡ଼ ଜଣ ଛାତ୍ର ଓ ଶିକ୍ଷକ ଭଗବାନ୍‌ବାବୁଙ୍କ ସ୍କୁଲରେ ଭର୍ତ୍ତି ହେଲେ । କୁମାରବାବୁ ସେହି ସ୍କୁଲକୁ ଚାଲିବା ଦେବାକୁ ଲାଗିଲେ ଏବଂ ଭଗବାନବାବୁଙ୍କ ସ୍କୁଲ ସରକାରରୁ ସାହାଯ୍ୟ ପାଇଲା । ଏହିରୂପ ଗଲା ସ୍କୁଲର ସଂକ୍ଷିପ୍ତ ବୃତ୍ତାନ୍ତ କଥା ।

ବର୍ତ୍ତମାନ ଗୋଳମାଳ ଏହି । ଗତ ତା ୧୫ରଖ ଗୁରୁବାର କୁମାର ବୈକୁଣ୍ଠନାଥ ଦେଙ୍କର ଦୁଇଜଣ ଦରଓ୍ୱାନ ବେଳ ୧୦ ଘଣ୍ଟା ସମୟରେ ସ୍କୁଲରେ ପହଞ୍ଚିଲେ । ଶ୍ରୀମୂର୍ତ୍ତି ପଟ୍ଟିମା ଦରଓ୍ୱାନମାନେ ପିଲାମାନଙ୍କୁ ସ୍କୁଲରୁ ଘଉଡ଼ାଇ ଦେଇ ସ୍କୁଲରେ ଗୃହ ଦେଲେ, ଗୃହ ଦୁଇଟା ଅବଶ୍ୟ କୁମାରବାବୁ ଘରୁଛି ଠାରେ ଦେଇଥିଲେ । ସ୍କୁଲଟି ଭାଙ୍ଗିଗଲା । ସେହି ଦିନ ବେଳଓଳ କୁମାରବାବୁଙ୍କର ଦୁଇ ଗୋଟା ସ୍କୁଲ ନଗର ମଧ୍ୟରେ ବସିବ ବୋଲି ଛପା ବିଜ୍ଞାପନ ବଣ୍ଟାଗଲା ଏବଂ ସ୍ଥାନ ସ୍ଥାନରେ ଲଟକାଇ ଦିଆଗଲା । (ଯେଉଁ ବିଜ୍ଞାପନ ଗତ ପତ୍ରିକାରେ ଛପାର କରି ଦିଆଯାଇଅଛି) ସ୍କୁଲର ସାହାଯ୍ୟ ବନ୍ଦ କରାଯିବା ନିମନ୍ତେ କୁମାର ବାବୁଙ୍କ ରିପୋର୍ଟ କରି ଦେଇଅଛନ୍ତି ।

ଏଣେ ସ୍କୁଲ କମିଟୀ କୁମାର ବୈକୁଣ୍ଠନାଥଙ୍କୁ ସ୍କୁଲର ସମ୍ପାଦକୀୟ ପଦରୁ ଖାରଜ କରି ସରକାରୀ ଓକିଲ ଶ୍ରୀଯୁତ ଅବଦୁଲ ଗୋଲନବୀଙ୍କୁ ସମ୍ପାଦକତା ପଦରେ ନିଯୁକ୍ତ କରି ଛାଡ଼ି ଅରବିନ୍ଦଠାରୁ ସ୍କୁଲ ପୁନର୍ବାର ଫିଟାଇଅଛନ୍ତି ।

ସ୍କୁଲଘର ବୈକୁଣ୍ଠବାବୁଙ୍କ ଘରଠାରୁ ଘୋଅମାଇଲ ଦୂର, ଭଗବାନ୍‌ବାବୁଙ୍କ ଗୃହର ନିକଟବର୍ତ୍ତୀ ଏବଂ ନିଜର ଘର । କୁମାର ବୈକୁଣ୍ଠନାଥ ଦେଙ୍କ ଦୁଇ ଜଣ ଦରଓ୍ୱାନ ସ୍କୁଲ ପିଲାମାନଙ୍କୁ ଛାଡ଼ି ଦେଲେ । ଭଗବାନ ବାବୁ ମଧ୍ୟ କିଛି ସାମାନ୍ୟ ଲୋକ ନୁହନ୍ତି, ତାହାଙ୍କ ଇଙ୍ଗିତ ମାତ୍ରକେ ଅନେକ ଲୋକ ଜମା ହୋଇ କୁମାରବାବୁଙ୍କ ଅତ୍ୟାଚାର ନିବାରଣ କରି ପାରିଥାଆନ୍ତେ, ମାତ୍ର କେବଳ ଶାନ୍ତି ରକ୍ଷା ନିମନ୍ତ ଭଗବାନବାବୁ ଧୈର୍ଯ୍ୟ ଧରି ସମସ୍ତ ଅପମାନ ସହ୍ୟ କଲେ । ଜଳଚର, ଭଗବାନବାବୁଙ୍କ ସ୍କୁଲ ସାଧାରଣରେ ସୁଖ୍ୟାତି ଲାଭ କରିବାରୁ କୁମାରବାବୁ ନିଜ ନାମରେ ସ୍କୁଲ ବସାଇବା ନିମନ୍ତେ ଏହିପରି କାର୍ଯ୍ୟ କରିଅଛନ୍ତି । ମାତ୍ର ଆମ୍ଭେମାନେ ଯେପର୍ଯ୍ୟନ୍ତ ଏ ବିଷୟର ସଠିକ ସମ୍ବାଦ ପାଇ ନାହୁଁ ସେ ପର୍ଯ୍ୟନ୍ତ କୌଣସି ମତାମତ ପ୍ରକାଶ କରି ନ ପାରୁଁ ।

ସାପ୍ତାହିକ ସଂବାଦ ।

ଗତମାସ ତା ୧୫ରଖଠାରୁ ତାବସରର କାର୍ଯ୍ୟ ସକାଳ ୩ ଘଣ୍ଟାଠାରୁ ୩ ୮ ଘଣ୍ଟାପର୍ଯ୍ୟନ୍ତ ଏବଂ ଦୁପହରଠାରୁ ୩ ୫ ଘଣ୍ଟାପର୍ଯ୍ୟନ୍ତ ସମୟ ମଧ୍ୟରେ ହେବ ।

କୋଷ୍ଟକେନାଲ ବାଟେ ସପ୍ତାହରେ ଦୁଇଥର କଲିକତାରୁ ଜାହାଜ ଚିକାଅଚିକାକରୁଅଛ ମାତ୍ର ଅବଶ୍ୟ ରାତ୍ରିଦିନ ମାଲ-ଚୋରାଇର ବନ୍ଦୋବସ୍ତ ହୋଇ ନାହି । ଏଥିକାରେ ଗେଣ୍ଡାରିଠାରେ ଲବ୍‌ପୁରହୋଇ ନ ଥିବାରୁ ଏସବ ଘଟୁଅଛି ଏବଂ ଯାତ୍ରୀମାନଙ୍କ ମଧ୍ୟ ଏକମାଇଲ ବାଟ ଚାଲିବାରୁ ପଡ଼ୁଅଛି ।

ଗୁଦବାଲି ବାଟେ କଲିକତାରୁ ଅସୁଥିବା ମାଲର ଜାହାଜ ଉଡ଼ାପୂର୍ବେ ପ୍ରତି ଟନ ଅଠ ଓ ଦରଟଙ୍କା ଲେଖାଁଏ ଥିଲା ବର୍ତ୍ତମାନ ଟ ୧୬ଟଙ୍କା ଲେଖାଁଏ ହୋଇଅଛି । ବୁଲବଦଖାଲ ଫେଲ ହେବାରୁ ଅପର ବଖାରୀ ଏକଦାମରେ ବାରବାର ପାଇଁ ଏପରି କରିଅଛନ୍ତି ।

ମୟୂରଭଞ୍ଜର ନାବାଲଗ ରାଜା ଓ ତାହାଙ୍କ ଭାଇ ତରତମାସ ଶେଷରେ ବାରଜିଂଠାରୁ ଏକଗଲେ ଯାତ୍ରା କରିବେ ।

ଏବର୍ଷ ପୂଜାସମୟରେ ସରକାରୀକର୍ମଚାରୀମାନେ ଦରମା ନ ପାଇବାରୁ ଅତ୍ୟନ୍ତ ବ୍ୟସ୍ତ ହୋଇଥିଲେ । ଏଠା ଜଳବର ଡିପୋର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ରବର୍ଟ ସାହେବ ସେହି ଅଭାବ ଦୂରକରି ଅପରାର ଅଧୀନସ୍ଥ କର୍ମଚାରୀମାନଙ୍କୁ ସ୍ୱହସ୍ତରେ ବେତନ ଦେଇ ଅପରାର ସଦାଶୟତାର ପରିଚୟ ଦେଇଥିଲେ ।

ଜଗତସିଂହପୁର ଅଞ୍ଚଳରେ ବର୍ଷା ନ ହେବାରୁ କୃଷକମାନଙ୍କ ମଧ୍ୟରେ ଚଳେଣି ପଡ଼ିଅଛି । ଉକ୍ତଜିଲ୍ଲାରେ ଏହି ଅଞ୍ଚଳରେ ସର୍ବାପେକ୍ଷା ବର୍ଷା କମ୍ ହୋଇଅଛି । ଯେଉଁମାନେ ଚାଳପାଣି କରୁଛନ୍ତି ତାହାପରେ ସେମାନେ ବେଦଖଲ କରୁଅଛନ୍ତି । ବାଗ ଅନେକ ସ୍ଥାନରେ ଖାଲିପଡ଼ି ମରିବାରୁ ଅରଣ୍ୟ ହୋଇଅଛି । ନାଟକର ନିକଟ ଥିବାରୁ ଜମିଦାରମାନେ ଖଜଣା ଭଲକ କରୁଅଛନ୍ତି ବଳି ଫସଲର ଏପରି ଦୁରବସ୍ଥା ଦେଖି ଲୋକେ ଖଜଣା ଦେବାକୁ ସ୍ୱୀକୃତ ହେଉ ନାହାନ୍ତି । ଶୀଘ୍ର ବର୍ଷା ନ ହେଲେ ଭବିଷ୍ୟତରେ ଅତ୍ୟନ୍ତ କଷ୍ଟ ଉପସ୍ଥିତ ହେବା ସମ୍ଭବ ।

ଉପରୋକ୍ତ ଅଞ୍ଚଳରେ ସାମାନ୍ୟ ରୋଗ ହେଉଅଛି ।

ବାବୁ ବିଜୟଚନ୍ଦ୍ର ମଜୁମଦାର ଯେ କି ପୂର୍ବେ ବାମଣ୍ଡା-ରାଜକୁମାରଙ୍କର ଶିକ୍ଷକ ଥିଲେ ପୁରୀସ୍ଥିତ ସ୍କୁଲର ୨ୟ ଶିକ୍ଷକ ନିଯୁକ୍ତ ହୋଇ ଏଠାକୁ ଆସିଅଛନ୍ତି ।

ଆମ୍ଭେମାନେ ଗତ ନିବେଦନରେ ଅବଗତ ହେଲୁଁ ଯେ ଜଣେ କଟକ ମେଡିକେଲ ସ୍କୁଲର ପରୀକ୍ଷୋତ୍ତୀର୍ଣ୍ଣ ଯୁବକ ବାବୁ ଅନନ୍ତଚରଣ ଦାସ ଜାତିରେ କରଣ ବସ୍ତ୍ର ବ୍ୟ ପ ପ୍ରକାଶ୍ୟରୂପେ ବ୍ରାହ୍ମଧର୍ମରେ ଦୀକ୍ଷିତ ହୋଇଅଛନ୍ତି । ଏହି ପୂର୍ବରେ ଯେଉଁମାନେ ଦୀକ୍ଷିତ ହୋଇଥିଲେ ଉକ୍ତ ବାବୁଙ୍କରେ ତହିଁର କୌଣସି ପୂର୍ବରୁ ବିଦ୍ୟା ହୋଇ ନଥିଲା । ବର୍ତ୍ତମାନ ସ୍ଥଳରେ ସେପରି କୌଣସି ବିଜ୍ଞାପନ ପୂର୍ବରୁ ବାହାର ନ ଥିବାରୁ ପ୍ରକାଶ୍ୟ ରୂପରେ ଦୀକ୍ଷିତ ହେବା କଥାଟି ବୁଝା ଯାଉ ନାହିଁ । ବୋଧ ହୁଅଇ ଜନସମ୍ବାଦରେ ପ୍ରକାଶ ହେଲା ବୋଲି ପ୍ରକାଶ୍ୟରୂପେ ହେବାର ଲେଖା ଯାଇଅଛି ପ୍ରଚାରକ ବାବୁ ନବଗୋପାଳ ବନ୍ଦ୍ୟୋପାଧ୍ୟାୟ ଅଗ୍ରଗଣ୍ୟର କାର୍ଯ୍ୟନିର୍ବାହ କରିଥିଲେ ।

କଲିକତାଗେଜେଟ୍ ।

ରୁରସ୍ତାମର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ଜି, ଟି ଯେ ମେଣ୍ଡସ୍ ସାହେବ ଡେପୁଟେସନ ସାହେବଙ୍କ ଅନୁପସ୍ଥିତି କାଳରେ ଅଥବା ଅନ୍ୟାଣ୍ଟ ପର୍ଯ୍ୟନ୍ତ ଉତ୍ତରଶବଲଗର ଚାର୍ଜ ପ୍ରାପ୍ତ ହେଲେ ।

ଉତ୍ତରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ଡେପୁଟେସନ ସାହେବ ଦୁଇମାସ ଦରମହଲ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ପ୍ରେସିଡେନ୍ସି କଲେଜର ପ୍ରିନ୍ସିପାଲ ଟନ ସାହେବ ଛତମାସର ଅନୁପସ୍ଥିତି ଗ୍ରହଣ କରିବାରୁ ତାଙ୍କସ୍ଥାନରେ ସେଠାର ପ୍ରୋଫେସର ପେଡ୍ରାଲ ସାହେବ ନିଯୁକ୍ତ ହୋଇଅଛନ୍ତି ।

ଡାକ୍ତର ଜେ ଏମ୍ ଜୋସବ ସାହେବ କାଲେଜର ଇଂରାଜୀ ପ୍ରଫେସର ସ୍ଥାନ ପରେ ସ୍ୱତନ୍ତ୍ର ଲେକଚର ବୋର୍ଡ଼ିଙ୍ଗ-ହାସ୍ ନିର୍ବାଚିତ ହୋଇଅଛନ୍ତି ।

ପୋଲିସବିଭାଗର ଇନ୍ସପେକ୍ଟର ସୁପରିଣ୍ଟେଣ୍ଡେଣ୍ଟ ମିଃ ଜେ ପାର୍ ସାହେବ, ମିଃ ପାଟେନ ସାହେବଙ୍କ ଅନୁପସ୍ଥିତି କାଳରେ ପରିଚାଳ ପୋଲିସର ଭାର ଗ୍ରହଣ କରିଅଛନ୍ତି ।

ଓଡ଼ିଶା ଷ୍ଟାମ୍ପ୍‌ଲେଖର ବାବୁ ଚତୁର୍ଭୁଜ ପାଣିଗ୍ରହୀ ଛୁଟି ଏକମାସର ଅନୁପସ୍ଥିତି ଗ୍ରହଣ କରିଅଛନ୍ତି ।

୧୮୮୮ ୧୮୮୯ ଓ ୧୮୯୦ ସାଲ ଶିକ୍ଷାବିଭାଗ ଏଜେଣ୍ଡା ଏବେ ଓ ଦିନ ପରିଷଦ ନିର୍ବାଚିତ ପୁସ୍ତକାବଳୀର ତାଲିକା ପ୍ରକାଶିତ ହୋଇଅଛି ।

ଶ୍ୱେତଚନ୍ଦନକାଷ୍ଠ ଘୋର ଦେହର ସ୍ଥାନେ ଲଗାଇ ହେଲେ ଦେହକୁ ମନୋହର ସୁଗନ୍ଧ ବାହାରେ । ଏଥିରେ ଗରମ ଚନ୍ଦନ ଓ ଶୀତଳ ଦୋଖକୁଗନ୍ଧ ଏବଂ ପିମ୍ପିରି ଓ ଦାରୁ ପ୍ରଭୃତି ଚର୍ମରୋଗର ମଧ୍ୟ ଉପଶମ ହୋଇପାରେ ।

ଚନ୍ଦନର ତୈଳ, ଅତର ଚୂଲ୍ ସୁଲଭ । ମୃତ୍ୟୁ ଏହା ଅତିର କରଲରେ ବ୍ୟବହୃତ ହୋଇ ପାରେ । ଚନ୍ଦନ ତୈଳ ସେବନ କଲେ, ପ୍ରମେହ ରୋଗର ଶୀଘ୍ର ନିବାରଣ ହୁଅଇ ।

Digitized by srujanika@gmail.com

Split by PDF Splitter

ଲଗାଇବା ତୈଳ ସଙ୍ଗେ ବଳ୍ପ ଚନ୍ଦନତୈଳ ମିଶାଇଦେଲେ ଏହା ସୁରଭି ହୋଇ ପାରେ ।

ମର୍ଦ୍ଦନ ନିମିତ୍ତ ଯେଉଁ ସବୁ ତୈଳ ବ୍ୟବହୃତ ହୁଏ, ତହିଁରେ ଚନ୍ଦନକାଷ୍ଠର ସ୍ଥୂଳ ଚୂର୍ଣ୍ଣ ବା ବେଣାତେଲ ଦେଇ କୋଠରୀରେ ବାନ୍ଧିଦ୍ୱାରା ବନ୍ଦ କରି ରଖିଲେ; ସେହି ତୈଳ ଚନ୍ଦନଗନ୍ଧ ଯୁକ୍ତ ଶୈତ୍ୟଗୁଣବିଶିଷ୍ଟ ହେବ । ତହିଁରେ ମସ୍ତିଷ୍କ ଶୀତଳ ରହିବ ।

ଚନ୍ଦନକାଷ୍ଠର ଚୂର୍ଣ୍ଣ ଚମାଇ ସଙ୍ଗେ ମିଶାଇଲେ ସୁରଭିମାଖା ହୋଇ ପାରିବ ।

କଲିକତା ବଡ଼ବଜାରନିବାସୀ ବାବୁ ପ୍ରିୟନାଥଦେ ବାଗଜଲେଖୁଗ୍ରାମଅଚଳନ୍ତାର ଅର୍ଦ୍ଧ ପ୍ରସ୍ତୁତ କରିଅଛନ୍ତି । ଏହି ଶ୍ରୀକୃଷ୍ଣଧାମ ଦେଖିବାମିତ୍ତ ଭକ୍ତ ଦ୍ରବ୍ୟ ବଡ଼ ଉପକାରୀ ଏବଂ ପ୍ରତିପୋଷକ ସଂଜ୍ଞେ ରହିବା ଉଚିତ । ଜଳଉପଣା ସଙ୍ଗରେ ମିଶାଇ ପାନ କରିବା ବଡ଼ ତୃପ୍ତିକର ଅଟେ ଏବଂ ଅଜୀର୍ଣ୍ଣାଦି କେତେ ପ୍ରକାର ଉଦରରୋଗ ଏହାଦ୍ୱାରା ଅବ୍ୟର୍ଥ ହୁଅନ୍ତି ।

ଗତ ମୋହରମ କଲିକତାରେ କଲିକତାରେ ତାଜିୟାମାନ ବୁଲିବା ସମୟରେ, ହିନ୍ଦୁମାହେବ ମୁସଲମାନ ବୃଦ୍ଧଶ୍ରେଷ୍ଠ ଶାନ୍ତିରକ୍ଷା ନିମିତ୍ତ ମୃତ ଥିଲେ । ଅଖଡ଼ାବାଜଙ୍କ ମଧ୍ୟରୁ ଏକଜଣ ପଟ୍ଟଅଡ଼ୁ ତାହାଙ୍କୁ ଏକ ବାଡ଼ୀ ମାରିଲା ମାତ୍ର ଦୁର୍ଭାଗ୍ୟକ୍ରମେ ବାଡ଼ୀ ତାହାଙ୍କ ଦେହରେ ନ ଲାଗି ଘୋଡ଼ାଉପରେ ବାଜିଲା । ସାହେବ ତତ୍ଷଣାତ୍ ଫେରିପଡ଼ି ସେ ବ୍ୟକ୍ତିକୁ ଏମନ୍ତ ଗାଳି ଲଗାଇଲେ ଯେ ସେ ବ୍ୟସ୍ତ ସମସ୍ତ ହୋଇ ପଳାଇଗଲା ଅଉ କିଛି ଗୋଳମାଳ ହେଲା ନାହିଁ । ସାହେବ ଏପରି ପ୍ରତ୍ୟୁତ୍ପନ୍ନମତି ନ ଦେଖାଇ ଅଖଡ଼ାବାଜଙ୍କ ଧରାଧରି କରିବାରେ ପ୍ରବୃତ୍ତ ହୋଇଥିଲେ ଗୋଟାଏ ସଙ୍ଗା ଦଙ୍ଗାନ୍ତ ହୋଇଥାନ୍ତା ।

କଲିକତାରେ ଗଙ୍ଗାନଦୀ ଉପରେ ଯେଉଁ ନୂତନ ଲୌହସେତୁ ନିର୍ମିତ ହୋଇଅଛି ତାହା ୩୫୨୩ ଫିଟ୍ ଲମ୍ବ ଅଟେ । ଏଥିରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ହୋଇଅଛି ଏବଂ ଏହାକୁ ନିର୍ମାଣ କରିବାକୁ ୧୫।୮ ମାସ କାଳ ଲାଗିଅଛି ।

କଲିକତାର ଭାରତସଭା ବାବୁ ନବଗୋପାଳମିତ୍ରଙ୍କୁ ମୋଫସଲର ଅବସ୍ଥା ଦେଖିବା ନିମିତ୍ତ ପଠାଇଅଛନ୍ତି । ସେ ଭ୍ରମଣ କରି ସେମାନଙ୍କ ଅବସ୍ଥା ଉକ୍ତ ସଭାକୁ ଜଣାଇବେ ।

ଲର୍ଡ଼ସାହେବ ଗୋପୀନାଥଗୁରୁ ଚତୁଷ୍ପାଠୀର ୩ସ୍ତ୍ରେଣୀରୁ ୨ ସ୍ତ୍ରେଣୀକୁ ଉନ୍ନତ ପାଇଅଛନ୍ତି ।

କଲିକତା ଭୁମାଇଟୁଲିନିବାସୀ କବିବର ଉମାପ୍ରସାଦଙ୍କେ ଦୁର୍ଗାପୂଜା ଉପଲକ୍ଷରେ ଅନେକ ଗୁଣିଏ ମୁଦ୍ରେପାସ୍ ଉତ୍ତ ଶ୍ରୀ ସୁରେଶଙ୍କୁ ଅପଣାସରକୁ ଅମନ୍ତ୍ରଣ କରି ଅମୋଦିତ କରିଥିଲେ । ଲଂସ୍ତ୍ରକଙ୍କଠାରେ ଏତେ ଉଚ୍ଚି ବାହୁଁବ ?

ଜୁଲାଇ ଉପଲକ୍ଷରେ ଡାଏନସ୍ତାରାର ଜାନ୍ ରେଡ଼ିଡ଼ଫରନ୍—ପାର୍ଣ୍ଣାରେ ଅଧଲକ୍ଷ ଟଙ୍କା ଦାନ କରିଅଛନ୍ତି ।

ଆମେରିକାପ୍ରଦେଶର ନିଉୟର୍କ ନଗରରେ ଅଠକୋଟି ଖ୍ରୀଷ୍ଟିୟାନ ବର୍ତ୍ତମାନ ଚିକିତ୍ସାବ୍ୟବସାୟରେ ନିଯୁକ୍ତ ଅଛନ୍ତି ଏବଂ ଏମାନଙ୍କର ବାର୍ଷିକ ଆୟ ମନ ହେଉ ନାହିଁ ।

ଫାଷ୍ଟଅର୍ଡ଼ସ ପରୀକ୍ଷାରେ କୌଣସି ଛାତ୍ର ଉତ୍ତୀର୍ଣ୍ଣ ହେଲେ ଅଧ୍ୟୁତ କରିବାରେ ବଙ୍ଗଦେଶରେ ଏପରି ନିୟମ ହେଉଥିଲା କରିବାର ପ୍ରଥମରେ ଚନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ବର୍ତ୍ତମାନଙ୍କଠାରେ ଅବେଦନ କରିଅଛନ୍ତି । ସତ୍ୟମାନେ ଏଥିର ସେଉଁ ହେତୁ ଦେଖାଇଅଛନ୍ତି ତାହା ମନ ନୁହେ ଏବଂ ଉଚିତ ନୁହେ ତହିଁର ସୂଚନାର ହେବ ।

ଆମାର ପୁରୁଷ ସ୍ୱତନ୍ତ୍ର "ଆର୍କସ୍ ହେବ" ଦୁଇଜଣ ଶିକ୍ଷକଙ୍କୁ ବିଶେଷ ଉପଲକ୍ଷ ପରରେ ନିଯୁକ୍ତ କରିବା କଥା ଏଥିପୂର୍ବେ ଲେଖିଥିଲୁଁ ସମ୍ପ୍ରତି ଶୁଣି ଅନେକ ହେଲୁଁ ଯେ ଶିକ୍ଷକମାନଙ୍କ ଅଭିଲାଷରେ ମାଡ଼ରେଷ୍ଟରଠାରେ ପୁରୁଷସାହେବଙ୍କ ଅବେଶ ଚାଉ କରିଅଛନ୍ତି । ପୁରୁଷସାହେବଙ୍କର ଦଣ୍ଡ ହେବା ଉଚିତ ।

ଭୁଣ୍ଡର ସମ୍ବାଦ ।

ଚଳିତ ସିରସ୍ତମାସ ପହିଲା ଓ ଦୋସର ତାରିଖରେ ଦେଉଳଗେଲ ମୋହରମା ଘୁଷ ଦ ରେଜ୍ଜୁରକ୍ଷାର ଫଏସଲ ହେଲା ଯେ ଧ୍ରୁବ ମୋଲହିବା ପେଣ୍ଡୁର୍ଣ୍ଣାର ନ ୩ ଶଙ୍କ ବ ୪ ର୍ଣ୍ଣ ରେଶୀଏ ଜାସ୍ତଣ୍ଡ ହେଲା ଏ ପୂର୍ବେ ସେମାନଙ୍କ ମଧ୍ୟରୁ ଏକଜଣ ଫେରର ହୋଇଥିବା ଦୋଷରୁ ଏକଜଣ ଓ ଅପର ଦୁଇଜଣ ପଳାଇବାର ଚେଷ୍ଟା କରୁଥିବା ଦୋଷରୁ ମା ୨ ସ ଲେଖାଏଁ ଦେଖାନଙ୍କଠାରୁ ଜାସ୍ତବାସଦଣ୍ଡ ପାଇଥିଲେ ବର୍ତ୍ତମାନ ସେମାନେ ରଣପୁର କେଲରେ ଅଛନ୍ତି ।

ଏପରି ଉକ୍ତମାସ ତା ୫ ଦିନରେ ଏଜେଣ୍ଟ ସବଅଫିସ୍ ବୁର୍ଜି ଓ ପିଅଦାମାନଙ୍କ ଉପରେ ଚାବର ହୋଇଥିବା ଜଳଦୂରୀ ମୋହରମା ପୁରାର ମାଟକ୍ରେଟ୍‌ଙ୍କଦ୍ୱାରା ଦଣ୍ଡର ହୋଇ ଅଦ୍ୟାପିମାନେ ଜଳୌଶୀ ପ୍ରମାଣ ହେବାକୁ ମୁକ୍ତି ପାଇଲେ ବରୁ ମିଥ୍ୟାଜାଲିଆ ହେବୁ ବାସ୍ତବ ଦ୍ରାଜ ରଖାଇଅଛୁଁ ସେ ମୋହରମା ଏପର୍ଯ୍ୟନ୍ତ ଫଏସଲ ହୋଇ ନାହିଁ ।

ଏ ଅଞ୍ଚଳରେ ଖାଦ୍ୟଫସଲ ଉତ୍ତମ ହୋଇ ନାହିଁ କାରଣ ମନ୍ଦ ବୃଷ୍ଟି ହେତୁରୁ ଭୂଅ ବେଡ଼ିଡ଼ା ହୋଇ ପାରିଲା ନାହିଁ ସେଥି ନିମନ୍ତେ ଭୂଅବେଡ଼ିଡ଼ା ହୋଇଅଛି ତହିଁର ଅଧିକାଂଶ ଦେଖାନଙ୍କ ବୃଦ୍ଧନ୍ତ ବର୍ତ୍ତ ଓ ନାଳରେ ଜମା ହୋଇଥିବା ଜଳଦ୍ୱାରା ଅବାଦ ହୋଇଅଛି ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ,

ଚାଲଚେରଦୁର୍ଗରେ ଯେ ସ୍କୁଲ ଅଛି ସେଥିରେ ପଣ୍ଡିତ ମଧୁସୂଦନ ମିଶ୍ର ଅଧ୍ୟକ୍ଷ ଏବଂ ଦୁଇ ଅଧ୍ୟାପକ ଅଛନ୍ତି । ଏ ଦୁର୍ଗରେ କେନ୍ଦ୍ର ମଧ୍ୟ ବେଉଅଛି ବଳି, ସ୍ୱଳ୍ପ ମହାଶୟ ଅପଣାର ଗ୍ରାମସବୁରେ ପାଠଶାଳାମାନ କରାଇଥିଲେ ମଧ୍ୟ ଲୋଅର ଇଲିମେଣ୍ଟାରୀ ପରୀକ୍ଷା ଦେଇ ଅଛନ୍ତି ଯେବେ ଏ ଦୁର୍ଗମଧ୍ୟରେ କେନ୍ଦ୍ର ହେଲା ଇଲିମେଣ୍ଟାରୀ ଏବଂ ଲୋଅର ଇଣ୍ଟିମେଣ୍ଟାରୀ ପିଲାମାନେ ଏବଚ୍ଛରେ ଜ ୧୩।୧୪ ପରୀକ୍ଷା ଦେଲେ ଅତିଶୟ ଖୁସି ହୁଅନ୍ତା ଯେ ଦେଉ ସ୍ୱଳ୍ପ ମହାଶୟଙ୍କୁ ଏହି ପ୍ରାର୍ଥନା ଯେ ଅପଣାର ବିଦ୍ୟାମଧ୍ୟରେ ୩।୪ ଗୋଟି ଲୋଅର ଇଣ୍ଟିମେଣ୍ଟାରୀ ସ୍ଥାପିତ କରନ୍ତୁ ।

୧ ଦୁର୍ଗାସ୍ତର ଏ ମୌଜା ଯନ୍ତ୍ରାର ଜଳଧିକର୍ତ୍ତା ଏ ମୌଜାରେ ଗୋଟିଏ ଲୋଅର ଇଣ୍ଟିମେଣ୍ଟାରୀ ସ୍ଥାପନ ହେବାର ବାଞ୍ଛନୀୟ ଏବଂ ଅତ୍ୟ ବଡ଼ ମୌଜାରେ ମଧ୍ୟ ସ୍ଥାପନ କରିବାର ଉଚିତ ।

ଏ ଜିଲ୍ଲାର ବେଓ୍ୟାନବାବୁ ଅତିଶୟ ସ୍ପଷ୍ଟ ବାଞ୍ଛନୀୟ ଏ ମଧ୍ୟ ଏ ଜିଲ୍ଲାରେ ବହୁ ସଦ୍ଗୋପ ନ କରିବାର ପ୍ରତ୍ୟକ୍ଷ ଦୃଷ୍ଟ ହେଉଛି ଲୋକମାନଙ୍କର ଶିକ୍ଷାସାଧନ ଗୁଳା ଅଛି ଅଥବା ବ୍ୟକ୍ତି କେହି ନୁହନ୍ତି ? ଶିକ୍ଷିତ ନିୟକ୍ତ ଜଜ ଜାଲ ହେଲେ ସେ ତ ସବରଜିଷ୍ଟ୍ରାର ଗତ ଜାଣିଥିବ ତାହାକୁ ଜୟକ୍ତ କଲେ ଭଲ ହେବ ଲାଗି ।

R. N. 18-9-87.

ମହାଶୟ !

ଗ ୩୭ ଖଣ୍ଡ ପତ୍ରିକାରେ ଅମ୍ଭେମାନେ ଜଙ୍ଗେବାସ୍ତ୍ର ବ୍ରାହ୍ମ ବଦଳର ଚୌଣସି ଜାର୍ଣ୍ଣ ସମ୍ବନ୍ଧେ କେତେକ କଥା ଲେଖିଥିବାରୁ ସଂସାରବ୍ୟାକରଣର ଛିଦ୍ରାନ୍ୱେଷୀ ଗ ୩୪ ଖଣ୍ଡ ଜଙ୍ଗେବାଦରେ ସ୍ୱନାମ ଜଳାଶ୍ରୀ ପଣ୍ଡିତମାନଙ୍କ ମତର ପ୍ରତିବାଦ କରିବାକୁ ଯାଇ ଅମ୍ଭମାନଙ୍କ ପ୍ରତି ଅକ୍ଷେପକରି ତାହାପରି ଅଶ୍ଳୀଳ ଜଳ୍ପ ଅଛନ୍ତି ବଳି ସେମାନେ ବାହ୍ୟକ ବିଦ୍ୟା ଦେଖାଇ କେବଳ—ମିଥ୍ୟାକୁ ସତ୍ୟ ଓ ସତ୍ୟକୁ ମିଥ୍ୟା ବୋଲି ଘଟନା କରିବାର ଚେଷ୍ଟାକୁ ଯେପରି ଅସ୍ତ୍ର କରିଅଛନ୍ତି—ତାହା ଦେଖି ଅମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଉଅଛୁଁ । ସ୍ୱପ୍ରକାଶ ମୁଦ୍ରାଙ୍କର ବ୍ୟୟ ଓ ବୁକ୍ ଏଜେଣ୍ଟ ନିମନ୍ତେ ବାମଣ୍ଡାସ୍ଥାନାଙ୍କୁ ସାହାଯ୍ୟ ପ୍ରାର୍ଥନା କରିଥିବା ବିଷୟ ସେମାନଙ୍କ ମଧ୍ୟରୁ କେହି କେହି ଜଣ ସମ୍ଭ୍ରାନ୍ତ ବନ୍ଧୁଙ୍କଙ୍କ ଚରିତ୍ରରେ ବହି ଅଛନ୍ତି ବ ନା ? ସେମାନେ ଜାଲ ଦ୍ୱାରା ଜାଲାପ ଉତ୍ତରଦାତାଙ୍କ ବଦ୍ୟାଲୁଣ୍ଠ ଓ ଚାଳ ପ୍ରଣାଳ ଛେଡ଼ପରିମାଣକୁ ବିଶେଷ ଜଳାଇବ ତାହା ପରିବର୍ତ୍ତେ ଚଳାଇବା ନିମନ୍ତେ ବିଶ୍ୱାସ ମେଳମୁରେଖରେ ଅନୁକରଣରେ ଅଳ୍ପେ ଛେଡ଼ପରିମାଣ ଲେଖିଥିବା ଓ ସଂସାରବ୍ୟାକରଣ ପ୍ରଣୀତ ସ୍ଥଳରେ ନ ଚଳାଇବା ଜଣେ ଶବ୍ଦରେ ଶୀଘ୍ର ପ୍ରକାଶ କରିବା ଚିତ୍ରପ୍ରମାଣ କେତେକ ଜଣ ବନ୍ଧୁଙ୍କଙ୍କ ଚରିତ୍ରରେ ବ୍ୟକ୍ତି କରିଅଛନ୍ତି ବ ନା ?

Digitized by srujanika@gmail.com

Split by PDF Splitter

ଯଦି ଅପଶାର ଐନ୍ଦ୍ରଜାଲିକ ମାୟା ବଳରେ ଉପରୋକ୍ତ କଥାଗୁଡ଼ିକୁ ମିଥ୍ୟାବୋଲି କହିବାର ଉପାୟ ନ ଥାଏ, ତେବେ ଲେଖକ ନିଜେ "ଗୋଡ଼ିମିଶ-ବାକମୋଡ଼ା" ନ ଖାଇବେ କାହିଁ ?

ପାଠ୍ୟପୁସ୍ତକ ନିର୍ବାଚନ ଯେପରି ବହୁକାଳରୁ ଓଡ଼ିଶାରେ ଗୋଳମାଳ ଲାଗିଅଛି କାରଣ ଓଡ଼ିଶାରେ ଭାଇବନ୍ଧୁମାନଙ୍କର ଉପକାର ଓ ନାମ ଜାରି କରିବାର ଯେପରି ସୁବିଧା ଅଛି, ଭାରତବର୍ଷର ଅନ୍ୟ କୌଣସିସ୍ଥାନରେ ସେପରି ନାହିଁ । ନବଦ୍ୱୀପବାସୀ ଦଳ "ନୂତନଗ୍ରନ୍ଥକାର" ବୋଲି ପରିଚିତ ହେବା ପୂର୍ବରୁ ଯେପରି ଉଦ୍ଭବସ୍ୱଭାବ ପ୍ରଦର୍ଶନ କରିଥିଅନ୍ତି ତାହା ବିଲକାର୍ଯ୍ୟ ନୁହେ ।

ଶୀଘ୍ର——

ମହାଶୟ !

ଅଦ୍ୟ ତା ୧୧ ରେଖ ରବିବାର ଶ୍ରୀଜଗନ୍ନାଥ-ସନାତନଧର୍ମରକ୍ଷଣୀସଭା ଅଧିବେଶନରେ ନିମ୍ନ-ଲିଖିତ ବିଷୟମାନ ପ୍ରସ୍ତାବିତ ହୋଇ ସ୍ଥିରହେଲା ।

୧ ମ । ମନ୍ଦିରସଂକ୍ରାନ୍ତ ମୋକଦ୍ଦମାରେ ଶ୍ରୀ ମହାରାଣୀ ସାହେବଙ୍କୁ ଶ୍ରୀ ଜଗନ୍ନାଥଦେବଙ୍କର ସେବା ଓ ଉତ୍ସବାଦିର ଭାବୀସ୍ଥ ଅନନ୍ୟ ନିର୍ବାହମାନ ସୁଶୃଙ୍ଖଳରୂପେ ଚଳିବାର ନିୟମାବଳୀ ପ୍ରସ୍ତୁତକରି ଶ୍ରୀଯୁତ ଶ୍ରୀ ଗବର୍ଣ୍ଣମେଣ୍ଟଙ୍କ ଶ୍ରୀ ହଜୁରକୁ ଶୀଘ୍ର ପଠାଇବାର ଉଚିତ ।

୨ ୟ । ସତ୍ତ୍ୱର ଅଭିପ୍ରାୟ ଏହି ଯେ ଶ୍ରୀ ମହାରାଣୀ ସାହେବଙ୍କ ପ୍ରସ୍ତାବିତ ନିୟମାବଳୀଦ୍ୱାରା ଶ୍ରୀ ଜଗନ୍ନାଥଦେବଙ୍କର ନିତ୍ୟ ନୈମିତ୍ତିକ ସେବା ଚଳିବା ନିମିତ୍ତ ପୂର୍ବରୁ ବନ୍ଧାବନ୍ଧା ହୋଇଥିବା ନିୟମମାନଙ୍କର କୌଣସି ବ୍ୟତିକ୍ରମ ହେବ ନାହିଁ; କାରଣ ବ୍ୟତିକ୍ରମ ହେଲେ ସନାତନଧର୍ମର ବହିର୍ଭୂତ ହେବ ।

୩ ୟ । ଶ୍ରୀ ମହାରାଣୀ ସାହେବଙ୍କୁ ପ୍ରାର୍ଥନା ଯେ ସେ କୌଣସି ସାଧାରଣ ହିନ୍ଦୁଧର୍ମବିବେଚକ ଓ ବଙ୍ଗସମାଜର ମତାନୁଯାୟୀ ଲୋକ ନିୟମମାନ ପ୍ରସ୍ତୁତ କରିବେ ଯେମନ୍ତେ ଭବିଷ୍ୟତରେ କୌଣସି ହିନ୍ଦୁଧର୍ମାନୁସନ୍ଧାନକ ବଙ୍ଗବ୍ୟକ୍ତି ଉପ-ଲବ୍ଧାନ୍ତ ନିୟମପ୍ରତି ବହୁ ଅପତ୍ତି ଉତ୍ଥାପନ କରି ନ ପାରନ୍ତି ।

୪ ର୍ଥ । ଆହୁରି ମଧ୍ୟ ସତ୍ତ୍ୱ ଆଶା କରନ୍ତି ଯେ ମହାରାଣୀ ସାହେବଙ୍କର ଯେଉଁ ପ୍ରକାଶ ଓ ଧୂରନ୍ଧର ଉକିଲମାନେ ଅଛନ୍ତି ସେମାନେ ଏହିରୂପ ପରାମର୍ଶରେ ନିୟମାବଳୀ ପ୍ରସ୍ତାବକରି ପଠାଇବେ ଯେଯଦ୍ଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଓ ଅନ୍ୟାଗନ୍ତୁକ ଯାତ୍ରିମାନଙ୍କର ଏବଂ ହିନ୍ଦୁଧର୍ମସମ-ଜର ମଧ୍ୟ ସନ୍ତୋଷଜନକ ହେବ ।

୫ ମ । ଶ୍ରୀଯୁତ ଶ୍ରୀ ମହାରାଣୀ ସାହେବଙ୍କୁ ଉଚିତ ଯେ ସେ ନିୟମାବଳୀ ପ୍ରସ୍ତୁତକରି ସେହି ନିୟମାବଳୀର ଜଳଜଳ ମନ୍ଦିରର ପ୍ରକାଶ୍ୟ ସ୍ଥାନମାନଙ୍କରେ ଲଟକାଇବେ ତାହା ହେଲେ ଉଭୟପକ୍ଷେ ଯାହାର ଯେ ଅପତ୍ତି ଥିବ ସେ ତାହା ଶ୍ରୀ ମହାରାଣୀ ସାହେବଙ୍କ ହଜୁରରେ ପ୍ରକାଶ କରି ପାରିବ ଓ ଅପତ୍ତି ଦୃଷ୍ଟେ ସଂଶୋଧନ ହେଲାଉତ୍ତାରୁ ତାହା ଗବର୍ଣ୍ଣମେଣ୍ଟଙ୍କୁ ପଠାଯିବ ।

୬ ଷ୍ଠ । ସତ୍ତ୍ୱ ଆଶା କରନ୍ତି ଚ ଗୃହବାସୀର କର୍ମଚାରୀମାନଙ୍କୁ ଉଚିତ ଯେ ସେମାନେ ଗୃହବାସୀକୁ ଅସ୍ପୃଶ୍ୟ ବା ଉତ୍କଳଦୀପିକାସ୍ଥ ମନ୍ଦିର-ସଂକ୍ରାନ୍ତ ଅବିକଳ ବିଷୟମାନ ଶ୍ରୀଯୁତ ମହାରାଣୀ-ସାହେବଙ୍କର ଯେପରି କର୍ଣ୍ଣଗୋଚର ହୁଏ ତହିଁରେ ଯତ୍ନବାନ୍ ହେବେ ।

ମୂଲ୍ୟପ୍ରାପ୍ତି ।

ବାବୁ ଶ୍ୟାମସୁନ୍ଦର ଶ୍ରୀଗୁରୁ		
ପାରଲଖେମୁଣ୍ଡି	ବଙ୍ଗସ୍ଥ	ଟ ୨
ବାବୁଗୋଇ ପରମାନନ୍ଦ ମହାନ୍ତି	ଅଣ୍ଟିମ	ଟ ୦
ବାବୁ ମଥୁରମୋହନ ପାଟ୍ଟୀ ଉରନ	"	ଟ ୩
" " "	ବଙ୍ଗସ୍ଥ	ଟ ୧୪
" ବୃନ୍ଦମୋହନ ବୋଷ ବଟକ	"	ଟ ୨
" " "	ଅଣ୍ଟିମ	ଟ ୩
Public library Bhudreck	ବହୀସ୍ଥ	ଟ ୨
ବାବୁ ଦାମୋଦର ଓଡ଼ା ବୋଇବସ୍ତ	ଅଣ୍ଟିମ	ଟ ୩
" ଜଗବନ୍ଧୁ ଦାସ ମୋହାନ୍ତ	"	ଟ ୩
" ହରବଲ୍ଲଭ ବୋଷ	ବଟକ	ଟ ୩
" " "	ବଙ୍ଗସ୍ଥ	ଟ ୨
ସେଖଜାଦର ବଳମାଳ	"	ଟ ୩
ବାବୁ ବଗାଲ ଦାସଦତ୍ତ କାଟି	"	ଟ ୪
" ନାରାୟଣଦିନ୍ଦ୍ର ଗେଣ୍ଡ ବରମାଳା	"	ଟ ୪
" ମଧୁସୂଦନ ମହାପାତ୍ର	ବଟକ ଅଣ୍ଟିମ	ଟ ୧
" ମୁରଳୀମୋହନ ଗଡ଼ନାୟକ ସିଂହ	ଅଣ୍ଟିମ	ଟ ୩
" " "	ବଙ୍ଗସ୍ଥ	ଟ ୨ ୩/
" ମୁରଦେବପୁର ହୁଗୁଲା ପୂରବ	"	ଟ ୨ ୩/
" "	ଅଣ୍ଟିମ	ଟ ୩

ବିଜ୍ଞାପନ ।

ନିମ୍ନ ଲିଖିତ ପୁସ୍ତକମାନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀର ଛାପାଖାନାରେ ବିକ୍ରୟ ହେଉଅଛି । ମଫସଲର ଗ୍ରାହକଙ୍କୁ ମୂଲ୍ୟ ଛଡ଼ା ଖଣ୍ଡପ୍ରତି ଡାକମାସୁଲ ଟ ୦/୬ ଲେଖାଁଏ ପଡିବ ।

ପ୍ରସ୍ତାବସିନ୍ଧୁ [ପ୍ରସିଦ୍ଧଗ୍ରନ୍ଥ]	ମୂଲ୍ୟ	ଟ୦୍ୟ
ପାଷଣ୍ଡଦଳନ	ମୂଲ୍ୟ	ଟ୦/୬
ଶୋଭାବତୀ ଗ୍ରନ୍ଥ	ମୂଲ୍ୟ	ଟ୦/

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
ନ ୧୦ ମିର ଷ୍ଟ୍ରେ ଷ୍ଟ୍ରିଟ, ଶ୍ୟାମପୁକୁର,
କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ଦଳ-ପଞ୍ଜିକା ସବୁ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗୀମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧ ରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂୟସହିତ ଧାତୁନ-ର୍ଗମ, ସରଳ ପ୍ରସ୍ରାବ, ଖଡ଼ିଜଳବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଶ୍ରେଷ୍ଠ ୧ ଶିଶିର ମୂଲ୍ୟ ଟ ୨/ ବଡ଼ ୧ ଶିଶିର ମୂଲ୍ୟ ଟ ୩ ପ୍ୟାକିଂ ଖର୍ଚ୍ଚା ଟ ୦ ୬/

ପ୍ରବଳ—ଘୃତ ।

ଏହା ସେବନ କଲେ ଗର୍ଭାଶୟ ଅଣ୍ଡିଲ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, କଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତପ୍ରସ୍ରାବ, ଜଳଦଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨/ ଓ ପ୍ୟାକିଂ ଖର୍ଚ୍ଚା ଟ ୦/

Digitized by srujanika@gmail.com

Split by PDF Splitter

ଓଡ଼ିଶା ମିଶନ ପ୍ରେସ
କଟକ ।

୧୮୫୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ ଚାଗଜ ପଛାଦ ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳିବ ।

ମେହରୋଗ ।

ଆମ୍ଭଙ୍କାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଅକ୍ରମଣ କରିଅଛି ସେମାନଙ୍କର ଚିକିତ୍ସାର୍ଥ ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସ୍ୱୀକାରେ ଜୀବନର ମାୟା ପରିତ୍ୟାଗ କରିନୁହେ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଜିର୍ଣ୍ଣ ସପ୍ତାହରେ ସମସ୍ତ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଯଥାର ଦ୍ୱିତୀୟରେ ପରିଣତ ନ ହେଲେ ଆଉ ଜୀବନ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ ଜଳଜଳା ଅଦେରଷ୍ଟୋଲ ନମ୍ବର ବିଜଳରେ ସ, ହେ, ଗସ ଦୋକାନଙ୍କଠାରେ ଏହି କଟକ ବରଷାବଜାର ପ୍ରିଣ୍ଟିଂଦୋକାନଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୫/୬ ଟା । ପୁରିନା ଓ ଡାକଖର୍ଚ୍ଚା ପୃଥକ୍ ।

ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ ଜିବରାଜ ଶିବାର୍ ଲକ୍ଷ୍ମୀନାରାୟଣ ଗୁପ୍ତ ସ୍ୱକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ଚାରିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ-ମଧ୍ୟରେ ତୁମ୍ଭେ ଆରୋଗ୍ୟ ହେଉଥିବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

ବାଲିକାଗଜ ।

ଚଳନ୍ତିଶ୍ରେଣୀ ସସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ଗୁପ୍ତଙ୍କ ବସା ନିକଟସ୍ଥ ବାବୁ ଅର୍ଜୁନଦାସ କର ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୧୫ ଗଣ୍ଡି	ବାଉ	ର ୧୬	ଟ ୨/୬	ର ୧୬ ଟ ୦ ୪/୬
୧୪ ଗଣ୍ଡି	"	" ଟ ୨/୩		" ଟ ୦ ୪/୩
୧୨ ଗଣ୍ଡି	"	" ଟ ୨/		" ଟ ୦ ୪/
୩୦ ଗଣ୍ଡି	"	" ଟ ୩/		" ଟ ୦ ୧/୬

ଯେପାରମାନେ ଅର୍ଥାତ୍ ଯେଉଁମାନେ ଏକ ଡ଼ରେ ର ୫ ମ ବା ଅଧିକ କ୍ରୟ କରିବେ ଅଧିକ ସ୍ଥଳରେ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ଲଗିବ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ଗୁପ୍ତଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନଡୋଲା ଓ ବଳଗା ଓ ରେସମାଓଗେର ଲୁଗା ଓ ଷ୍ଟୋଲଷ୍ଟ ଓ ଜଳ-ବଗା ଜମାଖ ସଚ୍ଚରାଚର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦାନୀଂ ଅଳ୍ପ କେତେକ ଫେଲନ୍ ଜିନିସାଟ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଙ୍ଗଳର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । ଦେହ ଖରାବ କରିବାକୁ ଚାହିଁଲେ ତାହା ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପକ୍ଷେ ଅପଣା ମଜଲସ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ଘଣ୍ଟାକୁ ଫି ବଗ୍ଗ ଟ ୦/୬ ହିସାବରେ ଭଡ଼ାଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖଣ୍ଡଗୁଡ଼ିକର ଚାର ତାହା ଉପରେ ଥିବ । ଖଣ୍ଡ ହେଲେ ଝାଡ଼ର ପୂରା ମୂଲ୍ୟ ତାହା ଦେବାକୁ ହେବ ।

ଫେସିଲ ।

ବଳର ଫେଣ୍ଡା ଓ ଚଉଁରେ ଗୁବ ଦେଲେ ଚାଲେ ।
ବଳେଦରାଜ
ବଳେଖାନ୍ ଦେଇ ଚଢ଼ିବା ଯେଉ ଖଡ଼ା ଓ ଦୋଳ ସହିତ ।
ଚୁଡ଼ ଅର୍ଥାତ୍ ଚବଶା ବଳବା ବାସକ ଫେହ୍ନିଲ ଓ ବଲମ ।
ଫେହ୍ନିଲ ବାଟିକା ଗଣ୍ଡ ।
ଜାମା ପ୍ରକାରର ଚଠ-ବାସକ ଓ ଲଡ଼ାପା
ବାଟ ପିଲ୍ଲ ଓ ବଡ଼ ଉଜିନ ଓ ଗ୍ରବ
ବଳଗ ଫେଣ୍ଡେଲ
ଉଜର୍ଣ୍ଣ ଚୁରଫଗଚ୍ଛ ଏବଫଗ ଚୁଲ
ଫେଲସ୍ପର ଚପୋର ଷମ ଫେଣ୍ଡର ଅବଲ
ମାର୍ଣ୍ଣି ବାଗୀ ଚୁବାରେ ଚଉ ଫେଲେ ଖୋଡ ଗଲେ ବଡ଼ଲ ହେବ ନାହିଁ ।
ଏ, ଦୋଷକ ଗଣ୍ଡଫେଲ ବାମ୍ପିଲ ଓ ବ୍ରବ୍ରା ।
ଟ୍ରେଣ୍ଟ ଚୁଲ୍ଲ ।
ଟିଉଚ ଚଉ ।
ବଳଗ ଖାଚୁନ ।
ଚାଚାଲ ଖାଚାନ ଗଢ଼ ଫେ ଚୁଗା ଗଚଣ୍ଟାଲ ଚୁଚ ।
ଅଖୋଚ ଫେଚ—ଅର୍ଥାତ୍ ଖୁଲ୍ଲ ଚୁଚ ।
ଅଗଲ ଚୁଲ୍ଲ ।
ଓଁଚାଚ ପୁଟ୍ ଚ୍ଚଚା ।
ଚଚ୍ଚ ଅଚ ।
ଦୋଗେଚାଲ୍ ।
ଘୋଚଚ୍ଚଚ ଫେଣ୍ଟ-ଫେଚ ଓ ଚଚ ଘୋ-ଚରେ ଚଗେ
ଚୁଚ୍ଚ ବାଚ ଗର୍ଥାତ୍ ଫେଣ୍ଟିଚାଫେଲେ ଖଚ ଓ ଖୁଣ୍ଟିରେ ବଳା ହେବ ।
ଅଚଚା ଚଚ୍ଚା
୧୬ × ୧୦ ଇଞ୍ଚ
୧୪ × ୧୬ ଇଞ୍ଚ
ଗଚେଚ୍ଚ ଚଂଗ ପାଟ୍ଟ ଚ୍ଚ ଟ ୦ ୮/୬
ମୋଚା ଓ ମୋଚାଚ ଚଚ୍ଚ ୪ଅ ଚଚ୍ଚ
ଚଚ୍ଚ ଖାଚ୍ଚ ବଳା ଚଚ ଓ ଖାଚଚ ଚୋଚ ଚିଚା
ଚଚ୍ଚ ଅଚଚ୍ଚ
ଏଚ୍ଚ ଚାଚ୍ଚ ।
ଖୁଅନ ଫେଚ ।
ଅଚ୍ଚମେଚ୍ଚ ଫେହ୍ନିଲ୍ ଚ ଥାଚ ଏ ଫେହ୍ନିଲ୍‌ରେ ଫେଣ୍ଟ ଚଚିଚ ଫେଚ ଚଚ୍ଚ ଚଚାଚ ଫେହ ଫେହ୍ନିଲ୍ ଫେଗା ଚ ଗଚେ ଫେଚ ଚଗାଚ ଫେଲେ ଚଚ୍ଚ ଚ ଚଚ ଚ ଚଚ୍ଚ ।
ଚଚିଚ ଫେଗଚ ।
ଚଚ୍ଚଚିଚ ଫେଚଚ୍ଚ ଚଚ-ଚାଚ ଚ୍ଚାଚ ।
ଚଚ୍ଚଚ ଚ୍ଚୋଗଚ ଅଥାତ୍ ଚଠାଚ ଚଗଚ୍ଚ ଚ୍ଚାଚ୍ଚଚାଚ ଚଚ୍ଚ ।
ମନଗାମା ।
ଫେଚ୍ ଚ୍ଚ ଫେହ୍ନିଲ୍ ।
ଚନ୍ନ ଫୋଚଚ
ବନାରସୀ ଗାଚ୍ଚା ଓ ଖୋଚ ଓ ଚଚ
ମଚଚ୍ଚଚାଚ୍ଚ ଓ ଚିଚ-ଚାଚ ପାଟ୍ଟଖୋଚ ଓ ଗାଚ୍ଚା ।
ଟ୍ରିଚିଂ ବାଚ

ପିଚଚାର ।

ଏ ଚାରକୁ ଫେଚ୍ଚଗଚି ଗାଚରେ ଚଚ୍ଚି ଚଥାଁରେ ଚଚ୍ଚଚାଚ ଫୋଚାଚଗ୍ଚର ଫାଟରେ ଫେଲେ ପାଣିଗଲା ବନ୍ଦ ହେବ ଘରର ମଝି-ଆରେ ଲେପିଦେଲେ ମଚ୍ଚଚ୍ଚ ଓ ଚ୍ଚଚ ଧରିବ ନାହିଁ ।

ବଗିର ଚନ୍ନଡ଼ା ଓ ସାଚରେ ଲଗାଇବାର ଚାଚ ମଧ୍ୟ ଅଛି ।

ଅଚ୍ଚଚଚ୍ଚ ଚଚ ଚଚ୍ଚାଚ

ଚଚ୍ଚଚଚ୍ଚଚିଚାରେ ଚଚ୍ଚଚଚ ହୁଗାଚଚାଚ ଚଚ । ଚଚଚ-ଚିଚ ଚୁଚେ ଖାଚ୍ଚ ଫୋଚଅଛ ଖଚା—

ପ୍ରଥମଥର ସ୍ୱକାଶେ	
ଖାଚ ଚ୍ଚଚ	ଟ ୦/
ଅଚ ଚ୍ଚଚ୍ଚ	ଟ ୨ ୧
ଚ୍ଚର୍ଣ୍ଣ ଏକ [ଚ୍ଚଚ୍ଚ]	ଟ ୦

ମାତ୍ର ଫୋଚଚ୍ଚ ଚଚ୍ଚଚଚ୍ଚ ଫେଚେ ଚ୍ଚଚ୍ଚ ଫେଚେ ଚଚ୍ଚ ଚ ଚର୍ଣ୍ଣ ଟ ୦୦ ଚ୍ଚ ଚଚା ହେବ ନାହିଁ ।

ଚ୍ଚ ଚଚ୍ଚ ଓ ଚ୍ଚଚଚ୍ଚ ସ୍ୱକାଶେ ଚର୍ଣ୍ଣ ପ୍ରଥମ ଅଚଚ ଫେଚା ଓ ଚ୍ଚ ଚ୍ଚ ଚଚାଚ୍ଚମେ ହେବ ।

ଅଥଚ ଚଚ୍ଚ ସ୍ୱକାଶେ ଚ୍ଚଚ୍ଚ ଚଚୋଚ୍ଚ ଫୋଚ ଗାଚ୍ଚ ।

ଚଚ୍ଚଚଚ୍ଚ ମୂଲ୍ୟ ଚଚ୍ଚଚ୍ଚ ଚ୍ଚଚେ ଚଚାଚଚାଚ ହେବ

ଚ୍ଚ ଏହି ଉତ୍କଳଦୀପିକା ଚ୍ଚଚ୍ଚ ଚ୍ଚଚ ଚଚଚାଚଚାଚ ଚ୍ଚଚ ପ୍ରିଣ୍ଟିଂଦୋକାନଙ୍କ ଚଚାଚ୍ଚଚ୍ଚରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଗ୍ର ୨୨ ଅ
ଫ ୪୧ ଖଣ୍ଡ

ତା ୧୩ ୨୩ ମାସେ ଅନ୍ତର ସନ ୧୮୮୭ ମସିହା । ମୂ । ଅଗ୍ରିମ ବ ୩୧ ବ ସନ ୧୨୫୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ପଶ୍ଚାଦେୟ ଟ ୬୧

ଚଳିତମାସ ତା ୨୭ ଖରେ ଲହୋରଠାରୁ ଆସିଥିବା ଭାରତବର୍ଷରୁ ପ୍ରକାଶ ଯେ କାବୁଲର ଅବସ୍ଥା କ୍ରମେ ମନ୍ଦ ହୋଇ ଆସୁଅଛି । ଅନେକ ବଡ଼ ଆଫଗାନ ସରଦାରମାନେ ଆମୀରଙ୍କର ବିଦ୍ରୋହୀ ହୋଇଅଛନ୍ତି ଏବଂ ଆମୀର ଟଙ୍କା ଏବଂ ସୈନ୍ୟସମ୍ପତ୍ତିରେ ନିଯୁକ୍ତ ଅଛନ୍ତି । ଦକ୍ଷିଣ ଏବଂ ପଶ୍ଚିମ ଆଫଗାନସ୍ଥାନରେ ଗୋଳମାଳ ଅଧିକ ହେଉଅଛି ଏବଂ ବିଦ୍ରୋହୀ—ଜାତିମାନେ ଆମୀରଙ୍କ ସୈନ୍ୟଙ୍କଠାରୁ ଅନେକ ଜେଲେଗ ଡ଼ିଏ ବନ୍ଦୁକ ଫେଲ ଯାଇଅଛନ୍ତି ।

ଯେଉଁମାନେ ଡାକରେ ବିଲମ୍ବରେ ଉତ୍ତର ଲେଖିବା ପ୍ରାପ୍ତ ହୁଅନ୍ତି ସେମାନଙ୍କୁ ପ୍ରାର୍ଥନା ଯେ ଯେଉଁ କାଗଜରେ ଦୀପିକା ବନ୍ଧହୋଇ ଯାଇଥାଏ ସେହି କାଗଜଉପରେ ପାଇବାର ତାରିଖ ଲେଖି ଆମ୍ଭମାନଙ୍କ ନିକଟକୁ ପଠାଇ ଦେଲେ ଆମ୍ଭେମାନେ ଡାକଘରେ ଦେଖାଇ ବହୁତ ପ୍ରତିକାର ଲେଉଡ଼ିବୁଁ । ଉକ୍ତ କାଗଜଉପରେ ଡାକଘରର ମୋହରରେ ତାରିଖ ଥାଏ ସୁତରାଂ ବିଲମ୍ବ ହେବାର କାରଣ ତହିଁରୁ ଜଣା ପଡ଼ିବ । ପ୍ରତି ଶନିବାର ଅପରାହ୍ନ ୩ ୪ ଘଣ୍ଟା ପୂର୍ବ ସମସ୍ତ ଗ୍ରାହକଙ୍କ କାଗଜ ଏକଅଳିରେ ଭରତ ହୋଇ ଆମ୍ଭମାନଙ୍କ କାର୍ଯ୍ୟାଳୟରୁ ଡାକଘରକୁ ପଠାଯାଏ । ଓ କାଗଜର ସଂଖ୍ୟା ପୂର୍ବରୁ ରେଜିଷ୍ଟ୍ରି ହୋଇଥିବା ଏବଂ ପ୍ରତିଥର ଗଣନା ହୋଇ ସାର୍ଟିଫିକଟ ଦିଆ ଯାଉଥିବାରୁ ଏ ଅଫିସରେ ବିଲମ୍ବ ହେବାର ସମ୍ଭବ ନୁହେଁ ।

ବର୍ଷାମୋହିବାରୁ ଗତସପ୍ତାହରେ ଯେଉଁ ଭାବନା ଉପସ୍ଥିତ ହୋଇଥିଲା ତାହା ଶୀଘ୍ର ଘୁଚିଗଲା । ଗତ ଶନିବାରଠାରୁ ମେଘ ବାହାର ପ୍ରାୟ ପ୍ରତିଦିନ ବର୍ଷା ହେଉଅଛି । ଏନଗରରେ କେବଳ ମେଘୁଆପାଗ ଓ ଜଳବାୟୁ ମନ୍ଦ ଅର୍ଥାତ୍ ଧୂଳିମିଶ୍ର ବୃଷ୍ଟି ହୋଇଥିଲା । ଗତକାଲି ମଧ୍ୟାହ୍ନ ସମୟରେ ଏକ ଅଣ୍ଟା ଉତ୍ତମବୃଷ୍ଟି ହୋଇଅଛି । ମୋଫସଲରେ ପ୍ରଚୁର ଜଳବର୍ଷିଅଛି ଯାଜପୁର କେନ୍ଦ୍ରାପଡ଼ା ଜଗତସିଂହପୁର ଖୋରଧା ପୁରୀ ଚେକାନାଳ ବାଙ୍କୀ ସମସ୍ତସ୍ଥାନରେ ଯଥେଷ୍ଟ ଜଳ ହେବାର ସମ୍ବାଦ ଅସିବାରୁ ଏ ମେଘ ଚତୁର୍ଦ୍ଦିଗ ଥିବା ବିଷୟରେ ସନ୍ଦେହ ନାହିଁ । ଏହି ମେଘଦ୍ୱାରା ଫସଲ ରକ୍ଷା ପାଇଲା ଏବଂ ଦୁର୍ଭିକ୍ଷର ଆଶଙ୍କା ଦୂର ହେଲା ବଡ଼ ସୁଖର ବିଷୟ ଅଟେ । ଆଗାମି କାଲି ଅମାବାସ୍ୟା ଓ ସକ୍ରାନ୍ତି ଏକାଠି ପଡ଼ିବାରୁ ଭୋଫାନର ଆଶଙ୍କା କେହି କରୁଅଛନ୍ତି । ଭୋଫାନ ହେଲେ ଅନେକ ଧାନ ମାଡ଼ଖାଇଯିବ ମାତ୍ର କେବଳ ବର୍ଷା ହେଲେ ବହୁ କ୍ଷତି ନାହିଁ ।

ବହ୍ମବ୍ରହ୍ମ୍ୟର ସର୍ବପ୍ରଧାନ ଏବଂ ବଳବାନ୍ ଡର୍ଜାଏଲ ସରଦାର ଗ୍ରେସୋୟା ମଗ୍ନ ପଡ଼ିଥିବାର ରଙ୍ଗୁନଠାରୁ ସମ୍ବାଦ ଅସିଅଛି ଏବଂ ତହିଁର ସତ୍ୟତା ସରକାରୀ ସମ୍ବାଦଦ୍ୱାରା ସମର୍ଥିତ ହୋଇଅଛି । ଏ ବ୍ୟକ୍ତି ବ୍ରହ୍ମା ଦଖଲ କରିବା ଦିନଠାରୁ ଇଂରାଜଙ୍କୁ ଲଣ୍ଡଭଣ୍ଡ କରୁଥିଲା । ଜଳପଥ ବଳମଧ୍ୟରେ ଲୁଚି ରହି ସୁଯୋଗମତେ ପଦାକୁ ବାହାରି ଡକାଇତି କରୁଥିବାରୁ ଏତେକାଳ ଧରାପଡ଼ି ନ ଥିଲା । ମେକର ହାରଭଙ୍ଗ ଦୌଡ଼ ସୈନ୍ୟଦଳ-ସହିତ ଅକସ୍ମାତ୍ ଏକଦିନ ଦେଖିବାରୁ ସାମାନ୍ୟ ଯୁଦ୍ଧରେ ଗ୍ରେସୋୟା ଓ ତାହାପକ୍ଷୀୟ କେତେକଜଣ ହତ ଏବଂ ପ୍ରାୟ ୨୦।୨୨ ଜଣ ଆହତ ହେଲେ । ଅବଶିଷ୍ଟ ଲୋକେ ଜଳଭଙ୍ଗ-ହୋଇ ପଳାଇଲେ । ଗ୍ରେସୋୟାର ମୃତଦେହ ଚିହ୍ନିତ ହୋଇଅଛି ଏବଂ ତାହାଠାରେ ଥିବା ୪୦ ଟା ବନ୍ଦୁକ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଇଂରାଜଙ୍କ ହସ୍ତଗତ ହୋଇଅଛି ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ବଗଣ୍ଡାମ-ଜିଲ୍ଲା ବ୍ରହ୍ମପୁରନିବାସୀ ଗାଦବଲଭମପଣ୍ଡିତ ଗତ-ମାସ ତା ୧୭ ଖରେ ମାନବଲୀଳା ସମ୍ବରଣ କରିଅଛନ୍ତି । ଏ ମହାଶୟ ଗାରଲ ଖେମଣ୍ଡିରେ ସିରସ୍ତାଦାରୀ କର୍ମ କରୁଥିଲେ । ବିଶେଷ ଯୋଗ୍ୟତା ଦେଖାଇବାରୁ ମାସକୁ ୪ ୧୫୦ ଟଙ୍କା ବେତନରେ ଘୁମୁସର ତାଲୁକାର ତହସିଲଦାର ହେଲେ ଓ ଶେଷରେ ଟ ୨୦୦ ଟଙ୍କା ପର୍ଯ୍ୟନ୍ତ ବେତନ ଭୋଗ କରି ମୃତ୍ୟୁର ବିଛିକାଳ ପୂର୍ବରୁ ମାସକୁ ଟ ୧୦୦ ଟଙ୍କା ପେନସନ ଗ୍ରହଣ ପୂର୍ବକ କର୍ମରୁ ଅବସର ନେଇଥିଲେ । ଶେଷରେ ଥିବା ସମୟରେ ଏହାଙ୍କର ସାଧୁ ସ୍ୱଭାବ ଓ ନିରପେକ୍ଷବିଚାରରେ ପ୍ରଜାମାନେ ଅତ୍ୟନ୍ତ ସନ୍ତୋଷ ଲାଭ କରିଥିଲେ ଏବଂ ପେନସନ

Digitized by srujanika@gmail.com

Split by PDF Splitter

ନେଲା ଜଣ୍ଡାରୁ ଡିଷ୍ଟ୍ରିକ୍ଟ ବୋର୍ଡର ଜଣେ ମେମ୍ବର ହୋଇ ସାଧାରଣ ହିତକାର୍ଯ୍ୟରେ ନିଯୁକ୍ତ ଥିଲେ । ଓ ଦୁଃଖିଙ୍କ ପ୍ରତି ଏହାଙ୍କର ଖୁବ ଦୟା ଥିଲା ଏହିସବୁ ଗୁଣ ସମସ୍ତ ଗଞ୍ଜାମବାସୀମାନେ ତାହାଙ୍କ ନିମିତ୍ତ ବଡ଼ ଗର୍ବ କରୁଅଛନ୍ତି ।

ଆୟର୍ଲଣ୍ଡର ଅବସ୍ଥା ଭଲ ନୁହେଁ । ସେଠା ଲୋକେ ଯେଉଁ ସାହସ ଅବଲମ୍ବନ କରି କାର୍ଯ୍ୟ କରୁଅଛନ୍ତି ଗବର୍ଣ୍ଣମେଣ୍ଟ ଅଳପରେ ସେମାନଙ୍କୁ ଜବବ କରି ପାରିବେ ନାହିଁ । ଓବ୍ରାଏନ ସାହେବ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ସନ୍ତ୍ର ଧରି ଦଣ୍ଡାୟମାନ ହୋଇଥିବାରୁ ତାଙ୍କଜାମରେ ଫୌଜଦାରୀ ସମନ ବାହାରିଥିଲା । ସେ ଦାଜିର ହେଲେ ନାହିଁ । ତହିଁ ଉଆରଣ୍ଟ ବାହାରିଲା । ଯେଉଁ କର୍ମଚାରୀମାନେ ଉଆରଣ୍ଟ ନେଇଗଲେ ତାଙ୍କୁ ବାଧା ଦେବା ସକାଶେ ଲୋକେ ଗୋଡ଼ାଇ ଗଲେ । ତହିଁ ପୁଲିସ ସେ କର୍ମଚାରୀଙ୍କ ରକ୍ଷା ନିମିତ୍ତ ବାହାରନ୍ତେ ଲୋକେ ତାଙ୍କୁ ଉତ୍ତମ ମଧ୍ୟମ ପ୍ରଦାନ କଲେ । ପୁଲିସ ମଧ୍ୟ ଅବିରତରେ ଗୁଳି ଚଳାଇଲେ ଯେ ତହିଁରେ ଜଣେ ଲୋକ ହତ ଓ ଅନେକେ ଆହତ ହୋଇଗଲେ ତହିଁ କର୍ତ୍ତୃପକ୍ଷମାନେ ପୁଲିସକୁ ବାହୁଡ଼ାଇ ଲେଲେ । ସେଠା ଲେମ୍ବାର୍ଡ ପ୍ରଦେଶରେ ମଧ୍ୟ ପୁଲିସ ଆଉ ଲୋକଙ୍କ ମଧ୍ୟରେ ଏହିପରି ଦ୍ୱନ୍ଦ୍ୱ ହୋଇ ଯାଇଅଛି । ତହିଁରେ ଜଣେ ଇନସ୍ପେକ୍ଟର ହତ ଏବଂ ଅନେକେ ଆହତ ହୋଇଅଛନ୍ତି ।

ଆମ୍ଭମାନଙ୍କ ନୂତନ ବିଶ୍ୱର ଓରସଙ୍କ ସାହେବଙ୍କ ଦୟା ସ୍ୱଭାବ ଏବଂ ସଦ୍ବ୍ୟବହାରରେ ଏଠାଲୋକଙ୍କର ଅତ୍ୟନ୍ତ ବିଚାର ଭଜନ ହୋଇଅଛନ୍ତି ଏବଂ ସମସ୍ତେ ଏକବାକ୍ୟରେ ତାହାଙ୍କର ପ୍ରଶଂସା କରୁଅଛନ୍ତି । ଦାନାପ୍ରତି ଏହାଙ୍କର ବିଶେଷ ଦୃଷ୍ଟି । ଖୋରଧାର କେତେଜଣ ସରକାରୀ ଏବଂ ପୁଣି ଓ କଟକର କେତେଜଣ ଅମଲା ଅଜ୍ଞାତ ବା ସାମାନ୍ୟ ଦୋଷରେ କରଖାସ୍ତ ହୋଇଥିଲେ ସାହେବ ପ୍ରତିଦ୍ୱନ୍ଦ୍ୱିଙ୍କଠାରେ ଅପିଲ କରି ଅପଣାଙ୍କ କର୍ମରେ ବାହାଲ ହୋଇଅଛନ୍ତି । ସରକାରୀ ଅମଲପ୍ରଭୃତି କର୍ମଚାରୀଙ୍କ କରଖାସ୍ତ ବିଷୟରେ ଇଂରାଜଣ୍ଡସ୍ଥ ଦୋଷୀମାନଙ୍କ ଅମଲଠାରୁ ଏପର୍ଯ୍ୟନ୍ତ ସମୟ୍ୟରେ ତାହାର ଅଳ୍ପମାତ୍ର ବାହାର ଥିଲେ ହେଁ ଅନେକ ଦାମେ ଭିନ୍ନପ୍ରତି ଅସ୍ତ୍ର ନ କରି ଜଳାଦୋଷ ବା ସାମାନ୍ୟଦୋଷରେ ଅମଲାମାନଙ୍କୁ ମାଳୁ କରିବାର ଦେଖାଯାଏ ଓ ଅପିଲରେ ପ୍ରାୟ ଫଳ ହୁଅଇ ନାହିଁ । ଓ ରସଲ ସାହେବ ଉକ୍ତ ଅଞ୍ଚଳର ପ୍ରକୃତ ଗୌରବ ରକ୍ଷାକରି ଦୟା ଓ ସୁବିଚାରର ଯଥାର୍ଥ ପରିଚୟ ଦେଉଅଛନ୍ତି । ଏ ମହାଶୟ ଯେଉଁ ଜିଲ୍ଲାର କମିଶ୍ନର ହେବେ ସେଠାର ଲୋକ ବୋଲିବାକୁ ହେବ ।

ଏଠା ଓଡ଼ିଷ୍ଟାଂଚରଜନ ବିରୁ ଚତୁର୍ଦ୍ଦଳ ପଟ୍ଟଳାୟକ ରମ୍ସ ସାହେବଙ୍କ ସାକ୍ଷାତ୍ କରିବାର ତାଙ୍କ କୋଠିଠାରୁ ଯାଇ ବଧିମତେ ଷ୍ଟେଟ ଷ୍ଟେଟ ଠାଇ ଦେଲେ ମାତ୍ର ସାହେବ ପ୍ରସଂସିତ ତାହାଙ୍କୁ ଦେଖା ନ ଦେଇ ଉକ୍ତ ଷ୍ଟେଟରେ ଆମ୍ଭେ ଚୌଶସି ଗ୍ରାମବାସିଙ୍କି ଦେଖା ଦେବାକୁ ସ୍ପଷ୍ଟ ପାଉଁ ନା ବେଲ ଲଂବଣୀରେ ଲେଖି ଫେରାଇ ଦେଲେ । ସାହେବଙ୍କ ପ୍ରତି ଯାହା ଘଟିଅଛି ତାହା ତାଙ୍କୁ ଯେ ଅତ୍ୟନ୍ତ ବାଜିଅଛି ଏଥିରେ ସନ୍ଦେହ ନାହିଁ । ମାତ୍ର ଏଥିପାଇଁ ଗ୍ରାମବାସିଙ୍କଠାରେ ଅଭିମାନ କରିବାଟା କି ଭଲ ହେଲା ? ଗ୍ରାମବାସିଙ୍କ କାର୍ଯ୍ୟ ସକାଶେ ସେମାନଙ୍କ ଦେଶକୁ ଆସି ସେମାନଙ୍କ ପ୍ରବୃତ୍ତି କରିବାକୁ ଅନେକକାଳ ପ୍ରତିପାଳନ କେଲେ ନିଅଣ୍ଟ କେଲେ ସେହି ଗ୍ରାମବାସିମାନେ ଋଣ ଦେବାଦ୍ୱାରା ଉପକାର କଲେ । ଅବଶ୍ୟ ସାହେବ ଗ୍ରାମବାସିଙ୍କ ଦେଉ ଦାନା ପାଉଅଛନ୍ତି । ଏମନ୍ତ ସ୍ଥଳେ ଗ୍ରାମବାସିଙ୍କର କି ଦୋଷ ହେଲା ? ଆଉ ଯେବେ ଗ୍ରାମବାସିମାନେ ତାହାଙ୍କର ନିତାନ୍ତ ଅପ୍ରୀତି ହେଲେ ତେବେ ସେମାନଙ୍କ ମଧ୍ୟରେ ଯତ ରହିବାରେ ଶୋଭା ପାଉ ନାହିଁ । ସାହେବ ଶୀଘ୍ର ବଦଳି ଯାଆ କରନ୍ତୁ ।

ଚଣ୍ଡାଦଣ୍ଡରୁ ଏକବ୍ୟକ୍ତି ଲେଖିଅଛନ୍ତି ବାରଜଙ୍ଗ ଗ୍ରାମର ପ୍ରଧାନ ଜମିଦାରମାନେ ଦୁଇ ସହୋଦର ଅଟନ୍ତି । ବଳିଷ୍ଠ ଗ୍ରାମ ସମସ୍ତ ପୈତୃକ ସମ୍ପତ୍ତିରେ ଅଧିକାର କରି ଜ୍ୟେଷ୍ଠ ଗ୍ରାମକ ବାହାର କରିଦେବାରୁ ସେ ବାରିଦ୍ୱାର ବୁଲୁଅଛନ୍ତି ଏବଂ ପୁଣିରେ ଏ ବିଷୟର ମାମଲା ଚଳୁଅଛି ଯେ ହିଁରେ ଦୁଇଟି ଯଷ୍ଟିରୁ ହଜାର ଟଙ୍କାର ଶ୍ରାଦ୍ଧ ହେଉଅଛି । ଯତ୍ନପ୍ରେଳନ ଏ ଘଟଣାରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଅଛନ୍ତି ।

ବାସ୍ତବରେ ଦୁଃଖର କଥା ଅଟେ । ମଧ୍ୟ ଲୋଭ ସବୁ ଅନର୍ଥର ମୂଳ । ପୁଣି ଅନ୍ତର ଦୁଃଖର ବିଷୟ ଯେ ଏବା ଗ୍ରାମବାଦ ହେତୁ ଓଡ଼ିଶାର ବଡ଼ ଘରମାନ ଉଚ୍ଛନ୍ନ ହେବାର ସବିଶେଷ ଦେଖା ଯାଉଅଛି ତଥାପି ଲୋକଙ୍କର ଜ୍ଞାନ ଜନ୍ମୁ ନାହିଁ । ବଙ୍ଗଳାରେ ମାଦକ ଦ୍ରବ୍ୟର ଅପରିମିତ ବ୍ୟବହାର ବେଶ୍ୟାଶକ୍ତି ପ୍ରଭୃତି ମନ୍ଦ କାର୍ଯ୍ୟରେ ବଡ଼ ଘରମାନ ବହିଯିବାର ଦେଖା ଯାଇଅଛି ମାତ୍ର ଓଡ଼ିଶାରେ କେବଳ ଗ୍ରାମବାଦ । ଅପଣା ଗ୍ରାମର ତାହାର ନ୍ୟାୟ୍ୟାଂଶରୁ ବଞ୍ଚିତ କରିବା ଉଦ୍ଦେଶରେ ମାମଲା କରି ଓଡ଼ିଆ ମୁକ୍ତାର ଓ ଅପର ବ୍ୟକ୍ତିଙ୍କ ପରିବାରେ ସମସ୍ତ ଧନ ଲୁଟାଇ ଦେଉଅଛନ୍ତି ତଥାପି ଅପଣା ଗ୍ରାମର ତାହାର ଅଂଶ ଦେବାକୁ ସମ୍ମତ ହେଉ ନାହାନ୍ତି । ଏ ଦୁର୍ବୁଦ୍ଧି ଏ ଦେଶରୁ ଛାଡ଼ି ନ ଗଲେ ରକ୍ଷା ନାହିଁ । ଆମ୍ଭେମାନେ ଅନୁମାନ କରୁଁ ସୁଶିକ୍ଷାର ଅଭାବ ଏଥିର କାରଣ ଅଟେ । ବଡ଼ଲୋକମାନେ ଅପଣା ସନ୍ତାନମାନଙ୍କୁ ଜ୍ଞାନ ଓ ନୀତି ଶିକ୍ଷା ଦେବାକୁ ଯଥୋଚିତ ଯତ୍ନବାନ୍ ନ ହେଲେ ସେମାନଙ୍କ ଦ୍ୱାରା ରକ୍ଷାର ଅନ୍ୟ ଉପାୟ ନାହିଁ ।

ଗୁଣ୍ଡବାଲିଠାରେ ଯାତ୍ରୀଙ୍କ ସୁବିଧା ନିମିତ୍ତ ବାଲେଶ୍ୱରର ମାଜିଷ୍ଟ୍ରେଟ ଜୟୁକ୍ତ ଟ୍ୟୁଟସାହେବଙ୍କୁ ମନୋଯୋଗୀ ହେବାର ଦେଖି ଉତ୍କଳସ୍ଥାନର ଆଉ ଗେଟିଏ ଗୁରୁତର ଅଭାବ ତାହାଙ୍କୁ ଜଣାଇ ଦେଇ ତହିଁର ପ୍ରତିକାର ନିମିତ୍ତ ଅନୁରୋଧ କରୁଅଛୁ । ଗୁଣ୍ଡବାଲିଠାରେ ସ୍ନାନ କରିବାର ଭଲ ଉପାୟ ନାହିଁ । ଲୁଣାଜଳ ଏବଂ ଜୁମ୍ବିର ଉପରେ ଅଧିକାଂଶଲୋକ ମଧ୍ୟରେ ସ୍ନାନକରନ୍ତି ନାହିଁ ଏବଂ କୂପଜଳ ବାଡ଼ି ସ୍ନାନକରିବା ଅତ୍ୟନ୍ତ ବା ସ୍ୱାସ୍ଥ୍ୟପକ୍ଷରେ ଆଦୌ ଉପକାରଜନକ ନୁହେଁ । ଗୋଟିଏ ଅଭିପ୍ରାୟ ପୁରୁଣା ପୁଷ୍କରିଣୀ ସେଠାରେ ଅଛି । ଯାତ୍ରୀମାନେ ସେହିଠାରେ ସ୍ନାନ କରିବାର ଦେଖାଯାଏ । ଏ ପୁଷ୍କରିଣୀ ବଳ ଓ ଜଳିଫୁଲରେ ପୂର୍ଣ୍ଣ ଗ୍ରୀଷ୍ମଦିନ ଗୋଡ଼ାପଡ଼ି ଯାଇଅଛି ଏବଂ ଭରରେ ବନ୍ଦ ହୋଇଥିବାରୁ ଅଦ୍ୟାପି ପାଣି ପର୍ଯ୍ୟନ୍ତ ପଶି ସ୍ନାନ କରିବାର ସୁବିଧା ନାହିଁ । ଏହି ପୁଷ୍କରିଣୀକୁ ଖୋଳାଇ ଦେଲେ ଗୋଟିଏ ସ୍ନାନର ବଡ଼ ପୁଷ୍କରିଣୀ ହେବ ଓ ତହିଁର ଜଳ ଯେମନ୍ତ ପାତଳ ଏବଂ ଭଲ ଯେମନ୍ତ କାରିବର

Digitized by srujanika@gmail.com

Split by PDF Splitter

ରହିବେ ସ୍ଥାନ କରିବା ସର୍ବାଂଶରେ ସୁଖକର ଏବଂ ଦେହକୁ ହିତକର ହେବ ସନ୍ଦେହ ନାହିଁ । ଆମ୍ଭେମାନେ ମାଲେଶ୍ୱରର ମାଜିଷ୍ଟ୍ରେଟ ଏବଂ ଡିଷ୍ଟ୍ରିକ୍ଟ ବୋର୍ଡକୁ ଏହି ପୁଷ୍କରିଣୀର ସଫାଇ-ନିମନ୍ତେ ଦୃଢ଼ରୂପେ ଅନୁରୋଧ କରୁଅଛୁଁ । ଚୌଣସିସ୍ଥାନରେ ଚିକିତ୍ସାର ବନ୍ଦୋବସ୍ତ ଅପେକ୍ଷା ସେ ସ୍ଥାନକୁ ସ୍ୱାସ୍ଥ୍ୟକର କରିବା ଅଧିକ ପ୍ରୟୋଜନୀୟ । ସେଠା ଚିକିତ୍ସାଳୟ-ନିମନ୍ତେ ଯେଉଁ ଟଙ୍କା ଉଠିଅଛି ତହିଁର କିୟଦଂଶ ଏହି ପୁଷ୍କରିଣୀରେ ବ୍ୟୟକରି ଏହାକୁ ଭଲକରି ଖୋଳାଇ ଦେଲେ ଅଯଥା ବ୍ୟୟ ନ ହୋଇ ବରଂ ଅଧିକତର ଉପକାର ହେବ ।

ଅଯୋଧ୍ୟାର ମହାମାନ୍ୟ ମୃତ ରାଜା ଉଅଜଦ ଅଲି ସାହାଙ୍କ ସମ୍ପତ୍ତି ସମ୍ପର୍କରେ ଯେଉଁ ଆଇନ ଜାରି ହୋଇଅଛି ତାହା ସନ ୧୮୮୭ ସାଲର ଆକ୍ଟ ୧୯ ଭାବେ ପ୍ରଚାରିତ ହୋଇଅଛି । ଉକ୍ତ ଆଇନର ମର୍ମ ଏହି କି ଉକ୍ତ ସମ୍ପତ୍ତିଉପରେ ଗବର୍ଣ୍ଣର ଜେନରଲଙ୍କର ସମ୍ପୂର୍ଣ୍ଣ ଅଧିକାର ହେବ ଏବଂ ସେହି ସମ୍ପର୍କରେ ଯେ କିଛି ବ୍ୟବସ୍ଥା କରିବେ ଚୌଣସି ଅଦାଲତରେ ତହିଁର ପ୍ରତିବାଦ ହୋଇ ପାରିବ ନାହିଁ ଏବଂ ମୃତ ରାଜା କିଛି ଉଇଲ ଲେଖାଦି କରିଥିଲେ ଏବଂ ତଦନୁସାରେ ଚୌଣସି ଅଦାଲତରେ କିଛି ନାଲିଶ ବା କାର୍ଯ୍ୟ ହୋଇଥିଲେ ସୁଦ୍ଧା ସେସମସ୍ତ ରହିତ ହେବ । ଶ୍ରୀମତୀ ଭାରତେଶ୍ୱରୀଙ୍କ ସାମାନ୍ୟ ପ୍ରଜା ଅପଣା ସମ୍ପତ୍ତିର ବ୍ୟବସ୍ଥା କରିବାର ଅଧିକାରୀ ଥିବାସ୍ଥଳେ ଜଣେ ରାଜାକୁ ତହିଁରୁ ବଞ୍ଚିତ କରିବା ଶୁଣିବାକୁ କଠିନ ବୋଧ ହେଉଅଛି ମାତ୍ର ଗବର୍ଣ୍ଣମେଣ୍ଟ ତହିଁର ଏହି ହେତୁ ଦର୍ଶାଇଅଛନ୍ତି କି ଏଥିସଙ୍ଗେ ରାଜକୀୟ ବଂଶର ସମ୍ପର୍କ ରଖେ ଏବଂ ସନ-୧୮୪୮ ସାଲରେ ସ୍ୱରତର ରାଜାଙ୍କ ସମ୍ପତ୍ତି ସମ୍ପର୍କରେ ଏହିପରି ବ୍ୟବସ୍ଥା ହୋଇଥିବାର ନଜିର ଦେଖାଇଅଛନ୍ତି । ଆମ୍ଭମାନଙ୍କ ଦୃଢ଼ ବିଶ୍ୱାସ ଯେ ମହାମାନ୍ୟ ଲର୍ଡ ଉଙ୍ଗରନ ବାହାଦୁର ମୃତ ରାଜାଙ୍କ ପ୍ରତି ଅନ୍ୟାୟ ବ୍ୟବହାର କରିବେ ନାହିଁ କିନ୍ତୁ ତାହାଙ୍କର ଏପରି ଅବକାଶ ନାହିଁ ଯେ ସ୍ୱୟଂ ମାଟିସ୍ୱାରୁଜରେ ବସି ସମସ୍ତ ବିଷୟର ବ୍ୟବସ୍ଥା କରିବେ । ଅର୍ଥାତ କର୍ମଚାରୀଙ୍କ ଦ୍ୱାରେ ତାହାଙ୍କୁ ଚଳିବାକୁ ହେବ । ଏଥିରେ ଯେବେ ଚୌଣସି ବ୍ୟକ୍ତିର ସ୍ୱତ୍ୱ ପ୍ରତି ବାଧା ଘଟିବ ତେବେ ତାହାର ଅନ୍ୟ ଉପାୟ ନାହିଁ । ଅଦାଲତରେ ମୋକଦ୍ଦମା କରିବାର ଅଧିକାର ଥିଲେ ସେ ଥରେ ଅପଣା କପାଳ ଚିତ ନିଅନ୍ତା । ଅଇନ-ଦ୍ୱାରା ତାହାକୁ ପ୍ରତିକାରରୁ ବଞ୍ଚିତ କରିବା ଠିକ ହେଲା ? କିଥିତ ହୁଅଇ ଯେ ରାଜାଙ୍କର ମୃତ୍ୟୁର କିଛିଦିନ ପୂର୍ବେ ତାହାଙ୍କ ପୀଡ଼ିତାବସ୍ଥା-ରେ ତାହାଙ୍କର ଶିଲମୋହର ଚୋରି ଯାଇଥିଲା ଏବଂ ତଦ୍ୱାରା ଜାଲ ଦସ୍ତାବିଜ ସୃଜିତ ହୋଇ-ଥିବା ସମ୍ଭବ । ମାତ୍ର ଜାଲ ଧରିବାର ଯଥେଷ୍ଟ ଉପାୟ ଅଦାଲତରେ ଅଛି । ଜାଲ ହୋଇ-ଥାଇ ପାରେ । ଏପରି ସନ୍ଦେହରେ ସମସ୍ତ ଦସ୍ତାବିଜ ରଦ କରିବା ନ୍ୟାୟସଙ୍ଗତ ବୋଧ ହେଉ ନାହିଁ ।

ସିଦ୍ଧାନ୍ତଦର୍ପଣ ।

ବର୍ତ୍ତମାନ ରାଜଧାନୀରେ ସନ୍ଧିପୂଜା ଠିକ ସମୟରେ ହେବାର ବଡ କଟକଣା ଅଛି । ଏବର୍ଷ ଉକ୍ତ ପୂଜାର କାଳ ନିର୍ଣ୍ଣୟ କରିବାରେ ମତ ଭେଦ ହେବାରୁ ପଣ୍ଡିତମାନଙ୍କର ଏକ ସଭା ହୋଇଥିଲା । କେତେକ ଲୋକଙ୍କ ବିଚାରରେ କାଶୀ ଓ ଓଡ଼ିଶାର ଗଣନା ଠିକ ହେ-ଲେହେଁ ଅଧିକାଂଶ ପଣ୍ଡିତଙ୍କ ମତରେ ଧାର୍ଯ୍ୟ ହେଲା କି ଯେପର୍ଯ୍ୟନ୍ତ ବଙ୍ଗଳା—ପଞ୍ଜିମାନ ସଂଶୋଧିତ ହୋଇ ନାହିଁ ସେପର୍ଯ୍ୟନ୍ତ ତଦନୁ-ସାରେ କାର୍ଯ୍ୟ କରିବାକୁ ହେବ ଏବଂ ପଞ୍ଜିର ସଂଶୋଧନ ବିଷୟରେ ଶୀଘ୍ର ମନୋଯୋଗୀ ହେବାକୁ ହେବ । କାଶୀର ପଣ୍ଡିତବର ବାପୁ-ଦେବଶାସ୍ତ୍ରୀ ଶୁଦ୍ଧିପତ୍ରିକା ପ୍ରକାଶ କରୁଥିଲେ ଯେଉଁ ମତାନୁସାରେ ଗଣନା ସେ କରୁଅଛନ୍ତି ତାହା ପ୍ରକାଶିତ ହୋଇ ନାହିଁ ସ୍ୱତନ୍ତ୍ର ଲିଖିତ ସିଦ୍ଧାନ୍ତ ପ୍ରକାଶହୋଇ ନ ଥିବା ସ୍ଥଳେ ତାହାଙ୍କ ଗଣନା ଉପରେ ନିର୍ଭର କରାଯାଇ ନ ପାରେ । ଉତ୍କଳରେ ସିଦ୍ଧାନ୍ତଦର୍ପଣ ନାମରେ ଗ୍ରନ୍ଥ ରଚିତ ହୋଇଅଛି ଏବଂ ତଦନୁସାରେ ଗଣନା କରିବାରେ ଶୁଦ୍ଧକାଳ ପ୍ରାପ୍ତ ହେଉଅଛି । ଅତଏବ ଉକ୍ତ ମତ ପ୍ରହଣ କରିବାର ଉଚିତ । ଜ୍ୟୋତିଷଗଣନାରେ ଓଡ଼ିଶାର ଏପରି ସୁଖ୍ୟାତି ହେବା ବଡ ଆନନ୍ଦର ବିଷୟ ହେଲେହେଁ ଅଦ୍ୟାବଧି ଉକ୍ତ ଗ୍ରନ୍ଥ ଛପା ନ ହେବା ଅତ୍ୟନ୍ତ ଦୁଃଖର ବିଷୟ ଅଟେ । ଆମ୍ଭେମାନେ ଅବଗତ ଅଛୁଁ ଯେ ଗ୍ରନ୍ଥକାର ଶ୍ରୀ ଚନ୍ଦ୍ରଶେଖର ସାମନ୍ତ ତାହାଙ୍କ ରଚିତ ସିଦ୍ଧାନ୍ତଦର୍ପଣକୁ ଛପା କରାଇ-ବା କାରଣ ଅନେକ ଦିନରୁ ଚେଷ୍ଟିତ ଅଛନ୍ତି ମାତ୍ର ତାହାଙ୍କର ସେପରି ସଙ୍ଗତି ନ ଥିବାରୁ ତାହା ହୋଇପାରୁ ନାହିଁ ଓଡ଼ିଆ ଅକ୍ଷରରେ ଛପା ହେବାର ଥିଲେ ଅନେକ ଦିନରୁ ହୋଇ-ଥାନ୍ତା । ସେଥିରେ ଅଶାନୁରୂପ ଫଳ ହେବ ନାହିଁ ବେଦଳାଗରି ଅକ୍ଷରରେ ଛପାହେଲେ ଭାରତବର୍ଷର ସକଳ ପ୍ରଦେଶର ପଣ୍ଡିତମାନେ ପରିଚାରକେ ଏବଂ ତଦ୍ୱାରା ଯଥୋଚିତ ରୂପେ ପ୍ରଚାରିତ ହେବ । ଆମ୍ଭେମାନେ ଓଡ଼ିଶାର ରାଜା ଜମିଦାର ଓ ଧନୀମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଏ ଗ୍ରନ୍ଥ ଛପା କରାଇବା ବିଷୟ-ରେ ସେମାନଙ୍କ ମଧ୍ୟରୁ କେହି ଅଗ୍ରସର ହୋଇ ଅପଣାର ଯଶ ଏବଂ ସ୍ୱଦେଶର ଗୌରବ ପ୍ରକାଶ କରନ୍ତୁ । ଧର୍ମ ଓ ସୁଖ୍ୟାତି ଅର୍ଜିବାର ଏମନ୍ତ ସୁଯୋଗ ସର୍ବଦା ମିଳିବ ନାହିଁ ତାଳ-ଚେର ଓ ବାମଣ୍ଡାର ରାଜାମାନେ ଧର୍ମପୁସ୍ତକ-ମାନ ପ୍ରକାଶ ଓ ବିନା ମୂଲ୍ୟରେ ବିତରଣଦ୍ୱାରା ଓଡ଼ିଶାବାସିଙ୍କର ବିଶେଷ ଉପକାରର ଭାଜନ ହୋଇ ଅଛନ୍ତି କିନ୍ତୁ ଏଗ୍ରନ୍ଥ ଯେ ପ୍ରକାଶ କରିବ ସେ ସମସ୍ତ ଭାରତବର୍ଷର ଉପକାର କରିବ ଯେବେ ଚୌଣସି ଧନାଢ୍ୟ ବ୍ୟକ୍ତି ପ୍ରସ୍ତାବ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ ତେବେ ପତ୍ରଦ୍ୱାରା ଅପଣାର ଅଭିପ୍ରାୟ ଜଣା-ଇଲେ ଆମ୍ଭେମାନେ ସାଧ୍ୟାନୁସାରେ ଉଚିତ ମୂଲ୍ୟରେ ଛପାକରାଇ ଅଣିବା ପକ୍ଷରେ ସାହା-ଯ୍ୟ କରିବୁଁ ।

ମିଉନିସିପଲ କମିଶ୍ନର ନିର୍ବାଚନ ।

ପ୍ରଚଳିତ ମିଉନିସିପଲ ଆଇନରେ ବିଧାନ ଅଛି ଯେ ପ୍ରତି ତିନି ବର୍ଷରେ ଥରେ ଲେଖାଏ କମିଶ୍ନରମାନଙ୍କର ସାଧାରଣ ନିର୍ବାଚନ ହେବ । ବର୍ତ୍ତମାନ ଯେଉଁମାନେ କମିଶ୍ନର ଅଛନ୍ତି ସେମାନେ ସନ ୧୮୮୫ ସାଲ ଅପ୍ରେଲ ମାସ-ଠାରୁ କାର୍ଯ୍ୟ କରୁଥିବାରୁ ଆଗାମି ମାର୍ଚ୍ଚମାସ ଶେଷରେ ସେମାନଙ୍କର ସମୟ ପୂର୍ଣ୍ଣ ହେବ ଏବଂ ଅପ୍ରେଲ ମାସଠାରୁ ନୂତନ କମିଶ୍ନର-ମାନେ କାର୍ଯ୍ୟ କରିବେ । ଉକ୍ତ ସମୟ ପୂର୍ବରୁ ସେମାନେ ନିର୍ବାଚିତ ହେବାର ଅବଶ୍ୟକ । ଅତଏବ ସନ ୧୮୮୫ ସାଲ ଜାନୁଆରି ମାସରେ ଏ ନଗରରେ ଯେମନ୍ତ ଥରେ ସାଧାରଣ ନିର୍ବାଚନ ହୋଇଥିଲା ଆଜି ଥରେ ସେହିପରି ନିର୍ବାଚନ ହେବାର ସମୟ ନିକଟ ହୋଇ ଆସିଲା । ଏଥିମଧ୍ୟରେ ପ୍ରେସିଡ଼େନସି ବିଭାଗର ନିର୍ବାଚନର ସମୟ ସ୍ଥିର ହୋଇ କଲିକତା

Digitized by srujanika@gmail.com

Split by PDF Splitter

ଗେଜେଟରେ ବିଜ୍ଞାପନ ବାହାରିଅଛି ଏବଂ ଏ ପ୍ରଦେଶର ମିଉନିସିପାଲିଟୀମାନଙ୍କର କମିଶ୍ନର ନିର୍ବାଚନ ସମୟରେ ଶୀଘ୍ର ବିଜ୍ଞାପନ ବାହାରିବ ସନ୍ଦେହ ନାହିଁ । ଆମ୍ଭେମାନେ ପୂର୍ବରୁ ନଗରବାସିଙ୍କ ଜ୍ଞାତ ସାରିବେ ଏ କଥା ଅଟେ ବୋଲି ଉଦ୍ଦେଶ୍ୟ ଏହି ବି ପୂର୍ବନିର୍ବାଚିତ କମିଶ୍ନରମାନଙ୍କୁ ସେମାନେ ଯେଉଁ ଆଶାରେ ବାଛି ନେଇଥିଲେ ତାହା ସଫଳ ହୋଇଅଛି ବି ନାହିଁ ଏବଂ ଭବିଷ୍ୟତରେ ଆଉ କେଉଁମାନଙ୍କୁ କମିଶ୍ନର କଲେ ମିଉନିସିପାଲିଟୀର କାର୍ଯ୍ୟ ଅଧିକତର ସନ୍ତୋଷଜନକରୂପେ ଚାଲିବ ଏ ସବୁ ବିଷୟ ବର୍ତ୍ତମାନ ସମୟରୁ ସ୍ଥିରଭାବରେ ବିଚାର କରିବେ । ମିଉନିସିପାଲ ଆଇନର ଅର୍ଥମତେ କମିଶ୍ନରମାନେ ନଗରବାସିଙ୍କର ପ୍ରତିନିଧି ଅଟନ୍ତି । ସେମାନେ ଯେଉଁ କାର୍ଯ୍ୟ କରୁଅଛନ୍ତି ତାହା ନଗରବାସିଙ୍କର କାର୍ଯ୍ୟତୁଲ୍ୟ ଜ୍ଞାନ ହେଉଅଛି ନଗରବାସିମାନେ ଉପଯୁକ୍ତ ଲୋକ ପସନ୍ଦ କରିଦେଲେ ସେମାନଙ୍କର କାର୍ଯ୍ୟ ଭଲ ହେବ ଓ ତାହା ନ କଲେ ତାହାଙ୍କର କାର୍ଯ୍ୟ ବିପରୀତ ସ୍ୱତନ୍ତ୍ର ତହିଁ ନିମିତ୍ତ ଅପଶଙ୍କୁ ଗ୍ରସ୍ତ ଅନ୍ୟ କାହାରିବ ଦୋଷ ଦେଇ ନ ପାରନ୍ତି । ପୂର୍ବେ ଏ ମିଉନିସିପାଲିଟୀର କାର୍ଯ୍ୟ ବିଷୟ ଖୁବ ଅସ୍ୱଚ୍ଛଳ ଗତି ଉତ୍କର୍ଷରେ ଅସ୍ପଷ୍ଟ ସ୍ୱଚ୍ଛଳ ପ୍ରଣାଳୀ ଦ୍ୱାରା ଚାଲିଅଛି ଏଣିବ ଅର୍ଥାତ୍ ବେଉଁ ବିଷୟରେ ଲୋକଙ୍କର ଅଧିକ ସୁବିଧା ଓ ସୁଖ ହୋଇଅଛି ଏବଂ ଏଣିବ ଉପରି ଯୋଗ୍ୟଲୋକଙ୍କ କମିଶ୍ନର କଲେ ମିଉନିସିପାଲ ଆଇନର ଉଦ୍ଦେଶ୍ୟ ଅଧିକ ପରିମାଣରେ ସାଧିତ ହେବ ଏ ନଗରର ପ୍ରତ୍ୟେକ ବିଭାଗର ଲୋକଙ୍କର ଚିନ୍ତା କରିବାର ସମୟ ଉପସ୍ଥିତ ହୋଇଅଛି । ଅତଏବ ଆମ୍ଭେମାନେ ଅନୁରୋଧ କରୁଁ ଯେ ପ୍ରତ୍ୟେକ ବିଭାଗ ବା ଉଅଡ଼ର କରଦାତାମାନେ ବି ଯେଉଁମାନଙ୍କ ଅଇନାନୁସାର କମିଶ୍ନର ନିର୍ବାଚନ କରିବାର ଅଧିକାରୀ ଅଟନ୍ତି ଆପଣାମାନଙ୍କରେ ବୈଠକ ଓ ବିଚାର କରି ଜୟଯୁକ୍ତ ଲୋକଙ୍କୁ ଆପଣାମାନ ପ୍ରତିନିଧି କମିଶ୍ନର ସ୍ୱରୂପ ନିଯୁକ୍ତ କରିବାକୁ ପ୍ରସ୍ତୁତ ହେଉନ୍ତୁ । ଗଭର୍ଣ୍ଣମେଣ୍ଟ ଏ ବିଷୟରେ ଲୋକଙ୍କୁ ଗୋଟିଏ ସ୍ୱାଧିନତା ଓ ବିଚାରମୟ ଅଧିକାର ସୁବିଧାର ପୂର୍ବକ ପ୍ରଦାନ କରିଅଛନ୍ତି ତହିଁର ଯଥାଯୋଗ୍ୟ ବ୍ୟବହାର ନ କଲେ ଆମ୍ଭମାନଙ୍କର କାଳି ହେବ ଆଉ କାହାର ହାତ ସିଜ ନାହିଁ । ଅତଏବ ନଗରବାସିଙ୍କର ଶୀଘ୍ର ଏ ବିଷୟରେ ମନୋଯୋଗୀ ହେବାର ଉଚିତ । ଯେଉଁମାନେ ବର୍ତ୍ତମାନ କମିଶ୍ନର ଅଛନ୍ତି ନିର୍ବାଚନ କାଳରେ ଯେମାନେ ଚେଷ୍ଟା କଲେ ପୁନର୍ବାର ସେମାନଙ୍କୁ ମନୋନୀତ କରିପାରନ୍ତି । ପ୍ରତିପକ୍ଷ ନୂତନ ଲୋକ ଖୋଜିବାକୁ ହେବ ଅଇନର ମର୍ମ ଏପରି ନୂତନ କେବଳ ଯୋଗ୍ୟଲୋକଙ୍କ ବାଛିଲେ କମିଶ୍ନର ନିଯୁକ୍ତ କରିବାର ଅବଶ୍ୟକ । ଆମ୍ଭମାନଙ୍କ ପ୍ରଣାଳୀ ଜାଣି ହେବାରୁ ବି ଫଳ ହୋଇଅଛି ସେ ବିଷୟରେ ଆମ୍ଭମାନଙ୍କ ମନ୍ତବ୍ୟ କ୍ରମଶଃ ପ୍ରକାଶ କରିବାର ଇଚ୍ଛା ରହିଲା ।

ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଅତି ସୁସ୍ଥଚିତ୍ତାରୁ ଗ୍ରସ୍ତ ହେବାରୁ ଶିକାର କଥା ଅଛି ।

ଏଠା କମିଶ୍ନର କଚେରିର ପେଷ୍କାର ବାବୁ ଜଗମୋହନ ଘୋଷ ଚେକାନାଳ ଏସିଷ୍ଟାଣ୍ଟ ବିଭାଗର ଅତିରିକ୍ତ ମେନେଜର ହୋଇଅଛନ୍ତି । ଶୀଘ୍ର ସେ ଠାକୁ ଯାତ୍ରା କରିବେ ।

ସମ୍ପତ୍ତି ଜେଲ୍ଲାପାଟ୍ଟାଣ୍ଡ ନାମକ ଯେଉଁ ବ୍ୟକ୍ତି ଏଠାରେ ବୈଦ୍ୟବ୍ୟବସାୟ କରୁଥିଲେ ସେ ଗାଉଁଠାରେ ବନ୍ଧାର ଚିକିତ୍ସା କରିବାର ସୁଯୋଗ ପାଇ ତାହାକୁ ଫୁସଲାଇ ଗଡ଼ ବାହାର କରି ନେଇ ବହୁମୂଲ୍ୟଅଙ୍ଗୁରୀ ଚୋରାଇ ସ୍ୱର୍ଣ୍ଣକାର ଅଟନ୍ତି ଏବଂ ଅପରାଧ ପ୍ରମାଣ ହେବାରୁ ଏକବର୍ଷ କାରାବାସ ଏବଂ ୫ ୨୦୯ ଟା ଅର୍ଥଦଣ୍ଡ ହୋଇଅଛି ।

ଅଳସୁନରୁ ଜଣେ ପଚାଶ୍ରେଣୀର ଛାତ୍ରଅଛନ୍ତି ସେଠାରେ ବର୍ଣ୍ଣ ବି ହେବାରୁ ବୁଲିବାର ଅସୁବିଧା ହୋଇଅଛି । ଏ ସମ୍ବନ୍ଧରେ କେବଳ ଜନ୍ମ ଗ୍ରାମ ହୋଇଥିବା ତହିଁରେ ଫସଲର ବନ୍ଧମାତ୍ର ଉପକାର ହୋଇ ନାହିଁ । ସ୍ୱେଚ୍ଛାପତ୍ର ଅବାମିରେ ପ୍ରକାଶିତ ହେବ ।

ଜଳସୁନାବାଦରୁ ପ୍ରକାଶ ଯେ ବାବୁ ଜଗଦ୍ଧନ ବାନୁର୍ଜ୍ୟା ଭଦ୍ରଲୋକ ବ୍ରାହ୍ମସମାଜର ପ୍ରଚାରକ ହୋଇ ଗଡ଼ଜାତକୁ ବ୍ରାହ୍ମଧର୍ମ ପ୍ରଚାର କରିବା ନିମନ୍ତେ ଯାଇଅଛନ୍ତି । ବର୍ତ୍ତମାନ ସେ ଦେଓଘାଟ, ଅନୁଗୋଳ, ଢାଙ୍କାନାଳ, ରାଜପୁରା, ବାମଣ୍ଡା ସମ୍ବଲପୁର, ପ୍ରଭୃତି ଭ୍ରମଣ କରି ଏଠାକୁ ଫେରି ଆସିବେ ।

ଅପୂର୍ବଶ୍ରୀ ଜାତୀୟସମିତି ଅର୍ଥେ ଅଧିକ ପୋଷଣ ବିଷୟ ବାରମ୍ବାରେହିଁ ଉଦ୍ଘାଟନ ନଗରର ମେସର ସୁରେନ୍ଦ୍ର ସାହେବ ଉକ୍ତ ସମିତିର କାର୍ଯ୍ୟବିବରଣୀ ପ୍ରକାଶ କରିବାକୁ ଚାହିଁ ନାମରେ ମେଜେଷ୍ଟରକୁ ସମନ ପାଠାଇବାର ସମ୍ବାଦ ମିଳିଲା ।

ଏଠା ପାଗ୍ରୀ ଡ୍ରିଫିଥ ସାହେବ ଶୀଘ୍ର ଶ୍ରୀଜାଗୁରକୁ ବଦଳି ହେବେ ଏବଂ ଉମ୍ବଲମ୍ବୁ ରେଜିଲର ସାହେବ ଏଠାକୁ ବଦଳି ହୋଇ ଆସିବାର ସମ୍ବାଦ ମିଳିଲା ।

ସ୍ଥାନୀୟ ନଗରବାସୀଙ୍କୁ ପଚାରି ଜଣେ ମାତ୍ର ସେ କେଉଁଠାରେ ଅଛନ୍ତି ଅଦ୍ୟାବଧି ସ୍ଥିର ହୋଇ ପାରିଲେ ନାହିଁ । ଜଣେ କହୁଛନ୍ତି ଜଣକରେ ଅନ୍ୟଜଣ କଲିକାତା, ଅନ୍ୟଜଣ ଖାଗ ଜଣକରେ ଏହି ଅନ୍ୟଜଣ ଫିରେଙ୍ଗ ଗିରା ବାଟରେ ଦେଖା ଯାଇଥିଲେ । କଥାଟା ସଠିକ ବୁଝାଯାଉ ନାହିଁ ।

ବୋମ୍ବାଇରେ ଗୁଜରାଟ ଏବଂ ଦିଗ୍ଭାଗ ମଧ୍ୟରେ ଗତ ଦସହରା ସମୟରେ ଲଢ଼େଇ ଉପସ୍ଥିତ ହୋଇଥିଲା । ସେ ବିଷୟରେ ତଦାରକ ଶେଷ ନୋଟିସ୍ ପୁଲିସ ସେମାନଙ୍କର ଗୋଟାମାନ ଉପସ୍ଥିତ ହୋଇଥିବାର ସମ୍ଭାବ ଅଛି ।

ଇଂଲଣ୍ଡରେ ଏପ୍ରକାର ବାରବ ଅଦ୍ଭୁତ ହୋଇଅଛି ସେ ଜହିଁରୁ ଧୂଳି ବାହାରେ ନାହିଁ । ବଡ଼ଜନ ହେତେ ଅଶ୍ଚର୍ଯ୍ୟ-ବାଗ ଦେଖାଇବ ।

ଭାରତବର୍ଷର ବୃଦ୍ଧିଭ୍ରମାନ ଅବଗତ ହେବା ନିମିତ୍ତ ଭୂମିସ୍ୱାମୀମାନେ ଅତ୍ୟନ୍ତ ଉତ୍ସୁକ ଥିବାର ଜଣାଯାଏ । ସେଠାର ଜୋନ୍ସ ଡ୍ରୋନ୍ସ୍ଟାମ୍ପ ସମ୍ବାଦପତ୍ର ଏଠା ସମ୍ବାଦ-ମାନ ଲେଖିବା ନିମିତ୍ତ ଜଣେ ଲୋକକୁ ନିଯୁକ୍ତ କରି ପଠାଇ-ଅଛନ୍ତି ଯେ ସେ କଲିକତା ବା ସିମଲାଠାରେ ଥାଇ ଏଠାର ଚାକିରିର ବିଷୟ ଲେଖି ପଠାଇବ ।

ଏଠା ଜଗନ୍ନାଥଯାତ୍ରୀପାଣ୍ଡିଙ୍କୁ ଅମ୍ଭମାନଙ୍କର ବଡ଼ଗଡ଼ ବାହାଦୁର ୫ ୧୦୦ ଟା ସାହାଯ୍ୟ ଦାନ କରି ଅପଣାର ସ୍ୱାଭାବିକ ପ୍ରକାଶ କରିଅଛନ୍ତି । ଆନନ୍ଦର ବିଷୟ ।

ସମ୍ବାଦ ଏରୂପ ଯେ ଗତ ସିପ୍ତେମ୍ବରମାସ ତା ୧୮ ତାରିଖରେ ଓଡ଼ିଆପଣ୍ଡିତଙ୍କର ପ୍ରଧାନ ବିଦ୍ୟାଳୟ ଲଣ୍ଡନ ନଗରରେ ଉତ୍ସବ ସମ୍ପାଦନ କରେ ।

ବରିଷ୍ଠାର ବାବୁ ପ୍ରତାପଚନ୍ଦ୍ର ରାୟଙ୍କୁ ତାଙ୍କର ମହାଭାରତର ଇଂରାଜୀ ଅନୁବାଦ କାର୍ଯ୍ୟ ନିମିତ୍ତ ଦୁଇଥର ମହାସ୍ୱର ୫ ୧୦୦୦ ଟା ଓ ବିଧାରରେ ମହାସ୍ୱର ୫ ୪୦୦ ଟା ଦାନ କରିଅଛନ୍ତି । ଏ ଦାନ ମହତ୍ତ୍ୱ ଅଟେ ।

ସାହେବ ଉମେଶଚନ୍ଦ୍ର ଦତ୍ତ ଭାରତବର୍ଷର ଯେଉଁ ଇଂରାଜୀ ଅନୁବାଦ ପ୍ରକାଶ କରିଅଛନ୍ତି ତହିଁରେ ଅନେକ ଗର୍ତ୍ତ ହୋଇ-ଅଛି । ଇପୀଚର୍ଚ୍ଚର ଅର୍ଥେକ ବଙ୍ଗଳା ଜନିଶ୍ମେଣ୍ଟ ତିଆରି ଅଛେ । ତତ୍ରାପି ସ୍ୱନାମୀର ଦରଖାସ୍ତ କରିବାକୁ ଅମ୍ଭମାନଙ୍କର ଜେଓଏସ୍ ମହୋଦୟ ପ୍ରତ୍ୟେକଖଣ୍ଡ ୫ ୧୦ ଟା ମୂଲ୍ୟରେ ୫୦ ଖଣ୍ଡ ପୁସ୍ତକ କ୍ରୟ କରି ଦିଅଛେ ୧୦ ବର୍ଷ ସମ୍ବ-ମାନଙ୍କରେ ବିତରଣ କରିବାର ଅଦେଶ କରିଅଛନ୍ତି । ଉତ୍ତମ ବସ୍ତୁଗୁଡ଼ାର ସମ୍ବାଦପତ୍ରକୁ ଜଣେ ସମ୍ବାଦଦାତା ଲିଖନ-ଠାରୁ ଲେଖିଅଛି ଯେ ସେଠାର ଗୋଟିଏ ଦୁଇଦ୍ରୁଷ୍ଟ ଏକାକେଉଁରେ ୪ ଗୋଟି ସନ୍ତାନ ପ୍ରସବ କରିଅଛି । ୨ ଟଙ୍କା ଗଣ୍ଡା ଗେଣ୍ଡା ଦିଅ ଉକ୍ତ ସନ୍ତାନମାନେ ଜନ୍ମଦେବାରୁ ବିଦାୟ ହୋଇ ଚାଲେ । ଉକ୍ତ ଝିଅ ୩ଟି ଜୀବିତ ରହିଅଛି ।

ଯାଜପୁର ସମ୍ବାଦ ।

ଏବର୍ଷ ଦୁର୍ଗୋତ୍ସବ ସଙ୍ଗ ଏ ନଗରରେ ଉତ୍ତମରୂପେ ଚଣ୍ଡିପୂଜା ହୋଇଅଛି । ପୂଜା ଚଳନ୍ତେ ଶ୍ରୀ ଶ୍ରୀ ଠାକୁରଣୀଙ୍କ ଚରଣରେ ପ୍ରତିଦିନ ବହୁସଂଖ୍ୟକ ଯାତ୍ରୀ ହୋଇଥିଲେ ମାତ୍ର କୌଣସି ଦୁର୍ଘଟଣା ଘଟି ନାହିଁ । ଶ୍ରୀ ଶ୍ରୀ ଠାକୁରଣୀଙ୍କ ଚରେ ପ୍ରତିମା ଚଣ୍ଡିମଣ୍ଡପରେ ଉଠାଇ ହୋଇ ପୂଜା ଚଳନ୍ତେ ଚଣ୍ଡିପୂଜାରେ ଦେବା ଚତୁର୍ଦ୍ଦଶୀ ଦିନ ବିସର୍ଜନ କରାଗଲେ । ବିସର୍ଜନ ସମୟରେ ଦେଖାଦେଖିମାନେ ଜଳ-ଖାଣ୍ଡି ହେବ କାରଣ ବିଚାରମଧ୍ୟରେ ଏକତ୍ର ହେବା ସମୟରେ ଦେବାରଣ୍ୟ ହୋଇ ବିଶେଷ ଭୟ ହୋଇଥିଲା ମାତ୍ର ସୁଖର ଅଧିକାଂଶମାନେ ସାବଧାନ ଥିବାରୁ ବିଶେଷ ଅନିଷ୍ଟ ଘଟି ନାହିଁ ଶ୍ରୀ ବାବୁ ଦ୍ୱାରକାନାଥ ସେନ ଓ ବାବୁ ଗୌରିଚରଣ ସେନଙ୍କ ଦୁର୍ଗାମେଳା ସଦାପେକ୍ଷା ଉତ୍କୃଷ୍ଟ ହୋଇଥିଲା ଏ ନଗରରେ ଭୂମିକମ୍ପନିବନ ଦୁଇ ଥର ମୃଦୁ ଲଣ୍ଡାପ୍ରମା ପ୍ରାପ୍ତ ହୋଇଥିଲେ ।

ବର୍ଷାପ୍ରଳା ସମ୍ବନ୍ଧ ଅଦ୍ୟ ପର୍ଯ୍ୟନ୍ତ ଏବଂବାରେ ବୃଷ୍ଟି ବନ୍ଦ ହୋଇ ଯାଇ ବିଶେଷ ଶାନ ଲାଭ ହେବାର ଦେଖି ଲୋକ-ମାନେ ଚିନ୍ତାର ଚକ୍ରରେ ଯେ ଏବର୍ଷ ଅଣ୍ଟିମ ଦୁର୍ଭିକ୍ଷ ହେବ ଓ ଏହି ଅବସରରେ ମୋମୋନେ ଗ୍ରାହକ ଚିତ୍ର ଦେବ ବିଚାର କରିଥିଲେ ସେଉଁ ଗ୍ରାହକ ପୁଣି ପୂର୍ବେ ଯେ ଏକାରେ

Digitized by srujanika@gmail.com

Split by PDF Splitter

୨୮ ସେର ହିସାବ ପ୍ରାପ୍ତ ହୋଇଥିଲା ବର୍ତ୍ତମାନ ସେହି ବିଷମ ସ୍ଥଳ ସେ ୨୧ ର ହିସାବ ମିଳିବାର କଠିନ ହୋଇ ଅଛି । ବୃଷ୍ଟି ଅଭାବେ ଏ ଅଞ୍ଚଳରେ ଧାନ ଫସଲ ସମ୍ପୂର୍ଣ୍ଣରୂପେ ନଷ୍ଟ ହେବାର ଆଶଙ୍କା ହୋଇଥିଲା ମାତ୍ର ଶ୍ରୀ ଈଶ୍ୱରଙ୍କ କୃପାରୁ ଅଳ୍ପେ ଏ ଅଞ୍ଚଳରେ ଏକଆଣ୍ଠା ଭଲରୂପ ବୃଷ୍ଟି ହୋଇଅଛି ଓ ମେଘର ଅଭାବର ମଧ୍ୟ ଦେଖି ନାହିଁ ଆଗାମୀ ଉନାସୀ ପର୍ଯ୍ୟନ୍ତ ଝଡ ବର୍ଷା ହେବାର ଲକ୍ଷଣମାତ୍ର ଅନୁମିତ ହେଉଅଛି ତାହା ହେଲେ ଲୋକମାନଙ୍କର ଏକପ୍ରକାର ଜଳକଷ୍ଟ ଦୂର ହେବ ମାତ୍ର ଏସମୟରେ ଚୋପାନ ଲଭ୍ୟାଦ ଦୁର୍ଘଟନା ନ ହେଲେ ରକ୍ଷା । ପଣ୍ଡିତା ଉନ୍ନୁଆରେ ଆଗାମୀ ଅମାବାସ୍ୟାଠାରୁ ଷମାଷ୍ଟ ୬ଗୋଟି ଅମାବାସ୍ୟା ସହିତ ଫାଳ୍ଗୁନ ସୁକ୍ଲ ହେଉଥିବ ବୁ ଉତ୍ପାତ ଜାନାଗୁଡ଼ାର ବିପଦ ଆଶଙ୍କାରେ ଲୋକମାନଙ୍କ ମନରେ ଭୟ ଜାତ ହୋଇଅଛି ।

ଅସ୍ମାନଙ୍କ ସ୍ୱଦେଶବାସୀ ଅଫିସର ଶ୍ରୀଯୁତ ବାବୁ ଗୋସାଇଁଦାସ ପରି ଅଳ୍ପ ବୃଷ୍ଟି ହେତୁ ଫସଲ ଅବସ୍ଥା ମନ୍ଦ ହେଉଥିବା ଶୁଣି ଅବିଳମ୍ବେ ମଫସଲ ଯାଇଅଛନ୍ତି । ଶୁଣିଲୁଁ ଏ ସ୍ୱଦେଶବାସୀ ଅନ୍ତର୍ଗତ କେତେକ ପରଗଣାରେ ଅଶାନୁରୂପ ବୃଷ୍ଟି ହୋଇଅଛି ।

ବାବୁ ଗୋସାଇଁଦାସ ଏଣ୍ଡ ଡେପୁଟୀ ମାଜିଷ୍ଟ୍ରେଟଙ୍କ ପରି ଜାଜପୁର ଓ ଦତ୍ତପଣ କର୍ମଗ୍ରହ ଅତି ଅଳ୍ପ ଦେଖାଯାଉ । ବାବୁ ମନୋହରସ୍ୱରର ସରକାର ଜାତି ନଜୀତ ପକ୍ଷରେ ଉପୁରତା ଓ ସୁଦକ୍ଷର ଦେଖି ଲୋକମାନେ ଏକ୍ରୋଷିଙ୍କର କରୁଅଛନ୍ତି ।

ପୁରସ ଇନସ୍ପେକ୍ଟର ବାବୁ ଗଣେଶଚନ୍ଦ୍ର ମହାପାତ୍ର ଅସୁସ୍ଥ ହେଉ ଏ ସ୍ୱଦେଶବାସୀଙ୍କ ବିପଦ ହୋଇ ଅସିଅଛନ୍ତି ତାଙ୍କସ୍ଥିତ ଲୋକମାନେ ବିଶେଷ ସନ୍ତୁଷ୍ଟ ଥିବାର ଦେଖାଯାଏ ।

ବର୍ତ୍ତମାନ ଏ ନଗରରେ ଜ୍ୱର ଗ୍ରେଗରବିଶେଷ ପ୍ରାଦୁର୍ଭାବ ହୋଇଅଛି ।

କେନ୍ଦ୍ରାପଡ଼ା—ସମ୍ବାଦ ।

ଚଳିତମାସ ତା ୨୦ ଦିନରେ କେନ୍ଦ୍ରାପଡ଼ା ଥାନାର ଅନ୍ତର୍ଗତ ଗଜପୁର ଗ୍ରାମରେ ଗୋଟାଏ ବାଘ ମରିଯାଇଅଛି ।

ଏଠା ସ୍ୱଦେଶବାସୀ ଅଫିସର ପୂଜା କରିବାବେଳେ ଜଳ ସମ୍ବରଣ ଯାଇଥିଲେ ।

ଅଢ଼ାଇ ଉଚ୍ଚାପୁର ରାସ୍ତା ପୂର୍ବବର୍ଷ ପରି ଅଧମାଇଲ ପର୍ଯ୍ୟନ୍ତ ମରାମତ ହେଉଅଛି । ପଡ଼ିଆର ଚାରିପାର୍ଶ୍ୱରେ ଅମ୍ବ, ଜାମୁ, ଚେରୁଳ, ବରୁଳ ପ୍ରଭୃତି ଗଛ ଲାଗୁଅଛି । ବଳଦେବଶିବ ଯାତ୍ରୀମାନଙ୍କ ପକ୍ଷରେ ଏହା ଗୋଟିଏ ମଙ୍ଗଳଜନକ କାର୍ଯ୍ୟ ବୋଲାହୁ ହେବ ।

ଅଳ୍ପେ ବୁଦ ଚଳିବାର ହେଲା ମେଘର ଉଦୟ ଓ ଅଳ୍ପ ବର୍ଷାର ଆରମ୍ଭ ହୋଇଅଛି । ତହିଁ ସଙ୍ଗେ ମାଳର ପାଣି ଏକ ଫୁଟ ଅନାଜ ବଢ଼ିଯାଇଅଛି ।

ପ୍ର । ନାହାଣ୍ଡ ଅନ୍ତର୍ଗତ ବଳରାମପୁର ଗ୍ରାମରେ ବୁଢ଼ିଦେଶ ଗୋଟା ଚାରି ପିଲା ମାଛ ସକାଶେ ମାଛପିଣ୍ଡେ ଏକଜଣର ଚାରି ଫାଟି ଯାଇଅଛି ଏ ବିଷୟ ପୁଲିସ ତଦାରକ ହେଉଅଛି ।

ସେହି ପ୍ରଗନା ମଧ୍ୟରେ ନୂଆପଟଣା ଗ୍ରାମର ଗୋଟିଏ କଣ୍ଡୁଲୀଗର୍ତ୍ତରୁ ଏକଦିନରେ ଗୋ ୩୫ ସନ୍ତାନ ଜନ୍ମିଥିଲେ ଗୋ ୨୫ ମୃତ ଓ ଗୋଟିଏ ଜୀବିତ ଅଛି ।

ଭୋଜାଳାଳ ସମ୍ବାଦ ।

ମେଘର ଅବସ୍ଥା ବେଶି ଲେଖେ ଏକମାସ ହେଲା ଭୁଜରେ ବାହାରିବାର ଏବ ବୋଲାହୁଳ ଧ୍ୱନିରେ ଅକାଶମାର୍ଗ ପୂରଣ କରୁଥିଲେ ଅନ୍ତର୍ଯାମୀ ଦସ୍ୟାମୟ ପ୍ରଭୁ ଗରିବଙ୍କ ଆର୍ତ୍ତନାଦ ସହ୍ୟ କରି ନ ପାରି ଚଳିତମାସ ତା ୭ ରୁଗଠାରୁ ଚତୁର୍ଦ୍ଦିଗରେ ଅଶାନୁରୂପ ଶାନ୍ତିବାରି ଗେଚନ କରି ଦଗ୍ଧ ଅତପତାପିତ ଭୁବନକୁ ଶୀତଳ କରି ଜୀବଦାନ ଦେଇଅଛନ୍ତି । ଉକ୍ତ ବାରିଗୁଡ଼ି ପ୍ରତିଦିନ ଚତୁର୍ଦ୍ଦିଗରେ ଅଶାନୁରୂପ ବର୍ଷିହେଉଅଛି । ଲୋକଙ୍କର ଆଉ ସେ ଆର୍ତ୍ତନାଦ ନାହିଁ ବ ଆଉ ତାଙ୍କର ସେ ମ୍ଳାନବଦନ ନାହିଁ । ଗୃହିମାନଙ୍କଠାରୁ ଶୁଣି ଯେ ଏଣିକି ଆଉ ବର୍ଷା ନ ହେଲେ ସୁଖା ଧାନର ଆଉ କିଛି କ୍ଷତି ହେବ ନାହିଁ ବଡ଼ ଆନନ୍ଦର ବିଷୟ ।

ଏ ବତ୍ସର ଠିଆମ ଏକ କୋଟିଫିସ୍ ସମ୍ବନ୍ଧରେ ମାନେଜର ମହାଶୟ ସାହେବଙ୍କୁ ଯାହା ରିପୋର୍ଟ କରିଥିଲେ ତାହା ଏତେଦିନ ପରେ ଠିଆମ ବାବାଙ୍କ ଇଚ୍ଛିବାର ଚକ୍ରମ ଅସିଗଲା ମାତ୍ର ଦୁଃଖର ବିଷୟ ଯେ କୋଟିଫିସର ଜଳ ପରିବର୍ତ୍ତନ ହେଲା ନାହିଁ କେତେଗୁଡ଼ିଏ ଜଳ ଗର୍ତ୍ତାର ତର ଅଧିକ ଥିବାରୁ ସାଧାରଣଙ୍କର କଷ୍ଟ ହେଉଅଛି ଏଥି ସଙ୍ଗେ ଉଠି ଯାଉଥିଲେ ଭଲ ହୋଇଥାନ୍ତା । ଲୋକଙ୍କର ନାମରେ ମୋକଦମା ବିଷୟରେ ଯେତେଦୂର ସୁବିଧା ତାହା କରି ଅବଶ୍ୟକ । ପେଟସନ ବିଷୟରେ ଯାହା ଲେଖିଥିଲୁଁ ସୁଦାନବାବୁ ସମ୍ବନ୍ଧେନାସ୍ତି ଏ ସମ୍ବନ୍ଧରେ ରିପୋର୍ଟ କରିଅଛନ୍ତି । ବଡ଼ ଖୁସିର ବିଷୟ ଠିଆମ ଇଚ୍ଛିବାରୁ ଏତଦ୍ୱାରା କୋର୍ଟ-ଅଫ୍ ଓ୍ୱାର୍ଡ୍‌ରେ ଥିବା ମୁଲକମାନଙ୍କର ବଡ଼ ଉପକାର ହୋଇଅଛି । କୋର୍ଟ-ଅଫ୍-ଓ୍ୱାର୍ଡ୍‌ସର ମେନେଜରମାନେ ଏମାନ୍ତ ସମ୍ବନ୍ଧରେ ଯେ କିଛି ନ ଲେଖି ସ୍ଥିର ହୋଇ ବସି ରହି ପ୍ରଜାଙ୍କୁ କଷ୍ଟ ଦେବା ବଡ଼ ଦୁଃଖର ବିଷୟ । ଏଥିନିମିତ୍ତ ଡେପୋଜିଟ ମେନେଜର ବାବୁ ଶ୍ରୀ ସୁଦାମ ଭରଣ ନାୟକଙ୍କୁ ପ୍ରଶଂସାର ସହିତ ଧନ୍ୟବାଦ ଦେଉଅଛୁଁ ।

ପୁରୀ—ସମ୍ବାଦ ।

ଶ୍ରୀ ଶ୍ରୀ ଦୁର୍ଗାପୂଜା ମଧ୍ୟରେ ସାତସାଇରେ ନାନା ରକମ ମୃଣ୍ମୟୀ ପ୍ରତିମା ଅନେକ ପୂଜା ହୋଇଥିଲେ । ସେମାନେ ବିସର୍ଜନ ଦିନ ହିସାବରେ ଏକତ୍ରିତ ହୋଇଥିଲେ ଯେ ସେଥିମଧ୍ୟରେ ବାଂବାଟୀ ଜାଗାର ଗୋସାଣୀ ଓ ଗେଲବାଇ-ଗୋସାଣୀ ଇଚ୍ଛ ପ୍ରାୟ ୫ ମାଳ ଲେଖାଏ ହେବେହେଁ ଉତ୍ତମ ଜଡ଼ାଉ ହେବାରେ ସେହେ ବେଶି ସନ୍ତୁଷ୍ଟ ହେଉଥିଲେ ।

ତା ୩ ରୁଗ ସୋମବାର ଦିନ ପୁରୀର ପ୍ରଧାନ ପଣ୍ଡା ଉଦର୍ଦ୍ଦେ ଗଙ୍ଗାଧର ମହାପାତ୍ର ଓଲଇଠାଦେଉଳରେ ପ୍ରାଣ ତ୍ୟାଗ କରିଅଛନ୍ତି । ଏହାଙ୍କୁ ୨୮ ବର୍ଷ ବୟସ ହେଲେହେଁ ୨ ଗୋଟି ଜନ୍ମମାତ୍ର ଜନ୍ମ ହୋଇଅଛନ୍ତି । ସନ୍ତାନ ନ ଥିବାରୁ ଗୋଟିଏ ପୋଷ୍ୟପୁତ୍ର କରିଅଛନ୍ତି । ଜନ୍ମ ଅଭିନ-ସଙ୍ଗରୂପେ ହୋଇଅଛ ବ ନା ଅନେକ ଲୋକ ସନ୍ଦେହ କରନ୍ତି । ମରିବାର ସେବା ଥିବାରୁ ପୁରୀର ଶ୍ରୀମତୀ ମହାରାଣୀଙ୍କ ନିକଟରେ ଦରଖାସ୍ତ ଦାଖଲ ହେବାରେ ଏପର୍ଯ୍ୟନ୍ତ କୌଣସି ହୁକୁମ ହୋଇ ନାହିଁ । ପାଟମହାଦେଇ ଯେ ବ ନ୍ୟାସ୍ୱ ବିଷୟ କରି ଉକ୍ତ ସେବାକୁ ଜରୁଣରେ ଅଣିବେ ତେବେ ପୂର୍ବରୁ ଶାନ୍ତି ବିଳା ଥିବା ଶ୍ରୀ ଉଦର୍ଦ୍ଦେ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କଦ୍ୱାରା ଉଦର୍ଦ୍ଦ ସେବା ଚଳାଇଲେ କୌଣସି ପ୍ରକାର ଗୋଳମାଳ ହେବ ନାହିଁ ।

ତା ୧ ରୁଗ ଠାରୁ ବର୍ଷା ହେଉଅଛି ଏ ବର୍ଷା ଚତୁର୍ଦ୍ଦଶୀ ପ୍ରାୟ ବୋଧହୁଏ । ଏଥିରେ ଅବଶ୍ୟ ଭଲ ହେବ । ତଥାପି ଯେପରି ସମ୍ବର ଅବସ୍ଥା ହୋଇଅଛି ଗବର୍ଣ୍ଣମେଣ୍ଟ ସାହାଯ୍ୟ ନ ଦେଲେ ରକ୍ଷା ନାହିଁ ।

ତା ୧ ରୁଗ ଜାତୀୟବିଦ୍ୟାଳୟର କମିଟି ହୋଇ ହେଡ଼ପଣ୍ଡିତ ଶ୍ରୀ ଶ୍ରୀକମଳଲୋଚନ ବାବୁଙ୍କ ପଦଚ୍ୟୁତ କରାଯାଇ ଶ୍ରୀ ପଣ୍ଡିତ ବଳଭଦ୍ରଚରଣ ୨ୟ ଶିକ୍ଷକଙ୍କୁ ହେଡ଼ପଣ୍ଡିତ ପଦରେ ନିଯୁକ୍ତ କରାଯାଇଛନ୍ତି । ଅଉ ବଙ୍ଗଳା ଓଡ଼ିଆ ଓ ସିଲେଟ ଶିକ୍ଷା ଦେବା ଜଣେ ୫ ୧୦ ଟାକା ବେତନରେ ସେବେଶ ପଣ୍ଡିତ କର୍ମରେ ନିଯୁକ୍ତ କରିବା ପାଇ ଶ୍ରୀଯୁକ୍ତ ଜଏଣ୍ଟ ଇନସ୍ପେକ୍ଟର ବାବୁ ମହାଶୟଙ୍କୁ କଟକରୁ ଜଣେ ଶିକ୍ଷକ ପଠାଇବା ପାଇଁ ଅନୁରୋଧ କରିବାକୁ ବାବୁ ମହାଶୟ ତହିଁରେ ସମ୍ମତି ଦେଇଅଛନ୍ତି ।

କାର୍ତ୍ତିକମାସରେ ଏଠାରେ ଗଡ଼ଜାତୀୟ ଓ ଶାସ୍ତ୍ରଜ ବ୍ରାହ୍ମଣ ଓ ବଧିକା ବ୍ରାହ୍ମଣୀ ପ୍ରଭୃତି ଅନେକ କାର୍ତ୍ତିକବ୍ରତୀ ଏମାସ ପୁରୀରେ ବାସ କରନ୍ତି । ସେବେ ବଡ଼ଦଳର ଭୋଗସରସରୁ ବଳମ୍ବରେ ହୁଏ ତେବେ ବ୍ରତମାନେ ବଡ଼କଷ୍ଟ ପାଇଥାନ୍ତି । ମାତ୍ର ଏବର୍ଷ ମହାପ୍ରଭୁଙ୍କର ଭୋଗରାଗ ଓ ଗୀତ ଏପରି ଶୀଘ୍ର ହେଉଅଛ ଯେ ବ୍ରତମାନଙ୍କର ଆଉ କଷ୍ଟର ସମ୍ଭାବନା ନାହିଁ ।

ଚଣାଦହ—ସମ୍ବାଦ ।

ଏ ଗ୍ରାମରେ ଲୋକମାନେ ଦିନକୁଦିନ ଅତ୍ୟନ୍ତ ପ୍ରବଳ ହେଲେ । ପ୍ରତିଦିନ ଦିନ୍ୟଜାତ ଦ୍ରବ୍ୟ (ଦଧି, ନବନୀତ, ବଣାରୁ, ବାଇଗଣ ପ୍ରଭୃତି) ଅପହରଣ କରି ନେଉଅଛନ୍ତି । ଚୌକିଦାରମାନେ 'ବାବୁ ମହାଶୟ' ଉପାଧି ଧାରଣ କରିବାକୁ ମନ ବଳାଇଲେଣି । ରକ୍ଷା ଜଣ୍ଟ ପୁଲିସ-ଲୋକମାନଙ୍କର ଦୃଷ୍ଟି ବୃଦ୍ଧିରୂପ କରିବାକୁ ଯତ୍ନବାନ୍ ହେବେ ।

ଚଣାଦହ ଜିଲ୍ଲାବର୍ତ୍ତୀ ଫକିରପଡ଼ା ନାମକ ଗ୍ରାମରେ ବଦ୍ୟାଧର ଲୋଇର ଚନ୍ଦ୍ରଗୋଷ୍ଠି ପୁତ୍ର ଏକ ସମୟରେ ଏକ-ଗର୍ତ୍ତରୁ ଜାତ ହୋଇ ଉଭୟଙ୍କାଳ ମରିଗଲେ । ଏବିଷୟରେ ଏ ସ୍ଥାନରେ ବିଶେଷ ତର୍କବିତର୍କ ଲାଗିଅଛ । କେହି କହନ୍ତି ଏ ବ୍ୟକ୍ତିର ଏ ସ୍ଥାନରୁ ବହିଷ୍କୃତ କରିବେବା ଉଚିତ, କେତେକବ୍ୟକ୍ତି ଏହାର ବିପରୀତ ମତ ପ୍ରକାଶ କରନ୍ତି । ଭରସା କରୁଁ ଏ ବିଷୟର ସନ୍ଦେହ ଦୟାମୟ ଦୂରିକରି ତୁଷ୍ଟିରୂପ କରିବେ । (ଏକା ଗର୍ତ୍ତରେ ଜନ୍ମିତ ହେବା ଅନୁଚିତ ଘଟଣା ବୋଲି ଦୌଂସ୍ଥିତିରେ ଲେଖା ନାହିଁ । ଏଥିରେ ଭ୍ରମ ହେବା ଭ୍ରମ ଅଟେ ।) ସ,

---

ପ୍ରେରିତପତ୍ର ।

ସଭ୍ୟପ୍ରେରିତଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଏ ବର୍ଷ ଇନ୍ଦ୍ରବତୀ ଉଣା ଅଧିକରେ ଅଳ୍ପ-ଯାଏ ଆମ୍ଭମାନଙ୍କୁ ପାଳି ଆଣିଲେ ମାତ୍ର ବର୍ତ୍ତମାନ ଏକଅସ୍ତ୍ର ପାଣିରେ ଆମ୍ଭମାନଙ୍କୁ ସନ୍ତାପିତ କରାଉଅଛନ୍ତି । ଏଠାରେ ଧାଳବଲ୍ଲମାନଙ୍କରୁ ପାଣି ଶୁଖି ଯାଇ ମୃତ୍ତିକା ବେଙ୍ଗଳା ହୋଇ ଫାଟିଗଲାଣି । ଏହେତୁରୁ ଏ ସ୍ଥାନର ଲୋକମାନେ ସଶଙ୍କିତ ଚିତ୍ତରେ ହାହାକାର ଧ୍ୱନି କରି କପାଳରେ ହସ୍ତାରୋପଣପୂର୍ବକ ବସି ରହିଲେଣି । ଯେଉଁମାନେ ଧାନ ବେଚି

Split by PDF Splitter

ଦେଉଥିଲେ ଓ ବିକ୍ରୟ କରୁଥିଲେ ବର୍ତ୍ତମାନ ସେମାନେ ଆଉ ସେରେ ମାତ୍ର ଧାନ ଦେଖାଉ ନାହାନ୍ତି । ଏହେତୁରୁ ଲୋକମାନଙ୍କ ମନରେ ନଅ ଅଙ୍କ ଦୁର୍ଭିକ୍ଷ ସ୍ମରଣ ଦେଉଅଛି । ଆଉ ନଅ ଅଙ୍କ ପଡିବ କି ? ଇତି ।

୬।୧୦।୮୭ } ବଶମ୍ବଦ
Nilakantha Das.
Chanahatta.

ଭରସା କରୁଁ ଏ ସପ୍ତାହର ବରଷା ଏ ଅଞ୍ଚଳରେ ହୋଇଥିବ । । ସ ।

ମହାଶୟ !

ଶ୍ରୀଯୁକ୍ତ ବାବୁ ଭଗବତୀଚରଣ ସେନ ସୁଖଜଣ୍ଟାର ଡେପୁଟୀ ଇନସ୍ପେକ୍ଟର ଥିବା ସମୟରେ କେତେଗୁଡ଼ିଏ ଅଃ, ପ୍ରାଃ ବିଦ୍ୟାଳୟର ମାସିକ ବେତନ ୫ ଟଙ୍କା ମାତ୍ର ମଞ୍ଜୁର କରି ଦେଇଥିବାରୁ ଉକ୍ତ ବିଦ୍ୟାଳୟମାନଙ୍କର ଶିକ୍ଷକବୃନ୍ଦ ବିଶେଷ ଅସନ୍ତୁଷ୍ଟ ଅଛନ୍ତି । ଏକଥା ଦୂରେ ଥାଉ, କହିବାକୁ ହେଲେ ଆଜିକାଲି ଶ୍ରୀଶିକ୍ଷା ନିତାନ୍ତ ଅପ୍ରୀତିକର ବୋଲି ଚତୁର୍ଦ୍ଦିକରେ ଚଳଣି ପଡିଅଛି । ଦେଖ ଚଣାଦଣ୍ଡାଗ୍ରାମରେ ଗୋଟିଏ ବାଳକବିଦ୍ୟାଳୟ ଆଜିକାଲି ଭଲ ଚଳୁଅଛି, ସେ ବିଦ୍ୟାଳୟର ବେତନ ଉକ୍ତ ବାବୁ ୫ ଟଙ୍କା ଧାର୍ଯ୍ୟ କରିଅଛନ୍ତି । ବାବୁ ମହାଶୟଙ୍କର ଏ କେଉଁ ବିଚାର ଏହା ଆମ୍ଭେ ବୁଝିପାରୁ ନାହୁଁ । ବାବୁ ଜାଣନ୍ତି ଯେ ବାଳକମାନେ ଶିକ୍ଷକଙ୍କୁ କିଛିମାତ୍ର ଗୁଣା ଦିଅନ୍ତି ନାହିଁ । ତେବେ ଶିକ୍ଷକ ଉପର ଏହି ୫ ଟଙ୍କାରେ ଚଳିପାରେ । ବାଳକମାନଙ୍କ ଶିକ୍ଷାର୍ଥେ ଆମ୍ଭମାନଙ୍କ ମାନ୍ୟବର ଗବର୍ଣ୍ଣମେଣ୍ଟ ବେଶେ ୫ ଟଙ୍କା ବ୍ୟୟ କରୁଅଛନ୍ତି, ଉକ୍ତ ବାବୁ ମହାଶୟ ବାହିଁବି ଶିକ୍ଷକଙ୍କ ବେତନ ବିଷୟରେ କୁଣ୍ଠିତଭାବ ଧାରଣକରୁଅଛନ୍ତି । ପାଠକେ ! କଥିତ ଅଛି ଯଥା—" ବାଛାର ପିଅ ସରେ ବ୍ରାହ୍ମଣ ସ୍ୱାହା କରିବାକୁ ଡରେ" ସେହିପରି ଏକଥା ହେଲା । ଭରସା କରୁଁ ନୂତନ ଡେପୁଟୀଇନସ୍ପେକ୍ଟର ବାବୁ ପଦ୍ମମୋହନ ସେନ ଆମ୍ଭମାନଙ୍କ ଦୁଃଖାପନୋଦନ କରିବାକୁ ଅଟ୍ଟା ବାନ୍ଧିବେ । ଇତି ।

ବଶମ୍ବଦ
ଶ୍ରୀ ଲକ୍ଷ୍ମୀପୋଡ଼ାବାଜାର
। ସା । ବସ୍ତିକା

ମହାଶୟ,

ଏହି ମାସ ତା ୬ ରଖ ଅପରାହ୍ନ ୩ ଘଣ୍ଟା ସମୟରେ ଏଠା ବାଳକବିଦ୍ୟାଳୟରେ ଗୋଟିଏ ସଭା ହୋଇଥିଲା, ସଭାର ଉଦ୍ଦେଶ୍ୟ ଏହି ଯେ ମିଉନିସିପାଲଟିଦ୍ୱାରା ସ୍କୁଲଟିକୁ ବାହାର କରି ନେଇ ମେନେଜିଙ୍ଗ କମେଟୀ—ଦ୍ୱାରେ ତାହା ସମର୍ପଣ କରିବା, ଏ ସଭାରେ ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ଶ୍ରୀଯୁକ୍ତ ଫ୍ରେଜରସାହେବ, ଶ୍ରୀଯୁକ୍ତ ମେମ ସାହେବ, ଶ୍ରୀ ବାବୁ ଦରବଶ୍ରୀ ବସୁ, ଶ୍ରୀ ଚକ୍ରଧୁଷ୍ଣ କାଶୀନାଥ ଦାସ, ରାଜଟିଶାହେବ, ଶ୍ରୀ ବାବୁ ଜଗନ୍ନାଥ ଭ୍ରମରବର ରାୟ, ଶ୍ରୀ ବାବୁ ରାମପ୍ରସାଦ ଦାସ, ଶ୍ରୀ ବାବୁ ରାମଗୋବିନ୍ଦ ଜଗଦେବ, ଶ୍ରୀ ବାବୁ ରାମଲାଲ ବନ୍ଦ୍ୟୋପାଧ୍ୟାୟ, ଶ୍ରୀ ବାବୁ ଯୋଗେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ, ଶ୍ରୀ ମୁନସି ଓଁକାରସିଅଲି, କାଜି ଗରିବଉଲ୍ଲା, ଶ୍ରୀ ବାବୁ ହେମନ୍ତକୁମାର ବନ୍ଦ୍ୟୋପାଧ୍ୟାୟ, ଶ୍ରୀ ବାବୁ ଭଗବତପ୍ରସାଦ ଦାସ, ଚେନ୍ଦ୍ରାପଡ଼ାସବ୍‌ରେଜିଷ୍ଟ୍ରାର, ଶ୍ରୀ ବାବୁ ଗଣେଶ୍ୱର ମହାନ୍ତି, ଶ୍ରୀ ବାବୁ ଶ୍ୟାମସୁନ୍ଦର ମହାନ୍ତି ଇତ୍ୟାଦି ।

ସଭାରେ ସ୍ଥିର ହେଲା ଯେ ବର୍ତ୍ତମାନ ସବାଶେ ମେମ୍‌ସାହେବ ତାଙ୍କ ପ୍ରତିଷ୍ଠିତସ୍କୁଲରେ ସମ୍ଭାବିକା ରହିବେ, ଭବିଷ୍ୟତରେ ଏଠା ସବ୍ ଡିଃ, ଅଫିସର ସମ୍ଭାବିକ ହେବେ, ମୁନସି ଓଁକାରସିଅଲି ସଦାଚାରୀ ସମ୍ଭାବିକ ହେଲେ ଏ ସ୍କୁଲଟି ମଧ୍ୟମଶ୍ରେଣୀ ସ୍କୁଲରେ ପରିବର୍ତ୍ତିତ ହୋଇ ଏହାର ନାମ " ମିସେସ ଫ୍ରେଜରସ ସ୍କୁଲ ଫର ଗେରଲସ୍ " ରଖାଗଲା ।

ଉପସ୍ଥିତ ସଭ୍ୟମାନଙ୍କମଧ୍ୟରୁ ଜ ୧୦ ଣ ସଭ୍ୟ, ସ୍କୁଲରମେମ୍ବର ରୂପେ ନିର୍ବାଚିତ ହେଲେ ସଭାରେ ସ୍କୁଲସମ୍ପର୍କୀୟ କେତେକଗୁଡ଼ିଏ ନିୟମ ଅବଧାରିତ ହୋଇ ବାବୁ ଯୋଗେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ଓ ବାବୁ ଦରବଶ୍ରୀ ବସୁଙ୍କଦ୍ୱାରା ଗୋଟିଏ କ୍ଷୁଦ୍ର ବକ୍ତୃତା ହେଲାଉତ୍ତାରେ ସଭା ଭଙ୍ଗ ହେଲା ।

ବାଳକମାନଙ୍କ ଶିକ୍ଷାସବାଶେ ଜଣେ ଇଉରୋପୀୟ ମହିଳାର ଏତେଦୂର ଯତ୍ନ ଓ ପରିଶ୍ରମ ଅଶେଷ ପ୍ରଶଂସନୀୟ ଅଟେ । ଭରସା କରୁଁ ଆମ୍ଭମାନଙ୍କ ଦେଶୀୟ ସମ୍ଭ୍ରାନ୍ତ କୃତବିଦ୍ୟ ବ୍ୟକ୍ତିମାନଙ୍କର ଦେଶର ବିଦ୍ୟୋନ୍ନତି ସବାଶେ ଏ ମଧ୍ୟ ଗୋଟିଏ ଆଦର୍ଶସ୍ୱରୂପ ।

ଚେନ୍ଦ୍ରାପଡ଼ା ୧।୧୦।୮୭ } ବଶମ୍ବଦ
ଶ୍ରୀଭଗବତୀଚରଣ ଦାସ

ମହାଶୟ !

ଆମ୍ଭମାନଙ୍କ ନିମ୍ନ ଲିଖିତ କେତେକ ପଂକ୍ତି ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ଦେଇ ଚିରବାଧିତ କରିବା ଦେବେ ।

ଆମ୍ଭେମାନେ ଯେ ଗତ ସପ୍ତାହ ଉତ୍କଳ-ଦୀପିକାରେ ଦେଖାଇଥିଲୁଁ ବ ସଙ୍ଗଳାର ବ୍ୟାକରଣର ସମାଲୋଚକ ମହାଶୟ ନିଜେ ବ୍ୟାକରଣ ଜାଣନ୍ତି ନାହିଁ ଏହାର ବିଶେଷ ପରିଚୟ ୬୮ ସଂଖ୍ୟକ ନବସଂବାଦ ପତ୍ରିକାରେ ସେ ଆପେ ଲେଖିଦେଇଅଛନ୍ତି ଦେଖନ୍ତୁ ଯଥା; "ପୂର୍ବପଦର ଶେଷ ଅକ୍ଷର ପରପଦର ଆଦ୍ୟାକ୍ଷର ଏ ଦୁହେଁ ମିଶି ଅନ୍ୟ ବର୍ଣ୍ଣରେ ପରିଣତ ହେବାର ନାମ ସନ୍ଧି " ମାତ୍ର " ସନ୍ଧି ମଧ୍ୟରେ ଯେ ସ୍ଥଳେ, ଭବ—ଲୋକ=ଭୁଲୋକ, ଭବ—ନିବାସ=ଭୁଲିବାସ, ହୋଇଅଛି, ସେ ସ୍ଥଳେ ପରପଦର ଆଦ୍ୟାକ୍ଷର ଲୋପ; ଏବଂ ନିଦାହାର ସହିତ ମିଶି ନାହିଁ " ପୁଣି ବନ୍—ଚନା=ବଞ୍ଚନା; ବାନ—ଶ=ବାଞ୍ଛା; ଅନ—ଜନ=ଅଙ୍ଗନ; ବନ୍—ଟନ=ବଣ୍ଟନ; ଉଦାହରଣ ଅଛି । ଏଥିରେ, ବନ୍, ବାନ୍, ଅନ୍, ଚନା, ଛା, ଜନ, ଓ ଟନ, ପ୍ରଭୃତି ଗୋଟିଏ ପଦ ? ଯେବେ ପଦ ହେବେ ତାହାର ପ୍ରକୃତ ପ୍ରତ୍ୟୟ ଗ୍ରନ୍ଥକାରଙ୍କଠାରୁ ବୁଝିବାର ରହିଲା" । ମହାଶୟ ଏଥିଗୁଡ଼ିକ ବର୍ଣ୍ଣ ପଢ଼ା ଦୂରେ ଥାଉ ଏ ମହାଶୟ ଦୌଣସି ସଂସ୍କୃତ ବା ଭାଷାବ୍ୟାକରଣ ଦେଖି ନାହାନ୍ତି, ଯେହେତୁରୁ ଏହାଙ୍କର ସନ୍ଧିଜ୍ଞାନମାତ୍ର ନାହିଁ । ସନ୍ଧି ସୂତ୍ର ଯେ ବ୍ୟାକରଣରେ ଅବ୍ୟାପ୍ତ ଚତୁଷ୍ପଦୀ ବାହୁଲ୍ୟ ନ୍ୟାୟର ପ୍ରକୃତ ଉଦାହରଣ ଏହା ବା କାହିଁ ଜାଣିବେ ? ବ ଭାଷା ବ ସଂସ୍କୃତରେ ସନ୍ଧିସୂତ୍ର ଏହିପରି, ଏବ ଭୁଲୋକ, ଭୁଲିବାସ, ବଞ୍ଚନା, ଏହିସବୁ ପଦ ଅଛି ବ ନାହିଁ ଲୋକାସ୍ମ ପ୍ରଭୃତି ବ୍ୟାକରଣ ଦେଖ; ଚନ୍ଦ୍ର, ବାହୁଲ୍ୟ ନ୍ୟାୟରୁ ଏକ ଧାତୁ ମଧ୍ୟରେ, ଏକ ଶବ୍ଦ ବା ଧାତୁର ଉତ୍ତର ପ୍ରତ୍ୟୟ ବା ବିଭକ୍ତି ଯୋଗ କରି ସନ୍ଧି ହୁଏ, ତାହା ନ ହେଲେ, ଅନ୍ତଃ, ମନଃ, ସ୍ଥଳଃ, 'ସ୍ଥ' ନିବେଦନଃ, ବିବିଧ, କରଣ, ଏସବୁ ସ୍ଥଳେ ଗୁଣ, ଓକାର ସ୍ଥାନରେ ଅବ ଉପରି ହୋଇ ଅଛି ? । ଅତଏବ ଧାତୁର ନିମ୍ନ ହୋଇ ଅଙ୍ଗନ, ଏହିପରି, ବଣ୍ଟ=ବଣ୍ଟନ ବାଞ୍ଛ=ବାଞ୍ଛା, ବନ୍ଚ=ବଞ୍ଚନା, ପଦ ହୋଇଅଛି । ଗ୍ରନ୍ଥକର୍ତ୍ତା, ବାଳକମାନେ ସହଜେ ବୁଝି ସନ୍ଧି କରିବା ସବାଶେ, ବନ୍, ଚନା ଇତ୍ୟାଦିରୂପେ

Digitized by srujanika@gmail.com

Split by PDF Splitter

ପ୍ରବର୍ତ୍ତ ପରବର୍ତ୍ତ ଦେଖାଇ ଦେଇଅଛନ୍ତି, ଏଥିରେ ଯେ ବାଳକମାନଙ୍କର କେତେ ଗ୍ରୁ-ବୃଷତି ହେବ ଓ କେତେ ଉତ୍କଳଭାଷାରେ ପ୍ରଚଳିତ ସଂସ୍କୃତପଦ ଜାଣିପାରିବେ ତାହା ସମାଲୋଚକଙ୍କର ବୁଝିବାର କ୍ଷମତା ଅଛି କି? ଯେ ବି ଏସବୁ ସ୍ଥଳରେ ପ୍ରକୃତ ପ୍ରତ୍ୟୟ ଖୋଜୁଅଛନ୍ତି। ଅତଏବ ଗ୍ରନ୍ଥକର୍ତ୍ତା, ବିଜ୍ଞାପନରେ ଲେଖିଅଛନ୍ତି କି ଏ ଗ୍ରନ୍ଥଦ୍ୱାରା ଅଳ୍ପ-ସଂସ୍କୃତଜ୍ଞ ଛାତ୍ରମାନେ ସ୍ଥଳ ବିଶେଷରେ ସଂସ୍କୃତର ମର୍ମ ଅନାୟାସରେ ଜାଣିପାରିବେ। ଏହା ଯଥାର୍ଥ ଅଟେ। ଏଥି ପାଇଁ କହୁଁ ସମାଲୋଚକଙ୍କର ବିଦ୍ୟାଜ୍ଞାନ ସୁଦ୍ଧା ନାହିଁ। ଅଧିକନ୍ତୁ ମଧ୍ୟ ଲେଖିଅଛନ୍ତି ଯେ "ଏଉଦ୍-ଉତ୍ତା; ଏଉଦ୍-ଠାକୁରାଣୀ; ବୃହତ୍-ଠାକୁର, ପ୍ରଭୃତି ସନ୍ଧି ଉଦାହରଣ କୌଣସି ପ୍ରଚଳିତ ଉତ୍କଳ ସାହିତ୍ୟରେ ଅଛି ବୋଲି କାହାରିକି ଜଣା ନାହିଁ" ଏଥିରୁ ଜଣାଯାଏ ଯେ ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କର ଯେ ପ୍ରଚୁର ଉତ୍କଳସାହିତ୍ୟ ସମାଲୋଚକ ତାହା ଚକ୍ଷୁରେ ଦେଖି ନାହାନ୍ତି। ଶ୍ରୀ ଲୋକାରାମଧର୍ମ ଲେଖିଅଛନ୍ତି ଯେ "ଦ୍ୱିଷ୍ଟିର-ଶ୍ରେଷ୍ଠ ଗୋହଳଗୋଟିଏ" ଇତ୍ୟାଦି ଉଦାହରଣ ଦେଇଅଛନ୍ତି, ଏକେଇଁ ବଙ୍ଗଳାସାହିତ୍ୟରେ ମଜେ ଏ ମହାକାବ୍ୟର ଦ୍ୱିତୀୟସର୍ଗର ଶ୍ଳୋକ। ଆଉ ସଂସ୍କୃତ ବ୍ୟାକରଣରେ ଯେଉଁ ଉଦାହରଣ ସବୁ ଅଛି ତାହା ଆଉ ସାହିତ୍ୟରେ ଦେଖିବେ ସୁଦ୍ଧା ଦୁର୍ଲଭ। ଆଉ ଗ୍ରନ୍ଥକର୍ତ୍ତା ଯେ ଏତେ ଅନ୍ୱେଷଣ କରି ଶବ୍ଦମାନଙ୍କୁ ସୁନ୍ଦର ଉଦାହରଣ ଦେଖାଇଦେଇଅଛନ୍ତି ଆମ୍ଭେମାନେ ଜାଣିବାରେ ଏ ପ୍ରଶଂସାର ବିଷୟ, ମାତ୍ର ଏପରି ପଣ୍ଡିତଙ୍କୁ କଷ୍ଟମଷ୍ଟ ହେବ ନାହିଁ କାହିଁକି? ଯେ ବି ଶାସ୍ତ୍ରର ମର୍ମ ବୁଝି ପାରି ନାହାନ୍ତି। ଆଉ ଲେଖିଅଛନ୍ତି "ର ର ଷ ପରେ ସ୍ୱରବର୍ଣ୍ଣ, ଅନୁସ୍ୱାର, କବର୍ଗ ପବର୍ଗ ଏବଂ ଯ ବ ହ ଭିନ୍ନ ଅନ୍ୟବର୍ଣ୍ଣ ବ୍ୟବଧାନ ଥିଲେ 'ନ' 'ଣ' ହୁଏ ନା ବୋଲି ଲେଖାଥିଲେ ହେଁ ଉପହ ପୁସ୍ତକରେ ମୂର୍ଦ୍ଧନ୍ୟ' ପରିବର୍ତ୍ତରେ ମର୍ଦ୍ଧଣ୍ୟ' ବର୍ଣ୍ଣବର ଲେଖାଅଛି। ମୂର୍ଦ୍ଧଣ' ଏଠାରେ ରେଫ ପରେ ଦ ଓ ଧ ବ୍ୟବଧାନ ଥିବା ସ୍ଥଳେ 'ନ' 'ଣ' ହେଲା ବିପରି"? ଏହାର ଉତ୍ତର ବିଶେଷ ଉତ୍କଳଭାଷାଭିଜ୍ଞ ବ୍ୟକ୍ତିମାନେ ଜାନମାନେ କହିଲେ 'ନ' ଜଣେ ଉତ୍କଳେ 'ଣ' ମୂର୍ଦ୍ଧନ କହିଲେ 'ନ' ମୂର୍ଦ୍ଧନ୍ୟ 'ଣ' ଉଚ୍ଚାରଣ କରନ୍ତି ବି ନାହିଁ ବୁଝି। ବିନ୍ତୁ କଷ୍ଟଗୀପ୍ତ କହି ପାରିବେ ନାହିଁ। ଅଧିକନ୍ତୁ ସମାଲୋଚକ ଲେଖିଅଛନ୍ତି ଯେ "ଉପସର୍ଗ ସମ୍ବନ୍ଧି 'ଇ' ଓ 'ଉ'ର ଉତ୍ତର ପ୍ରାୟ ଅନେକ ଧାତୁର 'ସ' 'ଷ' ହୁଏ ସୂତ୍ରର କୌଣସି ଆବଶ୍ୟକତା ଦେଖାଯାଏ ନାହିଁ ଯେହେତୁ ବି ଅ ଆ ଭିନ୍ନ ସ୍ୱରବର୍ଣ୍ଣ କହିଲେ ଉପସର୍ଗ ସମ୍ବନ୍ଧି 'ଇ' ଓ 'ଉ' ମଧ୍ୟ ବୁଝାଉଛି ତେବେ ଅଲଗା ସୂତ୍ର ନାହିଁକି"। ତେବେ ଏହାଙ୍କ ଜାଣିବାରେ, ବିସର୍ଗ, ବିସ୍ତୀର୍ଣ୍ଣ, ନିସର୍ଗ, ନିସ୍ପୃହ, ପରିସର, ପରିସରଣ ଇତ୍ୟାଦି ସ୍ଥଳେ 'ସ' ହେବ ନାହିଁ? ଅଃ; ଧନ୍ୟ ପଣ୍ଡିତ; ଶ୍ରୀଲିଙ୍ଗ ପ୍ରତ୍ୟୟ ବିଷୟ ଏଥିଉତ୍ତାରୁ ଲେଖୁଅଛୁଁ, କ୍ରମଶଃ।

୧୩।୧୮୮୭

ଶ୍ରୀ ଶ୍ରୀନାଥ ତର୍କବାଗୀଶ
ହେଡ୍‌ପଣ୍ଡିତ ପୁଲାଙ୍ଗ ସ୍କୁଲ
ଶ୍ରୀ ଜୟଗୋବିନ୍ଦ ତର୍କସିଦ୍ଧାନ୍ତ
ବାହାର ପଣ୍ଡିତ ପୁଲାଙ୍ଗ

ମୂଲ୍ୟପ୍ରାପ୍ତି।

ବାବୁ ଫକିରଚରଣ ଦାସ ମୋକ୍ତାର ବଣକ ଅଗ୍ରିମ		୫ ୨୧
" ଗଣେଶପ୍ରସାଦ ସିଂହ	" "	୫ ୧।୶
" ଗୋବିନ୍ଦପ୍ରସାଦ ମହାପାତ୍ର ଖାଲଗିରି	"	୫ ୩୧
" ଗୋପାଳଚନ୍ଦ୍ର ଦାସ ଭୁଅଁପାଳ	"	୫ ୧୧

ବିଜ୍ଞାପନ।

। ୭ । ଅଠମଲବରକଲୁମାରଙ୍କୁ ଶିକ୍ଷା ଦେବା କାରଣ ଜଣେ ଶିକ୍ଷକର ଆବଶ୍ୟକ ଥିବାରୁ ପ୍ରକାଶ କରା ଯାଉଅଛି ଯେ ଯେଉଁ ବ୍ୟକ୍ତି ଇଂରାଜୀରେ ଉତ୍ତମରୂପେ ଲେଖାପଢ଼ା ଓ କଥାଭାଷା କରିପାରୁଥିବ ଏବଂ ଉତ୍କଳଭାଷାରେ ପାରଗ ଥିବ ଅଉ ହିନ୍ଦୁଧର୍ମ ବ୍ୟତିରିକ୍ତ ଅନ୍ୟଧର୍ମାବଲମ୍ବୀ ହୋଇ ନ ଥିବ ଏବଂ ସଚ୍ଚରିତ୍ର ହୋଇଥିବ, ଏପରି ବ୍ୟକ୍ତି କେହି ପ୍ରାର୍ଥୀ ହେବାକୁ ଇଚ୍ଛା କଲେ ଆପଣାର ସାର୍ଟିଫିକେଟ ସହିତ ଦରଖାସ୍ତ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ଚଳିତମାସ ତା ୨୦ ରଖ ମଧ୍ୟରେ ପଠାଇବେ। ଉକ୍ତ ବାବୁ ମହାଶୟ ଯାହାକୁ ମନୋନୀତ କରିବେ ତାହା ଆମ୍ଭର ମନୋନୀତ ହେବ। ପ୍ରକାଶ ଥାଉକି ମାସିକ ବେତନ ୫ ୩୦ ଉତ୍ତରଶ ଟଙ୍କା ମିଳିବ। ଇତି—

୧୩।୧୦।୮୭ ଶ୍ରୀ ରାଜେଶ୍ୱର ଓଝା

। ୭ । ଅଠମଲବ-ଦେଓଁଯାନ—

NOTICE.

Is hereby given that a Peskar is wanted for the Commissioner's Office. The pay of the post is Rs. 50 rising to Rs. 70. Applications with testimonials will be received up to the 20th Instant. Candidates should possess a good knowledge of English and Urya and have experience in office work.

CUTTACK
The 7th Octr. 1887

PURNO CHANDRA RAI.
Personal Asst. to Commissioner.

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ।
ନ ୧୦ ମିର ଷ୍ଟ୍ରିଟ, ଶ୍ୟାମପୁକୁର,
କଲିକତା।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ବିଳମ୍ବିତ ଜ୍ୱର ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗୀମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ।

ଯୋଗସିଦ୍ଧ ରସ।

ଏହି ସ୍ୱସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସବିକପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂୟସହିତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଖଡ଼ିଜଳବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସ୍ୱରା ପୀଡ଼ା ଶୀଘ୍ର ସମୂଳ ବିନଷ୍ଟ ହୁଏ।

ଶ୍ରେଷ୍ଠ ୧ ଶିଶିର ମୂଲ୍ୟ ୫ ୨୧ ବିଡ଼ ୧ ଶିଶିର ମୂଲ୍ୟ ୫ ୩ ପ୍ୟାକିଂ ଖର୍ଚ୍ଚା ୫ ୦ ୶

ପ୍ରଦରାରି—ଗୁଡ଼।

ଏହା ସେବନ କଲେ ଗର୍ଭାଶୟସ୍ଥ ଅଶୁଦ୍ଧ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, ବିଷ୍ଟରକଃ, ଅକାଳରେ ଅଧିକ ପରିମାଣରେ ରକ୍ତପ୍ରସ୍ରାବ, ଜଳଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ। ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ।

୧ ଶିଶିର ମୂଲ୍ୟ ୫ ୨୧ ଓ ପ୍ୟାକିଂ ଖର୍ଚ୍ଚା ୫ ୦୶

Digitized by srujanika@gmail.com

Split by PDF Splitter

ଓଡ଼ିଶା ମିଶନ ପ୍ରେସ କାଠିକା ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

ମେହରୋଗ ।

ଗ୍ରାମ୍ୟଗ୍ରାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଭଲାର୍ଥ ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସ୍ୱୀକାରେ ଜୀବନର ମାୟା ପରିତ୍ୟାଗ କରିନୁହେ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଭିନ୍ନ ଭିନ୍ନ ପ୍ରକାରରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବିସ୍ତୃତିରେ ପରିଣତ ନ ହେଲେ ଆଉ ଅଧିକ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଖବାରମାନଙ୍କରେ ପୁସ୍ତକାକାରେ ପ୍ରକାଶିତ ହେବ ଜଳବିଜ୍ଞାନ ଅବୋଧଶୋଳ ନମ୍ବର ଭବନରେ ସ, ଦେ, ଗୁପ୍ତ ମହାଶୟଙ୍କଠାରେ ଏବଂ କଟକ ବଜାରସ୍ଥ ପ୍ରିଣ୍ଟିଂମହାଶୟଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସିଲ୍ ୫/୬ ଟା । ସ୍ଥାନ ଓ ଭାଡ଼ାଖର୍ଚ୍ଚା ପୃଥକ୍ ।

ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି । ଗତ ଭିନ୍ନବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ-ମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

ବାଲିକାଗଜ ।

ଉଲ୍ଲିଖିତ ସସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟସ୍ଥ ବାବୁ ଅର୍ତ୍ତବଲ୍ଲଭ କର କିମ୍ବାନଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୧୨ ପଣି	ବାଲି	ଦ ୧୬ ଟ ୨୩/	ବ ୧୬ ଟ ୦ ୵୭
୧୪ ପଣି	,,	,, ଟ ୨୩	,, ଟ ୦ ୵୦
୧୨ ପଣି	,,	,, ଟ ୨୨	,, ଟ ୦ ୵
୩୦ ପଣି	,,	,, ଟ ୩	,, ଟ ୦ ୮/୭

ଯେପରିମାନେ ଅର୍ଥାତ୍ ଯେଉଁମାନେ ଏକ ଡ଼ିରେ ୫ ମ ବା ଅଧିକ କ୍ରୟ କରିବେ ଅଡ଼ର ମୂଲ୍ୟ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ଲାଗିବ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନରକୋଣା ଓ ଭଲଗା ଓ ରେଷମୀଓଗେର ଲୁଗା ଓ ଷ୍ଟେସନରୀ ଓ କଲ୍ କବଜା ଇତ୍ୟାଦି ସତ୍ତାରେ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନସ୍ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏଛଡ଼ା ଆମ୍ଭେମାନେ ବଲେର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପରେ ଆପଣା ମଜଲସ ସକାଶେ ବିଭା ଚାହାନ୍ତି ତେବେ ଏକ ଚାଙ୍କୁ ଫି ବିଭା ୫/୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର କିଛି ଖସିଯାଇଥିବା ଭାବ ତାଙ୍କ ଉପରେ ଥିବ । କିଛି ହେଲେ ଝାଡ଼ର ସମ୍ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଜିନିଷ ।

ବିଲାତ ସେଫଣା ଓ ଚର୍ବିରେ ଏବଂ ତେଲରେ ପ୍ରସ୍ତୁତ ।
ବିଲାତ ସିରପ ଓ ବିଲାତ ଚର୍ବିର ଓ ସାବୁ ।
ବିଲାତ ଜେଲିଟିନ ଓ ଜେଲି

Split by PDF Splitter

ISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଗ୍ର ୨୨ ସ
ଫ ୪୧ ଖଣ୍ଡ

ତା ୨୨ ଦିନ ମାନେ ଅନ୍ତର ୫ଟ ୧୮୮୭ ମସିହା । ମ୍ୟ । ବାର୍ଷିକ ଦ ୨ ୨ ୫ଟ ୧୨୧୫ ସାଲ ଚଳିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ପଶ୍ଚାତ୍ଦେୟ ଟ ୨୧

କେନ୍ଦ୍ରାପଡ଼ା-ବଲଦେବଜୀଉଙ୍କ ମଠର ଦେବାଦିପଣ ସମ୍ପର୍କରେ ଯେଉଁ ଫୌଜଦାରୀ-ମୋକଦ୍ଦମା ଉକ୍ତ ମଠର ଜଣେ ମେମ୍ବର ବାବୁ ଦାମୋଦର ଦାସ ଉପସ୍ଥିତ କରିଥିଲେ ତାହା ଗତ ମଙ୍ଗଳବାର ଡିସମିସ ହେଲା । ଅର୍ଥାତ୍ ସେଠା ଡେପୁଟୀ ମାଜିଷ୍ଟ୍ରେଟ ବିନା ଅଭିଯୋଗରେ ଅଗ୍ରିମମାନଙ୍କୁ ଖଲାସ ଦେଲେ । ଆମ୍ଭେମାନେ ମୋକଦ୍ଦମାର ସତ୍ୟ ଦେଖି ନ ଥିବାରୁ ସେ-ସମ୍ପର୍କରେ ବର୍ତ୍ତମାନ କିଛି କହି ପାରୁଲୁ ନାହିଁ । ତନ୍ତ୍ର କେନ୍ଦ୍ରାପଡ଼ାଠାରୁ କଟକପର୍ଯ୍ୟନ୍ତ ଲୋକେ ଯାହା ଶଙ୍କା କରିଥିଲେ ତାହାର ଘଟଣା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ ।

ମରଦଟାଜାହାଜ ମରିଯିବା ଦିନଠାରୁ ମାଦ୍ରାଜ ଦେଖାଙ୍କର ବଲିବତା ଓ ଗୁଣ-ବାଲ ଶେଷ ହେଉଥିଲା । ସମ୍ପ୍ରତି ଓଡ଼ିଆନାମଧାରୀ ଏ ନୂତନ ଜାହାଜ ବଲ-ତରୁ ଅଣ୍ଟିଆ ଦୁଇସପ୍ତାହ ହେଲା ଶେଷ ଆରମ୍ଭ କରିଅଛନ୍ତି । ଯେଉଁମାନେ ଏ ଜାହାଜ ଦେଖି-ଅଛନ୍ତି ସେମାନେ ତାହା ପ୍ରଶଂସା କରୁଅଛନ୍ତି । ଯାତ୍ରିଙ୍କ କାର୍ଯ୍ୟରେ ଏମନ୍ତ ସୁନ୍ଦର ଓ ଅଗ୍ରମଦା-ୟକ ଜାହାଜ ଆଉ କେବେ ନିଯୁକ୍ତ ହୋଇ ନ ଥିଲା । ଏ ଜାହାଜରେ ବିଦ୍ୟୁତୀୟ ଆଲୋକ ରାତିରେ ଦୟାପିବାର ବନ୍ଦୋବସ୍ତ ହୋଇଅଛି । ସମସ୍ତ ରାତି ଆଲୁଅ ରହିଥାଏ । ଓଡ଼ିଆ ଯାତ୍ରି-ମାନେ ଏଥିରେ ଯିବା ଆସିବା କରିବାକୁ ସୁଖ ପାଉଅଛନ୍ତି ।

ଗତ ରବିବାର ଦୀପାବଳିପର୍ବ ହୋଇଥିଲା । ସଂକ୍ରାନ୍ତି ଓ ଅମାବାସ୍ୟା ଏକତ୍ରେ ପଡ଼ିବାରୁ ବୃଷ୍ଟି ଓ ତୋଫାନର ଭୟ ଥିଲା ମାତ୍ର ସେ ସମସ୍ତ କିଛି ହୋଇ ନାହିଁ । ବରଂ ଗଗ-ଣାକାଶ ନିର୍ମଳ ଥିଲା । ଏ ନଗରରେ ସେ ଦିନ ଯେଉଁ ରୋଷନାଇ ହୋଇଥିଲା ତାହା ଅତ୍ୟନ୍ତ ଉଜ୍ଜ୍ୱଳ ଥିଲା । ଗତବର୍ଷ ମାରବାଡ଼ିମାନେ ନୂଆ-ସଡ଼କରେ ଗୋଟିଏ ସୁନ୍ଦର ବନ୍ଦୀଜିଦ୍ୟାନ ସଜାଇ ଦେଇଥିଲେ ଏ ବର୍ଷ ତାହା କିଛି ଦେଖାଗଲା ନାହିଁ । ବାଲୁଚଜାରରେ ମଧ୍ୟ ରୋଷନାଇ ଉଣା ଥିଲା । ଏ ବର୍ଷର ରୋଷନାଇ ଦେଖି ଜଣାଗଲା ଯେମନ୍ତ ଲୋକଙ୍କର ପ୍ରଫୁ-ଲ୍ଲତା ବା ଉତ୍ସାହ କିଛି ନାହିଁ କେବଳ ଦାୟରେ ପଡ଼ି ଯେମନ୍ତ ଗୋଟାକେତେ ଘରେ ଜାଳିଥିଲେ । ଲୋକଙ୍କର ଅର୍ଥପ୍ରତି ଅଧିକ ମମତା ବା ଅର୍ଥର ଟଣାଟଣି ଏଥିର କାରଣ ହୋଇପାରେ । ଶେଷଲିଖିତ କାରଣଟି ମଳକୁ ଅଧିକ ଘେନୁ-ଅଛି ।

ବଙ୍ଗଦେଶର ପାଗଲଖାନାମାନଙ୍କର ବଳ ୧୮୮୭ ସାଲର ବିଜ୍ଞପ୍ତିରୁ ପ୍ରକାଶ ଯେ ଉକ୍ତ ବର୍ଷ ଆରମ୍ଭରେ ଜ ୧୫୫ ଣ ଓ ବର୍ଷ ଶେଷରେ ଜ ୧୫୭ ଣ ରହିଥିଲେ ସୁତରାଂ ବର୍ଷ ମଧ୍ୟରେ ଅମଦାନ ରପ୍ତାନ ପ୍ରାୟ ସମାନ ଥିଲା କେବଳ ଦୈନିକ ଦାଖଦାର ଉପସ୍ଥିତ ସଂଖ୍ୟା କିଛି ଅଧିକ ହୋଇଥିଲା । ଏସବୁ ପାଗଲଖାନାର ମୋଟ ଖର୍ଚ୍ଚ ଟ ୮୮୧୧୦୧ ଟଙ୍କା ଉକ୍ତ ସନରେ ପଡ଼ିଥିଲା ଓ ତହିଁ ପୂର୍ବ ବର୍ଷର ଖର୍ଚ୍ଚ ଟ ୮୭୨୭୧୧ ଟଙ୍କା ଥିଲା । ଏ ନଗରରେ ଯେଉଁ ପାଗଲଖାନା ଅଛି ତହିଁରେ ପାଗଲମାନଙ୍କ ରହିବା ସବାଶେ ସ୍ଥାନ ନିତାନ୍ତ ଦେବାରୁ ପାଗଲଖାନା ଘର ବଢ଼ାଇବା ନିମିତ୍ତ ଆଦେଶ ହୋଇଅଛି । ଗବର୍ଣ୍ଣମେଣ୍ଟ ଅଦ୍ୟର ଅଙ୍କ କରିଅଛନ୍ତି ଓ ଯେଉଁ ପାଗଲମାନେ ସାମାନ୍ୟ ଅପରାଧ ହେତୁ କଏଦ ହୋଇଅଛନ୍ତି ଅଥଚ ଭୟଙ୍କର ନୁହନ୍ତି ସେମାନଙ୍କୁ ଅଧିକ ଦିନ କଏଦ ରଖିବାର ପ୍ରୟୋଜନ ନାହିଁ ।

ଗତ ସପ୍ତାହ ପୂର୍ବ ଶନିବାରଠାରୁ ଯେଉଁ ମେଘୁଆପାଗ ଓ ବର୍ଷା ଏପ୍ରଦେଶରେ ହୋଇ-ଥିଲା ତାହା ଗୋଟିଏ ସାମାନ୍ୟ ତୋଫାନରଫଳ ଥିବାର ଜଣା ଯାଇଅଛି ଉକ୍ତ ତୋଫାନ ବଙ୍ଗୋପସାଗରର ଦକ୍ଷିଣଭାଗରେ ତଳଇମାସ ତା ୭ ରଖରେ ଆରମ୍ଭ ହୋଇ ମନ୍ଦ୍ରାଜ-ଉପକୂଳରେ ତା ୧ ରଖରେ ପହଞ୍ଚିଥିଲା ଏବଂ କ୍ରମାଗତ ପଶ୍ଚିମାଭିମୁଖେ ଗମନ କରି ପଶ୍ଚିମଘାଟ ପର୍ବତମାଳାକୁ ଡେଇଁ ଆରବସାଗରରେ ତା ୧୦ ରଖରେ ମିଳାଇଗଲା । ଏ ତୋଫାନରେ

Digitized by srujanika@gmail.com

Split by PDF Splitter

ବିଭାସର ବଳ ଅଧିକ ନ ଥିଲା । ମନ୍ଦ୍ରାଜ୍‌ରୁପ-ବ୍ଲକରେ ଦେଢ଼େ ଖଣ୍ଡ ମାଲ୍‌ଟୋଲାଇ ଲୌହା ଓ ଦେଶୀ ଗ୍ରେଟ୍ ଲୌହା ଭିନ୍ନ ଅନ୍ୟ ଦ୍ରବ୍ୟ କ୍ଷତି ହୋଇ ନାହିଁ । ଏହି ଭୋପାଳ-ହେତୁ ମାନ୍ଦ୍ରାଜ ଓ ବମ୍ବେପ୍ରଦେଶର ଅନେକ ସ୍ଥାନରେ ଭାରି ବର୍ଷା ହୋଇଅଛି ଓ ସେହି ସମ୍ବୋଗରେ ଓଡ଼ିଶାରେ ବୃଷ୍ଟି ହେବାରୁ ଦୁର୍ଭିକ୍ଷ ନିବାରିତ ହୋଇଅଛି । ଏ ବୃଷ୍ଟି ହୋଇ ନ ଥିଲେ ନିଅଙ୍କର ଭୟଙ୍କର ମୂର୍ତ୍ତି ବର୍ତ୍ତମାନ ପ୍ରତ୍ୟକ୍ଷ ହୋଇଥାନ୍ତା ।

ବଙ୍ଗବାସିରେ ପାଠକଙ୍କୁ ଯେ ପଞ୍ଜିକାର ଭ୍ରମ ସଂଶୋଧନ ନିମିତ୍ତ କଲିକତାର ବିଖ୍ୟାତ ମହାତ୍ମା ଯତୀନ୍ଦ୍ରମୋହନ ଠାକୁର ଓ ତାହାଙ୍କ ଭ୍ରାତା ଡାକ୍ତର ସୌରୀନ୍ଦ୍ରମୋହନ ଠାକୁର ଯଥୋଚିତ ଅର୍ଥିକ ସାହାଯ୍ୟ କରିବାକୁ ପ୍ରସ୍ତୁତ ହେବାରୁ ସେମାନଙ୍କ ସାହାଯ୍ୟରେ ମହା-ମହୋପାଧ୍ୟାୟ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ କାଶୀଧାମକୁ ଯାଇ କରିଅଛନ୍ତି । ସେଠାରେ ପଣ୍ଡିତ ବାସୁଦେବ ଶାସ୍ତ୍ରୀ ମହାଶୟଙ୍କ ସହିତ ସମ୍ମିଳନ କରି ଅସି ବଙ୍ଗଳାର ପଣ୍ଡିତମାନଙ୍କୁ ଶୁଦ୍ଧରୂପେ ପଞ୍ଜିକା ପ୍ରସ୍ତୁତ କରିବା ବିଷୟରେ ଉପଦେଶ ଦେବେ । ଶାସ୍ତ୍ରୀ ମହାଶୟ ବୃଦ୍ଧ-ବୟସରେ କାଶୀ ତ୍ୟାଗ କରି କୌଣସିସ୍ଥାନକୁ ଯିବେ ନାହିଁ । ସୁତରାଂ ନ୍ୟାୟରତ୍ନ ମହାଶୟ ତାହାଙ୍କ ନିକଟକୁ ଯାଇଅଛନ୍ତି । ନ୍ୟାୟରତ୍ନ-ମହାଶୟଙ୍କର ଏହି କାର୍ଯ୍ୟଟି ତାହାଙ୍କ ସ୍ୱଭାବର ଅନୁରୂପ ହୋଇଅଛି ଓ ଠାକୁରଦ୍ୱୟ ଏ ବିଷୟରେ ଅର୍ଥସାହାଯ୍ୟ କରି ଦେଶହିତୈ-ଷିତା ଏବଂ ସଦ୍‌ବ୍ୟୟର ଯଥାର୍ଥ ପରିଚୟ ଦେଇଅଛନ୍ତି ।

ଭଲ୍ଲମିଶ୍ରର ନିକଟସ୍ଥ ଗୋଟିଏ ଗ୍ରାମରେ ଜଣେ ଷାଠିଏ ବର୍ଷର ବୃଦ୍ଧଙ୍କୁ ତାହାର ପୁତ୍ର ନିମ୍ନ-ଲିଖିତ କାରଣରେ ବଧ୍ୟ କରିଥିବାର କଥା ହୁଏ । ପୁତ୍ର ନିଶାଖୋର । ପିତା ପୁତ୍ରକୁ ନିଶା ସେବନ କରିବାକୁ ଅନେକଥର ନିବାରଣ କରିଥିଲା ଓ ମଧ୍ୟ ଶାସନ କରିଥିଲା । ଏକଦିନ ବୃଦ୍ଧପିତା କିଛି ଟଙ୍କା ପ୍ରାପ୍ତ ହୋଇଥିଲା ପୁତ୍ର ତାହା ଦେଖି କିଛି ପାଇବାର ଆଶା କରିଥିଲା ତନ୍ତୁ ପିତା ଉକ୍ତ ଟଙ୍କାକୁ ଅପବ୍ୟୟ ନ କରି ତାହାଦ୍ୱାରା ବର୍ଷା ଅବାପ୍ତ କରୁଥିଲା । ପୁତ୍ର ନିରାଶ ହେବାରୁ ପିତା ଉପରେ ଅତିଶୟ ଅସନ୍ତୁଷ୍ଟ ଓ କ୍ରୋଧା-ନ୍ୱିତ ହୋଇ ପିତାର ଅନ୍ୟାୟ କାର୍ଯ୍ୟର ପ୍ରତି ହିଂସା ନେବାର ମନେ ୨ ଉପାୟ ସ୍ଥିର କଲା । ପିତା ପ୍ରତିଦିନ ଯେପରି ପ୍ରାତଃକାଳରୁ ସ୍ନାନ ଦ୍ୱାରା ଦେହ ଗୋଚରଣ କରିବାକୁ ଯାଏ ସେହିପରି ଯାଇଥିଲା । ପୁତ୍ର ପିତାର ପଶ୍ଚାତ୍‌ଗାମୀ ହୋଇ ସୁଯୋଗ ଅପେକ୍ଷା କରୁଥିଲା । ଗୋଟିଏ ଜୁଡ଼ିଗ୍ରାମ ମଧ୍ୟରେ ପିତାକୁ ଗଡ଼ ଚିତ୍ରିତ ବେଶି ଛୁରିକାଦ୍ୱାରା ଗଳଦେଶରେ ଅଘାତକଲା । ବୃଦ୍ଧପିତାର ପ୍ରାଣବାୟୁ ବହିର୍ଗତହେଲା । ପୋଲିସ ତଦନ୍ତରେ ପୁତ୍ର ଧୃତ ହୋଇ ଅପରାଧ ସ୍ୱୀକାର କରିଅଛି । ପାଠକେ ! ପିତା ପୁତ୍ରର ବ୍ୟବହାର ଦେଖିଲ ? ଇଦାନୀନ୍ତନସମୟରେ ଏହିପରି ଅଶ୍ରାବ୍ୟ ଭୟଙ୍କର ହୃଦୟବିଦ୍ରାବକ କଥାମାନ କେତେ ଶୁଣାଯାଉଅଛି ଓ ଶୁଣାଯିବ ।

ଏବର୍ଷ ଗାଢ଼ଜଳଧାରାକୁ ପଞ୍ଚମବୃଦ୍ଧିଯୋଗ ଲାଗିଅଛି । ବାଠଯୋଡ଼ାନଗରରେ ପ୍ରାୟ ପ୍ରତିବର୍ଷ ଦଶହରାସମୟରେ ଲୋକେ ପଣ୍ଡି ପିଠା ଅସିଠା କରନ୍ତି ମାତ୍ର ଏବର୍ଷ ନଗରରେ ଏପର୍ଯ୍ୟନ୍ତ ପଣ୍ଡିପିଠାର ଚର୍ଚ୍ଚା ହୋଇ ନାହିଁ । ତହିଁରେ ପୁଣି ଗତ ମଙ୍ଗଳବାରଦିନ ନଗର ବିଶେଷ ବୃଦ୍ଧି ହୋଇଥିଲା । ଉପରମୁଣ୍ଡରେ ବୃଷ୍ଟି ହୋଇଥିବାର ଏଥିରୁ ପ୍ରମାଣିତ ହେଉ-ଅଛି । ନଗରରେ ଜଳ ବିଶେଷ ହେବାରୁ ଗାଡ଼ିଗାଡ଼ି ଶୀଘ୍ର ୨ ଗାଡ଼ିଭଡ଼ାଲ ନେବାର ଯାହା କଳ୍ପନା କରୁଥିଲା ତାହା ରହିତ ହୋଇଅଛି । ମଧ୍ୟ ବର୍ତ୍ତମାନ ପଞ୍ଚକ ନିମିତ୍ତ ଶ୍ରୀ ପୁରୁଷୋତ୍ତମ-କ୍ଷେତ୍ରକୁ ବହୁତ ଯାତ୍ରୀ ଯାଉଅଛନ୍ତି । ଏମନ୍ତ ଏ ଗତ ଗୁରୁବାରଦିନ ସନ୍ଧ୍ୟାକାଳରେ ଫଟେ-ମୁଖା ନିକଟ ପୁଷ୍ପଘାଟରେ ଯାତ୍ରା ହେଲାପାଇ ଲୋକଗହଳ ହୋଇଥିଲା । ଅନେକବର୍ଷ ଉତ୍ତାରୁ ପଞ୍ଚକସମୟରେ ବାଠଯୋଡ଼ାରେ ନଗରାର ଦେବାର ଏବର୍ଷ ଦେଖାଗଲା । ସୁତରାଂ ଗାଢ଼ ଜଳଧାରାର ଅଉ ଅନନ୍ତର ସୀମା ନାହିଁ । ନଗରାରର ବନୋବସ୍ତ ଉତ୍ତମ ଥିବାରୁ ଯାତ୍ରା ଉତ୍ତମ ହେବାରେ ଲୋକଙ୍କର କେତେମାତ୍ର କଷ୍ଟ ହେବାର ଦେଖା ନ ଗଲା ।

ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଦରିଦ୍ରମାନଙ୍କୁ ଦୟା କରିବାକୁ ସର୍ବଦା ପ୍ରସ୍ତୁତ ଥିଲେହେଁ ଯେତେ ବିଧି ବ୍ୟବସ୍ଥା ପ୍ରଚାର କରୁଅଛନ୍ତି ତାହା ଦୁଃଖି-ମାନଙ୍କୁ ବାଧୁଅଛି । ଦଅଲଅମାବାସ୍ୟା ସମୟରେ ଅନେକଦୁଃଖିଲୋକ ଏଠାରେ ଫଟକା ଭଳି ତାରଦଖେଳନାମାନ ପ୍ରସ୍ତୁତ କରି ଦୁଇପଇସା ଅର୍ଜୁଥିବେ । ଏ ବର୍ଷ ମାଜିଷ୍ଟ୍ରେଟ୍‌ସାହେବ ଏମନ୍ତ ଜଣାଇଲେ ଯେ ଫିଏ ଦେଇ ପଞ୍ଜି ଦେବା-ବ୍ୟକ୍ତିଙ୍କ ଭିନ୍ନ ଅନ୍ୟ କେହି ତାହା ସବୁ ପ୍ରସ୍ତୁତ ବା ବିକ୍ରୟ କରିପାରିବେ ନାହିଁ । ଗୋଟିଏ ବ୍ୟ-ସମ୍ବନ୍ଧୀୟ ନୂତନ ବିଧି ଅନୁସାରେ ମାଜିଷ୍ଟ୍ରେ-ସାହେବ କାର୍ଯ୍ୟ କରିଥିବାରୁ ତାହାଙ୍କର ଦୋଷ ଆମ୍ଭମାନେ ଦେଇ ନ ପାରୁଁ । ଦୋଷ ଅବଶ୍ୟ ଗବର୍ଣ୍ଣମେଣ୍ଟଙ୍କର କାରଣ ନିୟମ କରିବାକେବେ ଦୁଃଖିମାନଙ୍କଠାରୁ ଯାହା ବିଚାର ନ ଯାଇଛେ । ଦଶହରାସମୟରୁ କେତେଜଣ ଗରିବ ଗଣ୍ଡିଆ ଏକତ୍ର ହୋଇ ଅପଣା ଦୁଃଖ ମାଜିଷ୍ଟ୍ରେଟ୍‌ସା-ହେବଙ୍କୁ ଜଣାଇଥିବେ ମାତ୍ର ତହିଁରେ ଫଳ ହେଲା ନାହିଁ । ତାହା ପଞ୍ଜିରେ ଫଟକା ଲେଖାଇ ବିକ୍ରୟ କରିବା ନିଷେଧ ହେବାରୁ ପ୍ରତିବର୍ଷରେ ବର୍ଷକୁ ବର୍ଷ ଯେମନ୍ତ ଦୁଇ ଚାରି ଦୋକାନ ବସୁଥିଲା ଏ ବର୍ଷ ତାହା ହେଲା ନାହିଁ । ଗରିବମାନେ ଜୀବନଧାରଣର ଗୋଟିଏ ଉପାୟରୁ ବଞ୍ଚିତ ହେବେ ହେବେ ପଞ୍ଜିକାରମାନଙ୍କର ଦୁଇପଇସା ଅଧିକ ଲାଭ ହେଲା । ଗରିବକୁ ମାତ୍ର ବିପଦ ଦେଇଥିବା ଜଣେ ଭଲ ଚାହିଁଲେ ଓ ସେହି ନିୟମ-ହେତୁ ଏପରି ହେଲା ତାହା ଶୀଘ୍ର ପରିବର୍ତ୍ତନ ଆବଶ୍ୟକ । ଚିନ୍ତା ବାବୁମାନେ ଏପରି ଏକଥା ଭାବିବେ ?

ବିଦେଶରୁ ଅସିଥିବା ସମାଦର ଯେଉଁ ସାଲ-ସଂପ୍ରତି ଚଳିମାସ ତା ୨୨ ତାରିଖର ଷ୍ଟେଟ୍‌ସ୍-ମାନରେ ଶ୍ରୀ ହୋଇଅଛି ତହିଁରେ ଦେଖା ଅଛି ରୁଷିଆର ମସ୍କୋଗଜେଟ ନାମକ ସମାଦପତ୍ରରେ ବଣ୍ଟିପଟିଂହ ଗୁଜାରମାନ ବର୍ଣ୍ଣିତ ହୋଇ ଚର୍ଚ୍ଚାଯୋଗ୍ୟରେ ଏହିପରି ମନ୍ତବ୍ୟ ପ୍ରକାଶିତ ହୋଇଅଛି ଯେ "ବଣ୍ଟିପଟିଂହ ରୁଷିଆ-ରେ ପଶିଥିବାରୁ ତାହାଙ୍କର ପ୍ରଜାବର୍ଗଙ୍କର ମନ ବଡ଼ ପ୍ରଫୁଲ୍ଲ ହୋଇଅଛି କାରଣ ରୁଷିଆର ଲଂସ୍ୱଜଙ୍କ ଦସ୍ତରୁ ଛାଡ଼ିବାର ଆଶା ତାହାଙ୍କ ହୃଦୟରେ ଅଛି । ବଣ୍ଟିପଟିଂହ ପ୍ରତି ଲଂଲଣ୍ଡ ଯେପରି ବ୍ୟବହାର କରିଅଛି ତହିଁରୁ ପ୍ରକାଶ ଯେ ଉକ୍ତ ରାଜ୍ୟ ବିଚାର ଓ ସତ୍ୟରକ୍ଷା ଅପେକ୍ଷା କରି ସ୍ୱଭୋଗକରେ ଅର୍ଥବଳ କରିବାରେ ମୁଗ୍ଧ ହେଉଅଛି । ମହାରାଜା ବଣ୍ଟିପଟିଂହ ଲଂସ୍ୱଜଙ୍କଠାରୁ ପୃଥକ୍ ହୋଇ

Digitized by srujanika@gmail.com

Split by PDF Splitter

ରୁଷିୟାରେ ତରବାରି ବାସ କରିବାର ମଜସ୍ତ କରିଅଛନ୍ତି ଏବଂ ରୁସିୟା ଭାଦାଙ୍କଠାରେ ସମ୍ପୂର୍ଣ୍ଣ ସମାନୁଭୂତ ପ୍ରକାଶପୂର୍ବକ ଆଦର ସହିତ ତାହାଙ୍କୁ ଗ୍ରହଣ କରିଅଛନ୍ତି" । ମସ୍କୋଗଜେଟ୍‌ର ଏପରି ଲେଖାରେ ଆମ୍ଭେମାନେ ଆଶ୍ଚର୍ଯ୍ୟ ଦେଉ ନାହିଁ । ରୁସିୟାର ଭାରତବର୍ଷ ପକ୍ଷରେ ଯେଉଁ ଅଭିସନ୍ଧି ଥିବାର କ୍ରମାଗତ ଦେଖା ଯାଉଅଛି ତାହା ବିଚାର କଲେ ସେ ଦେଶର ସମ୍ବାଦପତ୍ର ଦର୍ଶିପସିଂହଙ୍କୁ ପାଇ ଏପରି ଲେଖିବା ବିଚିତ୍ର ନୁହେଁ । କିନ୍ତୁ ଭାରତବାସୀମାନେ ଏତେ ମୂର୍ଖ ନୁହନ୍ତି ଯେ ଏକା ଦର୍ଶିପସିଂହଙ୍କ ସ୍ୱାସ ଲାଗି ଇଂରାଜଶାସନାଧୀନରେ ରହି ସେମାନେ ଯେତେ ସୁଖ ଓ ଉନ୍ନତି ଲାଭକରିଅଛନ୍ତି ଓ ଲାଭକରୁଅଛନ୍ତି ସେ ସମସ୍ତ ଗାଣ୍ଡୋର ଯାଇ ରୁସିୟାର ସମ୍ବାଦପତ୍ରର କଥାରେ ଭୁଲିବେ । ଇଂରାଜଶାସନପ୍ରତି ଆମ୍ଭମାନଙ୍କର ଏମନ୍ତ ଦୃଢ଼ ଭକ୍ତି ଓ ବିଶ୍ୱାସ ଯେ ବିଦେଶୀୟଙ୍କ ଶାସନରେ ରହିବା ପର୍ଯ୍ୟନ୍ତ ଅନ୍ୟ କାହାର ଅଧୀନ ହେବାକୁ ଚାହାଁ କରିବୁଁ ନାହିଁ ଥାଉ ରୁସିୟାର ଶାସନ-ପ୍ରଣାଳୀ ଇଂରାଜଙ୍କଠାରୁ ଉତ୍କୃଷ୍ଟ ନ ଥିବାର ଭାରତବାସିଙ୍କର ବୁଝିବାର ବାକି ନାହିଁ ।

ସର୍ ଜନ୍ ଲାରେନ୍ସ୍ ।

ସର୍ ଜନ ଲାରେନ୍ସ୍ ଜାହାଜ ମରିପଡ଼ିବାରୁ ତହିଁର କାରଣ ଅନୁସନ୍ଧାନ ନିମିତ୍ତ ଗୋଟିଏ ଅଦାଲତ ବସିଥିବା ଏବଂ ଉକ୍ତ ଅଦାଲତ ଅନୁସନ୍ଧାନର ଫଳ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ଏଥି ପୂର୍ବେ ପାଠକମାନେ ଅବଗତ ଅଛନ୍ତି । ଅଦାଲତର ରିପୋର୍ଟକୁ ଏକ ମନ୍ତବ୍ୟ ସହିତ ଗବର୍ଣ୍ଣମେଣ୍ଟ ସର୍ବସାଧାରଣଙ୍କ ଜାଣିବା ଲାଗି ପ୍ରକାଶ କରିଅଛନ୍ତି । ଜାହାଜ କପ୍ତାନର ଅବାବଧାନତା ଓ ଦୁଃସାହସରୁ ମରିପଡ଼ିଲା ଏବଂ କପ୍ତାନ ପ୍ରଭୃତି କର୍ମଚାରୀମାନେ ସମସ୍ତେ ମରିପଡ଼ିଥିବାରୁ ସେ ବିଷୟରେ ଆଉ କିଛି ହୋଇ ନ ପାରେ । କିନ୍ତୁ ଏହି ଅନୁସନ୍ଧାନରେ ତିନୋଟି ଗୁରୁତର ଅଭାବ ପ୍ରକାଶ ପାଇଅଛି ଯଥା—(୧) ଚୋଫାଳର ସଙ୍କେତ ଦେବା ଏବଂ ଅନାମାନଦ୍ୱୀପରୁ ଭାରଯୋଗେ ବାର୍ତ୍ତାଦ୍ୱାରା ଘଟଣାର ସମ୍ବାଦ ଅଣାଇବା (୨) ଜାହାଜର ଅବସ୍ଥା ତଦାରକ ଅର୍ଥାତ୍ ସର୍ଭେ କରିବା ଏବଂ (୩) ଜାହାଜରେ ଯେତେ ଯାତ୍ରି ଚଢ଼ିଲେ ସେମାନଙ୍କର ଠିକ ସଂଖ୍ୟା କରିବା ଏବଂ ସେମାନଙ୍କ ସୁଖସ୍ୱଚ୍ଛନ୍ଦତା ପ୍ରତି ଦୃଷ୍ଟି କରିବା । ଏହି ତିନି ବିଷୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ନିଶ୍ଚୟ କିଛି ଅଳ୍ପ ନ ଦେଇ ବିଭାଗୀୟ କର୍ମଚାରୀଙ୍କଠାରୁ ରିପୋର୍ଟ ତଲବ କରିଅଛନ୍ତି । ପ୍ରଥମ ଅଭାବ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଲେଖିଅଛନ୍ତି ଯେ ରୋର୍ଟ କମିଶନରଙ୍କ ଅଭିପ୍ରାୟ ଜାଣିଲା ଉତ୍ତାରୁ ଚୋଫାଳର ସଙ୍କେତ ଦେବା ବିଷୟରେ ଯେପରି ନିୟମ କରିବାର ଉଚିତ ହେବ ତାହା କରିବେ । ଅନାମାନଦ୍ୱୀପରୁ କଲିକତାକୁ ତାରଡାକ ବସାଇବାର କଳ୍ପନା ଅନେକ ଦିନରୁ ହୋଇଅଛି ମାତ୍ର ଏକଆଡ଼ି ବିଶେଷ ବ୍ୟୟସାଧ୍ୟ ଓ ଗବର୍ଣ୍ଣମେଣ୍ଟଙ୍କ ଆର୍ଥିକ ଅବସ୍ଥା ବର୍ତ୍ତମାନ ସଚ୍ଛଳ ନ ଥିବାରୁ ସେ କାର୍ଯ୍ୟ ହୋଇ ପାରୁ ନାହିଁ ତଥାପି ଇଣ୍ଡିୟା ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟ ପୁନର୍ବାର ଲେଖାଯିବ ।

୨ୟ ଅଭାବ ସମ୍ବନ୍ଧରେ ବିଶେଷରୂପ କରିବା ନିମିତ୍ତ ପୋର୍ଟ କମିଶ୍ନରମାନଙ୍କୁ ଅନୁରୋଧ ହୋଇଅଛି ଏବଂ ରୁଷିଆ ସାହେବ ୫୧୦୦୦ଙ୍କୋ ନେଇଥିବା ବିଷୟରେ ତାହାଙ୍କଠାରୁ ଜବାବ ତଲବ ହୋଇଅଛି ସେସବୁ ଆସିଲେ ମାନ୍ୟବର ଷ୍ଟେଟ ଲାଟସାହେବ ବହୁତ ଆଦେଶ ଦେବେ ।

୩ୟ ବିଷୟଟି ସର୍ବାପେକ୍ଷା ଗୁରୁତ୍ୱ ଏବଂ ଅଦାଲତ ଏ ସମ୍ପର୍କରେ ଗୁରୁତ୍ୱରେ ଏହିରୂପ ମନ୍ତବ୍ୟ ଲେଖିଅଛନ୍ତି ଯେ କଲିକତା ଲଲିକତା ମଧ୍ୟରେ ଯାତ୍ରିଚୋଲାଳ ବ୍ୟବସାୟରେ ଯେ ସମସ୍ତ ଜାହାଜ ନିଯୁକ୍ତ ଅଛି ସେସବୁ ଅପଶ୍ୟ ପନ୍ଥା ଅନୁସାରେ ଯାତ୍ରୀ ନିଅନ୍ତି ଯେ କାହା ଭିତ୍ତିର ଉଚ୍ଚ ତଦାରକ ଗୁଣବାଲ ବା କଲିକତାରେ ହୁଅଇ ନାହିଁ । ପନ୍ଥାର ଅଭାବରୁ ଯାତ୍ରି ନେବାର ସମ୍ପୂର୍ଣ୍ଣ ସୁବିଧା ଜାହାଜର କପ୍ତାନ ଓ ମାଲିକମାନେ ପାଇଅଛନ୍ତି । ଅଦାଲତ ଅନ୍ତରେ କହି ଅଛନ୍ତି ଯେ ବର୍ତ୍ତମାନ ଯାତ୍ରୀ ନେବା ବିଷୟରେ ଯେଉଁ ନିୟମ ଅଛି ତଦ୍ୱାରା ସମୟ୍ୟରେ ଜାହାଜରେ ଅଭାବରୁ ଭିଡ଼ ହୁଅଇ ଏବଂ ଯେ ସମସ୍ତ କଥା ଉପରେ ନିର୍ଭର କରି ଗବର୍ଣ୍ଣମେଣ୍ଟ ଏବଂ ଯାତ୍ରିଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ କରିଅଛନ୍ତି ସେସମସ୍ତ ପୁନର୍ବାର ଦେଖିବା ଓ ସଂଶୋଧନ କରିବାର ଆବଶ୍ୟକ । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏ ବିଷୟରେ କଲିକତାର ପୁଲିସ କମିଶ୍ନର ଏବଂ ଓଡ଼ିଶାର ବିଭାଗୀୟ କମିଶ୍ନରଙ୍କଠାରୁ ରିପୋର୍ଟ ତଲବ କରିଅଛନ୍ତି । ଏମାନଙ୍କର ରିପୋର୍ଟ ପାଇଲେ ବହୁତ ଆଦେଶ ଦେବେ । ଆମ୍ଭେମାନେ ଆଶାକରୁଁ ଯେ ଏହି ଅନୁସନ୍ଧାନର ଫଳସ୍ୱରୂପ ଭବିଷ୍ୟତରେ ଏମନ୍ତ ବନ୍ଦୋବସ୍ତ ହେବ ଯେ ଜାହାଜରେ ଯାତ୍ରିମାନେ ଥରେ ଯେମନ୍ତ ମେଣ୍ଟାପଲ ନ୍ୟାୟ ଭଡ଼ି ଭଡ଼ି ହୋଇ ଆସିବାର ଦେଖାଯାଇଅଛି ସେପରି ଆଉ ହେବ ନାହିଁ । ଗୁଣବାଲଠାରୁ ଯିବାବେଳେ ଏକଗୁଣ ଓ ଆସିବାବେଳେ ଏକଗୁଣ ବୁଝିଗୁଣ ଜାହାଜରେ ଯାତ୍ରିମାନଙ୍କର ବାସ ହୁଅଇ । ଜଣେ ମନୁଷ୍ୟ ଶୋଇବାଭଳି ସ୍ଥାନ ଏବଂ ବ୍ୟକ୍ତିର ଦିଅ ନ ଗଲେ ସୁଖର କଥା ଛେଣ୍ଡି ଥାଉ ଶରୀର ରକ୍ଷା ହେବାର କଠିନ । ଶୀତକାଳର କଥା ଏକପ୍ରକାର କିନ୍ତୁ ଖରାଦିନେ ଜାହାଜ ଚଳମଚଳ ହେବା ସମୟରେ ଯାତ୍ରିମାନେ ଶୋଇବାକୁ ସ୍ଥାନ ନ ପାଇ ଏବଂ ଅନ୍ୟ ଉପରେ ନିଦ ହେବାର ଏବଂ କେହି କାନ୍ଦି କରିବାର ଦେଖାଯାଇଅଛି । ଏସବୁ ବଡ଼ ଦୁଃଖର କଥା । ଯାତ୍ରିଙ୍କର ଏହି ଦୁର୍ଦ୍ଦଶା ଯେବେ ଘୁଚିଯାଏ ତେବେ ବିଭାଗୀୟ ସର୍ ଜନ୍ ଲାରେନ୍ସର ସକଳାଙ୍କରୁ ଏହି ଗୋଟିଏ ମଙ୍ଗଳଫଳ ହେଲା ବୋଲି କହିବାକୁ ହେବ । ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ କମିଶ୍ନର ସାହେବ ସ୍ୱୟଂ ଯାତ୍ରିଙ୍କର ଦୁର୍ଦ୍ଦଶା ଦେଖିଅଛନ୍ତି ଏବଂ ତାହା ନିବାରଣର ସମୁଚିତ ପରାମର୍ଶ ଗବର୍ଣ୍ଣମେଣ୍ଟଙ୍କୁ ଦେବେ ।

ବାଲେଶ୍ୱର ବାରବାଟିସ୍କୁଲ ବାଣ୍ଡ ।

ଏଥିପୂର୍ବେ ଆମ୍ଭେମାନେ ଏ ବିଦ୍ୟାଳୟ-ଘଟିତ ବିବାଦର ବିବରଣ ପ୍ରକାଶ କରିବା ସମୟରେ କୁମାର ବୈକୁଣ୍ଠନାଥ ଦେଙ୍କ ଅଭ୍ୟାଚାରର କାରଣ କିଛି ବୁଝି ନ ପାରିବାର ଲେଖିଥିଲୁଁ । ଗତ ସପ୍ତାହର ବାଲେଶ୍ୱର ସମ୍ବାଦବାହକରେ ତହିଁର ଗୋଟିଏ କାରଣ ପ୍ରକାଶିତ ହୋଇଅଛି । ତାହା ଏହି ଯେ ଉକ୍ତ ସ୍କୁଲର ଫଣ୍ଡରେ ୨୮୭ ଶ ୪ଙ୍କା ଜମା ଅଛି ଏବଂ ତହିଁରେ ସ୍କୁଲନିମିତ୍ତ ଗୋଟିଏ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବାର ପ୍ରସ୍ତାବ ହୋଇଅଛି । ଏଥିପୂର୍ବେ ସ୍କୁଲର ଇନ୍‌ସ୍ପେକ୍ଟର ଓ ଜିଏଣ୍ଟଇନ୍‌ସ୍ପେକ୍ଟରମାନେ ଏ ୪ଙ୍କାକୁ ସେଭିଙ୍ଗସ୍‌ବାଙ୍କରେ ଜମା କରିବାର ଆଦେଶ ଦେଇଥିଲେ ମାତ୍ର ଏ ୪ଙ୍କାରୁ ଇଟା ଇତ୍ୟାଦି ସବାଶେ ଦେଇ ୪ଙ୍କା ଦାନ ଦିଆ ଯାଇଥିବା ଘରନିମିତ୍ତ ବ୍ୟୟର ଅବଶ୍ୟକ ଥିବାର ବୈକୁଣ୍ଠବାବୁ ସ୍କୁଲର ସେକ୍ରେଟରୀସ୍ୱରୂପ ରିପୋର୍ଟ କରିବାରୁ

Digitized by srujanika@gmail.com

Split by PDF Splitter

ଜଏଣ୍ଟ ଇନ୍‌ସ୍ପେକ୍ଟର ସମ୍ମୁଖ୍ୟ ହେଲେ ଏବଂ ନିୟମିତରୂପେ ସ୍କୁଲର ବିଲମାନ ପାସ କଲେ । ଏହି ଉଦ୍‌ବର୍ତ୍ତିକାର ଅର୍ଦ୍ଧେକ ଅଂଶ ଭଗବାନ୍ ବାବୁ କୁମାରଙ୍କୁ ନ ଦେବାରୁ କୁମାର ଏସବୁ କାର୍ଯ୍ୟ କରିଅଛନ୍ତି ବୋଲି ସଦଯୋଗୀ ଶୁଣି-ଅଛନ୍ତି । ଏକସଙ୍ଗରେ ଲେପ୍ରସ୍ପୋଗପୂର୍ବକ ସ୍କୁଲ ବନ୍ଦ କରିବା ଓ ତହିଁ ସଙ୍ଗେ ନୂତନ ଡୁଇଗୋଟ ସ୍କୁଲ ସ୍ଥାପନ କରିବାର ଚେଷ୍ଟାକୁ ବିଫଳ କଲେ ଉକ୍ତ କାରଣଟି ଅସଙ୍ଗତ ବୋଲି ଯାଇ ନ ପାରେ ମାତ୍ର ପକ୍ଷାନ୍ତରେ କୁମାରଙ୍କର ଅବସ୍ଥା ଓ ମର୍ଯ୍ୟାଦା ଏବଂ ଉକ୍ତଟିକା ସ୍କୁଲପରି-ଚାଳନାରେ ବ୍ୟୟ ହେଉଅଛି ବୋଲି ସେ ସ୍ୱୟଂ ରିପୋର୍ଟ କରିଥିବା କଥା ଅଥଚ ଶୁଣାଯାଉଥିବା ସର୍ବଦା ସତ୍ୟ ନ ହେବାଦୃଷ୍ଟିରେ ଉକ୍ତ କାରଣ ବିଶ୍ୱାସ କରିବାକୁ ସହସା ପ୍ରବୃତ୍ତି ହେଉ ନାହିଁ । ସଦଯୋଗୀ ମଧ୍ୟ କେନ୍ଦ୍ରସ୍ଥଳରେ ଉକ୍ତ କଥା ଶୁଣିଅଛନ୍ତି ସ୍ପଷ୍ଟ କରି ଲେଖି ନାହାନ୍ତି କିମ୍ବା ଅପଣା ମତ ପ୍ରକାଶ କରି ନାହାନ୍ତି । କୁମାର ବୈକୁଣ୍ଠନାଥ ଏପରି କାରଣରେ ଚାଳିତ ହୋଇଥିଲେ ବଡ଼ ଦୁଃଖ ଓ ଘୃଣାର ବିଷୟ ହେବ ଏବଂ ସେସ୍ଥଳେ ତାହା ପ୍ରକାଶ ହୋଇ-ଅଛି ସେସ୍ଥଳେ ତହିଁର ପ୍ରତିବାଦ କରିବା ଆବଶ୍ୟକ ତାହା ନ ହେଲେ ଅନେକ ଲୋକଙ୍କ ମନରୁ ସନ୍ଦେହ ଯିବ ନାହିଁ । ଫଳତଃ କୁମାରଙ୍କ ଅଭିପ୍ରାୟ ଯାହା ହେଉ ତାହାଙ୍କ କାର୍ଯ୍ୟ ଭିତରେ ଅନ୍ୟାୟ ହୋଇଅଛି ଏବଂ ସେ ତହିଁର ଉପଯୁକ୍ତ ପ୍ରାୟଶ୍ଚିତ୍ତ ନ କଲେ କୌଣସି ସାଧା-ରଣ କାର୍ଯ୍ୟର ଭାରଗ୍ରହଣ କରିବାକୁ ସେ ସମ୍ପୂର୍ଣ୍ଣରୂପେ ଅଯୋଗ୍ୟ ହେବେ ସନ୍ଦେହ ନାହିଁ । ଗାଲେଶ୍ୱରବାସିଙ୍କର ଏ ବିଷୟରେ ବହୁତ ପ୍ରତିକାର ଲୋଡ଼ିବାର ଉଚିତ ।

